


ସୁ କି ଜୀବିତ ଥିବା ନେଇ ସନ୍ଦେହ
ପୃଷ୍ଠା ୫



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 43 ଭାଗ ୩୪ | ସଂଖ୍ୟା ୪୩ | Tuesday 5 May 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୫ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଦିଦିଙ୍କ ଖେଳ ଖତମ୍




## ମୋଦି ମ୍ୟାଜିକ୍, ଶାହ ଷ୍ଟ୍ରାଟେଜି

## ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପଦ୍ମମୟ






### କଳିଙ୍ଗ, ଅଙ୍ଗ ପରେ ବଙ୍ଗ

### ମହିଳା ଭୋଟ୍ ନିର୍ଣ୍ଣାୟକ ସାବ୍ୟସ୍ତ

### ବିଜେପିର ଡବଲ୍ ସେଞ୍ଚୁରୀ

କୋଲକାତା, ୪।୫ (ସଂଚାର ବ୍ୟୁରୋ): ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବାଜିମାତ୍ କରିଛି। ୨୯୪ ଆସନବିଶିଷ୍ଟ ବିଧାନସଭାରେ ୨୦୬ଟି ଆସନରେ ବିଜୟ ହାସଲ କରି ବିଜେପି ପଶ୍ଚିମବଙ୍ଗରେ କ୍ରମାଗତ ତିନି ଥର ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀଙ୍କ ଦୁର୍ଗକୁ ଦୋହଲାଇ ଦେଇଛି। ଫଳରେ ଦିଦିଙ୍କ ତୃଣମୂଳ କଂଗ୍ରେସ ଚତୁର୍ଥ ଥର ପାଇଁ ସରକାର ଗଠନ କରି ରେକର୍ଡ ସଫଳତା ଅର୍ଜନ ନେଇ ଦେଖିଥିବା ସ୍ୱପ୍ନ ଆଜି ଧୂଳିସାତ୍ ହୋଇଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ୱେବସାଇଟ ଅନୁଯାୟୀ, ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ୨୦୫ଟି ଆସନରେ ବିଜୟୀ ହୋଇଛି। ଟିଏମସି ମାତ୍ର ୮୧ ଆସନ ଜିତିବାକୁ ସମର୍ଥ ହୋଇଛି। କଂଗ୍ରେସ ୨ଟି ଆସନରେ ବିଜୟୀ ହୋଇଥିବା ବେଳେ ବାମ ଓ ପୃଷ୍ଠା-୬

### ଭୟ ଉପରେ ଗଣତନ୍ତ୍ରର ବିଜୟ: ରୂପାଲି ଗାଙ୍ଗୁଲି



ପଶ୍ଚିମବଙ୍ଗରେ ବିଜେପିର ବୃହତ୍ ସଫଳତା ପରେ 'ଅନୁପମା' ଅଭିନେତ୍ରୀ ରୂପାଲି ଗାଙ୍ଗୁଲି ଫଳାଫଳକୁ ପ୍ରଶଂସା କରିଛନ୍ତି। ଏଥିସହିତ ବଙ୍ଗଳା ଭୟ ଉପରେ ଗଣତନ୍ତ୍ରକୁ ଚୟନ କରିଛି ବୋଲି ସେ କହିଛନ୍ତି। ବଙ୍ଗରେ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରିଥିବାରୁ ସେ କେନ୍ଦ୍ରୀୟ ରିଜର୍ଭ ସୁରକ୍ଷା ବାହିନୀ (ସିଆରପିଏଫ)କୁ କୃତଜ୍ଞତା ଜଣାଇଛନ୍ତି।

### ବିଜୟ ନୁହେଁ ଲୁଟ୍



ବିଜେପିର ବିଜୟ କୌଣସି ନୈତିକ ବିଜୟ ନୁହେଁ, ଏହା ହେଉଛି ଲୁଟ୍, ଲୁଟ୍ ଏବଂ ଲୁଟ୍। ପରାଜୟ ପରେ ଏହା କହିଛନ୍ତି ମମତା ବାନାର୍ଜୀ। ଏଥିସହ ସେ ନିର୍ବାଚନ କମିଶନଙ୍କୁ 'ବିଜେପି କମିଶନ' କହି ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ରୀୟ ବାହିନୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସହାୟତାରେ ବିଜେପି ୧୦୦ରୁ ଅଧିକ ଆସନ ଲୁଟ୍ କରିଛି। ହେଲେ ଆମେ ପୁଣି ଫେରିବୁ। ପରାଜୟ ସତ୍ତ୍ୱେ ତୃଣମୂଳ କଂଗ୍ରେସ ପୁଣି ଶକ୍ତିଶାଳୀ ହୋଇ ଫେରିବ ବୋଲି ବିଜେପିର ବୃହତ୍ ବିଜୟ ପରେ ରାଗରେ ନିଆଁବାଣ ପାଲଟିଥିବା ମମତା ଦୃଢୋକ୍ତି ପ୍ରକାଶ କରିଛନ୍ତି।

### ବଙ୍ଗବାସୀ ମୋ ବିଜୟ ନିଶ୍ଚିତ କରିଛନ୍ତି



୨୦୨୧ରେ ନନ୍ଦୀଗ୍ରାମରୁ ମମତା ବାନାର୍ଜୀଙ୍କୁ ଯେପରି ପରାସ୍ତ କରିଥିଲି, ଏଥର ଭବାନୀପୁରରୁ ତାଙ୍କୁ ସେପରି ପରାସ୍ତ କରିବି ବୋଲି ଭାବିଥିଲି। ଠିକ୍ ସେହିପରି ଘଟିଛି। ଭବାନୀପୁରରେ ମୁଁ ମୁସଲିମ ଭୋଟ ପାଇଲି ନାହିଁ। କିନ୍ତୁ ଭବାନୀପୁରର ଅନ୍ୟ ସମସ୍ତ ଧର୍ମର ଲୋକମାନେ ମୋର ବିଜୟ ସୁନିଶ୍ଚିତ କରିଛନ୍ତି। ନନ୍ଦୀଗ୍ରାମରେ ମୋର ଭୋଟ୍‌ର ପରିମାଣ କମ୍ କାରଣ ସେଠାରେ ମୁସଲିମ ଭୋଟରଙ୍କ ସଂଖ୍ୟା ଭବାନୀପୁର ତୁଳନାରେ ଅଧିକ ଥିଲା।

### ମମତାଙ୍କ ପାଇଁ ମୁଁ ଝିଅକୁ ହରାଇଛି: ରତ୍ନା ଦେବନାଥ



ମୋ ଝିଅର ମୃତ୍ୟୁ ପାଇଁ ମମତା ବାନାର୍ଜୀ ଏବଂ ତାଙ୍କ ଦୁର୍ନୀତିଗ୍ରସ୍ତ ଦଳର ନେତାମାନେ ଦାୟୀ। ଯେତେବେଳେ ମୁଁ ଭୋଟ ପାଇଁ ହାତ ପକାଏ ଏବଂ ସମର୍ଥନର ପ୍ରତିଶ୍ରୁତି ଦିଏ, ଲୋକମାନେ ମୋତେ ସ୍ୱାଗତ କରନ୍ତି। ମୁଁ ମୋ ଝିଅକୁ ହରାଇଛି, କିନ୍ତୁ ମୁଁ ଲୋକଙ୍କ ସେବା କରିବାକୁ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି। ମୁଁ ତାଙ୍କ ପରି ଡାକ୍ତର ନ ହୋଇପାରେ, କିନ୍ତୁ ଜଣେ ପ୍ରତିନିଧି ଭାବରେ, ମୁଁ ତାଙ୍କ ମିଶନକୁ ଜାରି ରଖିବାକୁ ଚାହୁଁଛି। ସୂଚନାଯୋଗ୍ୟ ଯେ, ବିଜେପି ପ୍ରାର୍ଥୀ ରତ୍ନା ଦେବନାଥ ପାଣିହାଟି ବିଧାନସଭା ଆସନରେ ଏକ ନିର୍ଣ୍ଣାୟକ ବିଜୟ ହାସଲ କରିଛନ୍ତି। ସେ ତୃଣମୂଳ କଂଗ୍ରେସକୁ ପରାସ୍ତ କରିବା ପାଣିହାଟି ଆସନ ଉପରେ ତୃଣମୂଳର ଦୀର୍ଘକାଳୀନ ଦଖଲକୁ ଶେଷ କରିଛନ୍ତି। ୨୦୨୪ କୋଲକାତା ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲ ମାମଲାରେ ପୀଡିତାଙ୍କ ମାଆ ଭାବରେ ସେ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ମନେ ରହିବ ଦମ୍ଦାର ବିଜୟ



ନୂଆଦିଲ୍ଲୀ,୪।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ବିଶାଳ ବିଜୟ ହାସଲ କରିଛି। ଏନେଇ ଖୁସି ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ବଙ୍ଗଳାର ବିଜେପି କର୍ମୀମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି ଯେ ୨୦୨୬ ବିଧାନସଭା ନିର୍ବାଚନ ସବୁଦିନ ପାଇଁ ମନେ ରହିବ। ଏନେଇ ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି 'ପଶ୍ଚିମବଙ୍ଗରେ ପଦ୍ମ ଫୁଟିଛି। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁଦିନ ପାଇଁ ମନେ ରହିବ। ଜନଶକ୍ତି ବିଜୟୀ ହୋଇଛି ଓ ବିଜେପିର ସୁଶାସନ ରାଜନୀତି ବିଜୟୀ ହୋଇଛି। ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଣାମ କରୁଛି। ଜନତା ବିଜେପିକୁ ଏକ ଚମତ୍କାର ଜନାଦେଶ ଦେଇଛନ୍ତି ଓ ମୁଁ ସେମାନଙ୍କୁ ଆଶ୍ୱାସନା ଦେଉଛି ଯେ ଆମ ପୃଷ୍ଠା-୬

### କର୍ମୀଙ୍କ ବଳିଦାନ ଓ ପରିଶ୍ରମର ଫଳ



ନୂଆଦିଲ୍ଲୀ, ୪।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ବିଜେପିର ବିଜୟକୁ ଐତିହାସିକ ବୋଲି କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ଏହି ବିଜୟ ବିଜେପିର ତୃଣମୂଳ ସ୍ତରର କର୍ମୀଙ୍କ ବଳିଦାନ ଓ ପରିଶ୍ରମ ଯୋଗୁ ସମ୍ଭବପର ହୋଇଛି। ବର୍ଷ ବର୍ଷ ଧରି ତୃଣମୂଳ ସ୍ତରରେ କାମ କରୁଥିବା କର୍ମୀଙ୍କ ସଂଘର୍ଷ ଆଜି ବିଜେପି ପାଇଁ ବିଜୟ ଆଣିଦେଇଛି। ଏଥିସହ ଏହି ବିଜୟ ହେଉଛି ବର୍ଷ ବର୍ଷ ଧରି ଅତ୍ୟାଚାରର ଶିକାର ହେଉଥିବା ଅସଂଖ୍ୟ ପରିବାରଙ୍କର। ପଶ୍ଚିମବଙ୍ଗରେ ଜିରୋରୁ ହିରୋ ସାଜିଥିବା ବିଜେପିର ବିଜୟ ସକାଶେ ଶ୍ରୀ ଶାହ ଦଳ ପାଇଁ ନିଜର ପୃଷ୍ଠା-୬

### ଇତିହାସ ରଚିଲେ ବିଜୟ




**ହାରିଗଲେ ଷ୍ଟାଲିନ୍**

ଚେନ୍ନାଇ, ୪।୫:ଆଜି ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ହୋଇଥିବା ଭୋଟ ଗଣତିରେ ତାମିଲଗା ଭେଟ୍ରି କାଜାଗାମ (ଟିଭିକେ) ଅଭିଜ୍ଞ ଡିଏମକେ ଓ ଏଆଇଏଡିଏମକେ ଭଳି ପୁରୁଣା ରାଜନୈତିକ ଦଳକୁ ବି ଚକ୍ମା ଦେଇଛି। ନୂଆକରି ରାଜନୀତି ମଇଦାନରେ ପାଦ ଥାପିଥିବା ଲୋକପ୍ରିୟ ଦକ୍ଷିଣ ଭାରତୀୟ ସିନେମା ତାରକା ଥାଲାପତି ବିଜୟଙ୍କ ଦଳ ଟିଭିକେ ୧୦୭ଟି ଆସନରେ ବିଜୟ ହୋଇ ରାଜ୍ୟର ରାଜନୈତିକ ବାତାବରଣକୁ ଏକପ୍ରକାର ଉଷ୍ମ କରିଦେଇଛି। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଗୋଟିଏ ଦଳକୁ ସରକାର ଗଠନ କରିବା ସକାଶେ ମ୍ୟାଜିକ୍ ଫିଗର୍ ୧୧୮ ଆସନ ଦରକାର ହେଉଥିବା ବେଳେ ରିପୋର୍ଟ ଲେଖାଯିବା ସୁଦ୍ଧା ୧୦୭ଟି ଆସନରେ ଜିତି ବିଜୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପୃଷ୍ଠା-୬

### ହିମନ୍ତଙ୍କ ହ୍ୟାଟ୍ରିକ୍



ଦିସ୍‌ପୁର, ୪।୫:ଆସାମରେ ବିଜେପି ହ୍ୟାଟ୍ରିକ୍ ସରକାର ଗଢ଼ିବା ସ୍ପଷ୍ଟ ହୋଇଛି। ଚଳିତ ବିଧାନସଭା ନିର୍ବାଚନରେ ଆସାମ ବିଜେପି ୧୦୨ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ନେତୃତ୍ୱାଧୀନ ମେଣ୍ଟ 'ନେଦା' ୧୦୦ରୁ ଅଧିକ ଆସନ ଅକ୍ତିଆର କରିଛି। ଫଳରେ ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବା ଚିତ୍ର ସ୍ପଷ୍ଟ ହୋଇଛି। ଗୌରବ ଗୋଗୋଇଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିବା କଂଗ୍ରେସକୁ ମାତ୍ର ୧୯ଟି ଆସନ ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱ ଶର୍ମା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜାଲୁକବାରି ଆସନରୁ ୮୦ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ତାଙ୍କର ପ୍ରତିପକ୍ଷ କୁହାଯାଉଥିବା ଆସାମ କଂଗ୍ରେସର ମୁଖ୍ୟ ଗୌରବ ଗୋଗୋଇ ଜୋରହାଟ ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ହିତେନ୍ଦ୍ରନାଥ ଗୋସ୍ୱାମୀଙ୍କଠାରୁ ୨୩,୧୮୨ ଭୋଟ୍‌ରେ ପରାସ୍ତ ହୋଇଛନ୍ତି। ଆସାମରେ ବିଜେପିର ଅଭୂତପୂର୍ବ ବିଜୟ ପାଇଁ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଆସାମର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ବିପୁଳ ମତଦାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି।

### ଝାଲମୁଢ଼ିରେ ବିଜୟ ଉତ୍ସବ

- ଆମ ପ୍ରତିବଦ୍ଧତାର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ
- ଭୟମୁକ୍ତ ଶାସନର ଶୁଭାରମ୍ଭ: ମନମୋହନ



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ): ଆଜିର ଏହି ଐତିହାସିକ ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ। ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ପରିବର୍ତ୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଏହି ସଫଳତା ପ୍ରମାଣ କରୁଛି ଯେ ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି ବୋଲି ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଆଜିର ଏହି ବିଜୟ ଉତ୍ସବ ହେଉଛି ନୂଆ ସଂକଳ୍ପ ନେବାର ସମୟ। ଆମେ ଗରିବ, ଚାଷୀ ଓ ମହିଳାମାନଙ୍କ ସଶକ୍ତିକରଣ ପାଇଁ କାମ କରିବା। ପ୍ରତିଟି ଗାଁ ଓ ସହରରେ ବିକାଶର ଧାରାକୁ ପହଞ୍ଚାଇବା ଆମର ଲକ୍ଷ୍ୟ। ଆମେ ମିଳିମିଶି ଏକ ପୃଷ୍ଠା-୬

### ସାକାର ହେବ 'ସୋନାର ବାଂଲା' ସ୍ୱପ୍ନ



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ଦମ୍‌ଦାର ବିଜୟ ହେଉଛି ବଙ୍ଗୀୟବାସୀଙ୍କ ବିଜୟ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଓ ଅହଂକାର ବିରୋଧରେ ବଙ୍ଗବାସୀ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଥିବାରୁ ସେ ରାଜ୍ୟର ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ମହିଳାମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ଓ ଶାସକ ଦଳର ନେତାଙ୍କ ସମ୍ବେଦନହୀନ ମନ୍ତବ୍ୟକୁ ବଙ୍ଗର ନାରୀଶକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି। ମହିଳାଙ୍କ ସମ୍ମାନ ରକ୍ଷା କରିବାରେ ମମତା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମମତା ବାନାର୍ଜୀଙ୍କ ସରକାର ସର୍ବଦା ଜନଜାତି ବର୍ଗର ସ୍ୱାର୍ଥକୁ ଅଣଦେଖା ପୃଷ୍ଠା-୬



● ହାଇୱା ସହ ପିଟିହେଲା ବରଯାତ୍ରୀ ଗାଡ଼ି

### ଚାଲିଗଲା ୫ ଜୀବନ, ୭ ଗୁରୁତର

ଯାଜପୁର,୪।୫(ସଂଚାର ବ୍ୟୁରୋ): ବିବାହ ସାରି ବରଯାତ୍ରୀ ଗାଡ଼ି ଫେରିବା ସମୟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦ୍ରୁତ ଗତିରେ ଯାଉଥିବା ବରଯାତ୍ରୀ ବୋଝେଇ ବୋଲେରୋଟି

**୪ ଲକ୍ଷର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ରାସ୍ତା କଡ଼ରେ ପୂର୍ବରୁ ଛିଡ଼ା ହୋଇଥିବା ହାଇୱାକୁ ପଛପଟରୁ ଧକ୍କା ଦେଇଛି। ଫଳରେ ଏଥିରେ ୫ ବରଯାତ୍ରୀଙ୍କ ଜୀବନ ଚାଲିଯାଇଛି। ଏହାଛଡ଼ା ଏହି ଭୟଙ୍କର ଦୁର୍ଘଟଣାରେ ବୋଲେରୋ ଡ୍ରାଇଭର୍‌ଙ୍କ ସମେତ ମୋଟ ୭ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଆଜି ସକାଳ ସମୟରେ ଯାଜପୁର ଜିଲ୍ଲା ୫୩ ନଂ ଜାତୀୟ ରାଜପଥ ବରଡ଼ା ବେହେରା ଟାଙ୍କି ଛକ ନିକଟରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା। ବଡ଼ଚଣା ଥାନା ଶାସନପୁରୁଷୋତ୍ତମପୁର ଗାଁର କେତେକ ଲୋକ ଗତକାଲି କେଉଁଝର ଅଞ୍ଚଳକୁ ବିବାହ ଉତ୍ସବରେ ଯୋଗଦେବା ସକାଶେ ବରଯାତ୍ରୀ ଭାବେ ପୃଷ୍ଠା-୬

## ଆଞ୍ଚଳିକ ଦଳ ରାଜନୀତିର ଯୁଗ ଶେଷ

### ବିଜେଡି ପରେ ଆଉ ତିନି ଦଳ କ୍ଷମତାରୁ ବିଦା

### ୨୦୨୯ରେ କଂଗ୍ରେସ-ବିଜେପି ଲଢ଼େଇ



ଭୁବନେଶ୍ୱର, ୪।୫ (ସଂଚାର ବ୍ୟୁରୋ) : ଚାରି ରାଜ୍ୟର ବିଧାନସଭା ଫଳାଫଳ ପ୍ରକାଶ ପରେ ଭାରତୀୟ ରାଜନୀତିରୁ ଆଞ୍ଚଳିକ ଦଳର ଯୁଗ ଏକପ୍ରକାର ଶେଷ ହୋଇଯାଇଛି ବୋଲି କହିଲେ ଚଳେ। ଦୁଇ ବର୍ଷ ତଳେ ୨୫ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ନିର୍ବାଚନ ହାରିବା ପରେ ଆଜି ତୃଣମୂଳ କଂଗ୍ରେସ, ଡିଏମକେ, ଏଆଇଏଡିଏମକେ ଭଳି ଶକ୍ତିଶାଳୀ ଆଞ୍ଚଳିକ ଦଳ ମଧ୍ୟ ପରାସ୍ତ ହୋଇ କ୍ଷମତାରୁ ବିଦା ହୋଇଛନ୍ତି। ଏହାଛଡ଼ା ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ଆରଜେଡି, ଜେଡିୟୁ, ଆପ୍, ସମାଜବାଦୀ ପାର୍ଟି, ବହୁଜନ ସମାଜବାଦୀ ପାର୍ଟି, ଅକାଳୀ ଦଳ, ଟିଆରଏସ୍ ଭଳି ଆଞ୍ଚଳିକ ଦଳ ଏବେ ବିଲୁପ୍ତ ପଥରେ।

ଏକଦା ଦେଶର ବଡ଼ ବଡ଼ ରାଜ୍ୟ ବିଶେଷକରି ଉତ୍ତର ପ୍ରଦେଶ, ପଞ୍ଜାବ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଆଞ୍ଚଳିକ ଦଳମାନଙ୍କର ଦବ୍‌ଦବା ରହିଥିଲା। ଆଞ୍ଚଳିକ ଦଳର ସହଯୋଗ ବିନା ଦେଶରେ କୌଣସି ବଡ଼ ନିଷ୍ପତ୍ତି ହୋଇପାରୁ ନ ଥିଲା। ଏପରିକି ପ୍ରଧାନମନ୍ତ୍ରୀ ନିଯୁକ୍ତି ମଧ୍ୟ ଏମାନଙ୍କ ଉପରେ ନିର୍ଭର କରୁଥିଲା। ପ୍ରଥମେ ଓଡ଼ିଶାରୁ ବିଜେଡି କ୍ଷମତାରୁ ବିଦା ହେବା ପରେ ପାଳି ପଡ଼ିଥିଲା ଆରଜେଡି ଓ ଜେଡିୟୁର। ଉଭୟ ଓଡ଼ିଶା ଓ ବିହାରର ଶାସନ ଏବେ ବିଜେପି ହାତରେ। ଓଡ଼ିଶାରେ ବିଜେପି ଏକାକୀ କ୍ଷମତାରେ ଥିବା ବେଳେ ବିହାରରେ ଜେଡିୟୁ ସହ ଦଳ ମେଣ୍ଟ କରିଛି। ତେବେ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରୁ ତୃଣମୂଳ କଂଗ୍ରେସ ଏବଂ ତାମିଲନାଡୁରୁ ଡିଏମକେ, ଏଆଇଏଡିଏମ୍ ଭଳି କ୍ଷମତାରୁ ହଟିଛନ୍ତି।

ଅନ୍ୟପକ୍ଷରେ ପ୍ରଥମେ ଦିଲ୍ଲୀ ଓ ପରେ ପଞ୍ଜାବରେ କ୍ଷମତାକୁ ଆସିଥିବା ଆପ୍ ଏବେ ଛିଡ଼ି ଛିଡ଼ି ଯାଉଛି। ଆପ୍‌ର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜେରିୱାଲଙ୍କ ସମେତ ଏକାଧିକ ମନ୍ତ୍ରୀ ଜେଲ୍ ଯିବା ପରେ ଦିଲ୍ଲୀରୁ ଆପ୍ କ୍ଷମତାରୁ ବିଦା ହୋଇଥିଲା। ପଞ୍ଜାବରେ ଏହି ଦଳ କ୍ଷମତାରେ ଥିବା ବେଳେ ଏବେ ଏକାଥରକେ ଦଳର ୭ ଜଣ ରାଜ୍ୟସଭା ସାଂସଦ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ଏମାନଙ୍କ ଦଳ ଛାଡ଼ିବା ପରେ ଆପ୍ ଦୁର୍ବଳ ହେବାରେ ଲାଗିଛି। ଆନ୍ଧ୍ର ପ୍ରଦେଶରେ ୱାଇଏସଆର କଂଗ୍ରେସ ଓ ତେଲଙ୍ଗାନାରେ ଟିଆରଏସ ଆଉ ଉଧେଇବା ସ୍ଥିତିରେ ନାହାଁନ୍ତି।

ସେହିଭଳି ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାରର ପତନ ଘଟିଥିବା ବେଳେ ତାମିଲନାଡୁରେ ଡିଏମକେ ଶାସନର ଅନ୍ତ ଘଟିଛି। ପୃଷ୍ଠା-୬

## କେନ୍ଦ୍ରାପଡ଼ାକୁ ପ୍ରତିନିଧିତ୍ୱ କରି ଗୌତମ ସମ୍ମାନିତ



କେନ୍ଦ୍ରାପଡ଼ା, ୪।୫ (ସଂଚାର ବ୍ୟୁରୋ)ଃ ପୁରୀ ଠାରେ ଆୟୋଜିତ ବିବେକାନନ୍ଦ ଯୁବଶକ୍ତି ସଂଗଠନର ରାଜ୍ୟସ୍ତରୀୟ ସମ୍ମିଳନୀରେ ରବିବାର ଉଦଯାପିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶକୁ ଭଲ ପାଉଥିବା ୩୦ ଜିଲ୍ଲାରୁ ଯୁବକମାନେ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଗୌତମ ସାହୁଙ୍କୁ ତାଙ୍କର ଚିନ୍ତା ଓ ଚେତନା ପାଇଁ ସମ୍ମାନିତ କରାଯାଇଛି।

## ପିଏମଶ୍ରୀ କୋରୋ ହାଇସ୍କୁଲ ଛାତ୍ରଙ୍କ କୃତିତ୍ୱ



କେନ୍ଦ୍ରାପଡ଼ା,୪।୫(ସଂଚାର ବ୍ୟୁରୋ)ଃ ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ କୁମାର ନାୟକ ଚଳିତ ବାର୍ଷିକ ମାଟ୍ରିକ ପରୀକ୍ଷାରେ ୮୩ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଶ୍ରୀ ନାୟକ ସ୍ଥାନୀୟ କୋରୋ ଗ୍ରାମର ରଞ୍ଜନ କୁମାର ନାୟକ ଓ ଗାୟତ୍ରୀ ନାୟକଙ୍କ ସୁପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର,ବରିଷ୍ଠ ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ, ରଞ୍ଜନ ମଳିକ, ଶିକ୍ଷାବିତ ହରେକୃଷ୍ଣ ସିଂହ, ସୁରେଶ ଦାସ ପ୍ରମୁଖ ସ୍ଥାନୀୟ ରାଜନେତା ଶଶାଙ୍କ ଓଝା ଓ ସଞ୍ଜୀବ ମଳିକ ପ୍ରମୁଖଙ୍କ ସହ ତାଙ୍କ ବାସଗୃହରେ ପହି ପୁଷ୍ପଗୁଚ୍ଛ ଓ ଉରୀୟ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମାନ ଶୁଭ୍ରାଂଶୁ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ବାପାମାଙ୍କ ସ୍ୱପ୍ନକୁ ସାକାର କରିବେ ବୋଲି କହିଛନ୍ତି ।

## ମାରୁତି ଯୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ମହାକାଳପଡ଼ା,୪।୫(ସଂଚାର ବ୍ୟୁରୋ)ଃ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ,ଓଡିଶା ପକ୍ଷରୁ ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଏ ଓ୍ୱାନ୍ ଗ୍ରେଡ ପାଇଁ କୃତୀତ୍ୱର ସହ ପାସକରି କେନ୍ଦ୍ରାପଡ଼ା ଜିଲ୍ଲାର ସୁନାମ ବଢାଇଥିବା ସୁଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ମାରୁତି ଯୁଥ ସେବା ଟ୍ରଷ୍ଟ ପକ୍ଷରୁ ଫୁଲତୋଡ଼ା, ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ୫୭୧ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବା ମହାକାଳପଡା ବ୍ଲକ ଖରିନାସୀ ଉଚ୍ଚ ବିଦ୍ୟାଳୟର ସୁଯୋଗ୍ୟ ଛାତ୍ର ଦେବଦର୍ଶୀ ମଣ୍ଡଳ, ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଅଙ୍କିତା ଚୌଧୁରୀ ଙ୍କୁ ସେମାନଙ୍କ ଘରେ ପହଞ୍ଚି ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ସଭାପତି ସୁଧୀର କୁମାର ସ୍ୱାଇଁ, ଅକ୍ଷୟ କୁମାର ବେହେରା, ବାବାଜୀ ସାହୁ, ଆଲୋକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପର୍ଯ୍ୟାୟକ୍ରମେ ସମସ୍ତ ଏ ଓ୍ୱାନ୍ ଗ୍ରେଡ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି କୁହାଯାଇଛି।

## ଆଇଓସିଏଲ ସିଏସାର ତରଫରୁ ଆବର୍ଜନା କୁଣ୍ଡ ପ୍ରଦାନ



ମହାକାଳପଡ଼ା, ୪।୫ (ସଂଚାର ବ୍ୟୁରୋ)ଃ ପାରାଦ୍ୱୀପ ସ୍ଥିତ ଆଓସିଏଲର କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ମହାକାଳପଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ଆବର୍ଜନା କୁଣ୍ଡ ମାନ ପ୍ରଦାନ କରାଯାଇଛି। ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାରୁତି ଯୁଥ ସେବା ଟ୍ରଷ୍ଟ ମାଧ୍ୟମରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବଟମହା ପୁରୁଷ ଉଚ୍ଚ ବିଦ୍ୟାଳୟ ବଡ଼ଗାଁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରମକୁଳ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆଇତିପୁର, ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ ବଡକୁଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡକୁଳ ଓ ବଡକୁଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଚକଲଗା ବଡ଼ବଡ଼ ପ୍ଲାଷ୍ଟିକ ଆବର୍ଜନା କୁଣ୍ଡ ମାନ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ସଂପାଦକ ସୁଧୀର କୁମାର ସ୍ୱାଇଁ, ବାବାଜୀ ସାହୁ, ସଂଗ୍ରାମ ଲେଙ୍କା, ଅରକ୍ଷିତ ରାଉତ, ଆଓସିଏଲ ସଂଯୋଜକ ଅକ୍ଷୟ କୁମାର ବେହେରାଙ୍କ ସହିତ ଡ଼ାଃ ପ୍ରମୋଦ ବିହାରୀ ପତି, କଳ୍ପତରୁ ସାହୁ, ମିତାରାଣୀ ସ୍ୱାଇଁ, ସଂଘମିତ୍ରା ସିଂହ , ବିମଳେନ୍ଦୁ ଆଚାର୍ଯ୍ୟ ଓ ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର କଲେ ଦୁଷ୍ମନ୍ତ

### ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ

କେନ୍ଦ୍ରାପଡ଼ା,୪।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବିକରି ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଚଳାଇଥିବା ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ପ୍ରଶାସନ ନିକଟରୁ ପ୍ରତିଶ୍ରୁତି ପାଇବା ପରେ ରବିବାର ତାଙ୍କ ଅନଶନକୁ ପ୍ରତ୍ୟାହାର କରିନେଇଛନ୍ତି।

ଆଜି ତହସିଲଦାର ଅନଶନସ୍ଥଳରେ ପହଞ୍ଚି ଏକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଦୁଷ୍ମନ୍ତ ଅନଶନକୁ ପ୍ରତ୍ୟାହାର କରିନେଇଥିଲେ। ପ୍ରଶାସନ ଦୁର୍ନୀତିକୁ ଚପାଇ ରଖି ଦୁର୍ନୀତି କରିଥିବା କର୍ମୀଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରତିବାଦରେ ଅପ୍ରେଲ ମାସ ୨୦ ତାରିଖ ଠାରୁ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ କରିଥିବା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପ୍ରଥମେ ଧାରଣା ଦେଇଥିବା ଦୁଷ୍ମନ୍ତ ଅପ୍ରେଲ ମାସ ୨୭ତାରିଖ ଠାରୁ ଆଳି ସିଡିପିଓଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିରହିଥିଲେ । ତାଙ୍କ ଦାବି ପୁରଣ କରାନଗଲେ ଅନଶନ ସ୍ଥଳରେ ମଇମାସ ୬ ତାରିଖ ବୁଧବାର ଦିନ ସକାଳ ୧୦ ଘଟିକା ସମୟରେ ଆଳି ସିଡ଼ିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ




ଆତ୍ମଦାହ କରିବାକୁ ବାଧ୍ୟ ହେବେ ବୋଲି ପ୍ରଶାସନକୁ ଦୁଷ୍ମନ୍ତ ଚେତାବନୀ ଦେଇଥିଲେ। ଏହାଜାଣିବା ପରେ ଜିଲ୍ଲାପାଳ ଏକ ଉଚ୍ଚସ୍ତରୀୟ ବୈଠକରେ ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଏସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ସେହି ଅନୁଯାୟି ଆଜି ତହସିଲଦାର ଅନଶନସ୍ଥଳରେ ପହି ଦୁଷ୍ମନ୍ତଙ୍କୁ ଏକ ଲିଖିତ ପ୍ରତିଶ୍ରୁତି ଦେଇ ଉପଜିଲ୍ଲାପାଳଙ୍କୁ ସୋମବାର ତାଙ୍କ କାର୍ଯ୍ୟାଳୟରେ ଭେଟିବାକୁ କହିଥିଲେ । ତେଣୁ ଦୁଷ୍ମନ୍ତ ତାଙ୍କ ଅନଶନକୁ ପ୍ରତ୍ୟାହାର କରିନେଇଥିଲେ ।

ଆଜି ଦୁଷ୍ମନ୍ତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମସ୍ତ ତଥ୍ୟପ୍ରମାଣ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ନାୟକ କହିଲେ ଡେପୁଟୀ କଲେକ୍ଟରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ସେହି କମିଟି ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗକାରୀ ଦୁଷ୍ମନ୍ତ କହିଛନ୍ତି ଯେ ଏକମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେ ପୁନର୍ବାର ଅନଶନରେ କରିବେ।

## ଜିଲ୍ଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର



ମାର୍ଶାଘାଇ,୪।୫ (ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା,ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ପଞ୍ଚାୟତ ସମିତି ଚେୟାରମ୍ୟାନ ମଧୁସ୍ମିତା ସାମଲ, ଭାରପ୍ରାପ୍ତ ବିଡିଓ ଇତିଶ୍ରୀ ପଣ୍ଡା, ତହସିଲଦାର ଶ୍ରୀକାନ୍ତ ପରିଜା, ସହକାରୀ ଉପଜିଲ୍ଲାପାଳ ସରୋଜ କୁମାର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ ।

ଏହି ଶିବିରରେ ୭୫ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରୁ ସାମୁହିକ ଅଭିଯୋଗ ୧୫ ଗୋଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୬୦ ଗୋଟି ଅନ୍ତର୍ଭୁକ୍ତ । ଅନୁଦାନ ମଂଜୁର ସତ୍ୱେ ଦୁମୁକା ସୋସାଇଟି ଗୋଦାମଗୃହ ନିର୍ମାଣରେ ବିଳମ୍ବ ହେଉଥିବା, ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ଜମି ଜବରଦଖଲ ହଟେଇବା, ସେହି ବିଦ୍ୟାଳୟର ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ଚାଲୁଥିବାରୁ ରାସ୍ତାକୁ ଉଚ୍ଚ ଏବଂ ପ୍ରଶସ୍ତ କରିବା ପାଇଁ ଦାବୀ ଅନ୍ତର୍ଭୁକ୍ତ । ହାଇସ୍କୁଲ ନିକଟ ଜଳାଶ୍ରୟକୁ ପୋତି ବନ୍ଦ କରାଯାଇଥିବାରୁ ଜଳ ନିଷ୍କାସନ ସମସ୍ୟା ଏବଂ ଜମିରେ ଜଳ ବୁଡ଼ି ସମସ୍ୟା ଉପୁଜିବ ବୋଲି ଦୁଇଟି ଅଭିଯୋଗ ହୋଇଛି । ଡଅଁରମୁଣ୍ଡ ଗ୍ରାମକୁ ସଂଗ୍ରାମପୁର ପାନୀୟଜଳ ପ୍ରକଳ୍ପରୁ ପାଣି ସଠିକ ମାତ୍ରାରେ ଯାଉ ନାହିଁ, ଶିଳିପୁର ସ୍କୁଲରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନାର ଗୃହନିର୍ମାଣର ପୁନଃ ଟେଣ୍ଡର କରିବା ଆଦି ଅଭିଯୋଗ ହୋଇଛି। ଗରଜଙ୍ଗା ଉଚ୍ଚ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ, ବେରୁହାଁ ପଞ୍ଚାୟତଅଫିସ ଜାଗାର ପଟ୍ଟା ପ୍ରଦାନ, ବନ୍ଧକଟାରେ ଜବରଦଖଲ ଉଚ୍ଛେଦ, ପୋତାରୀ କେତୁକାଚାନ୍ଦ ସ୍କୁଲ ପୋଖରୀ ପୋତିବା, କୁଆଁରପାଳ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣକୁ ବିରୋଧ, ମାର୍ଶାଘାଇ ୧୮ ବି ଶାଖା କେନାଲକୁ ପରିଷ୍କାର କରିବା ପାଇଁ ଜଳସମ୍ପଦ ବିଭାଗ ପଦକ୍ଷେପ ନେବା ଆଦି ସାମୁହିକ ସମସ୍ୟା ଅଭିଯୋଗ ହୋଇଛି । ଆବାସ ଯୋଜନା, ଜମିଜମା ସମସ୍ୟା ଆଦି ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା ।

## ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ



କେନ୍ଦ୍ରାପଡା,୪।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ପକ୍ଷରୁ ତିନିମୁହାଣୀ ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି । ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଜଣାପଡିବା ପରେ ବିଶେଷକରି ଆସାମରେ ପୁନର୍ବାର କ୍ଷମତା ବଜାୟ ରଖିବା ସହ ବହୁ ବିତର୍କିତ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ବିଜେପି ଓ ତାର ସମର୍ଥକ ମାନଙ୍କୁ ଆଶାତୀତ ସଫଳତା ପ୍ରଦାନ କରିଛି । ଏହି ଅବସର ରେ ବିଜେପି ଜିଲ୍ଲା କର୍ମକର୍ତା ମାନଙ୍କ ସହ ସାଧରଣ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁ ମାନେ ମଧ୍ୟ ପଶ୍ଚିମବଙ୍ଗ ରେ ୨୦୦ ସିଟ୍‌ରୁ ଅଧିକ ଜିତିବା ଜଣାପଡିବା ପରେ ବାଜା, ବାଣ ଫୁଟାଇ ପରସ୍ପରକୁ ମିଠା ଖୁଆଇ ଓ ଅବିର ବୋଳାବୋଳି ହୋଇ ପରସ୍ପରକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ବିଧାନସଭା କ୍ଷେତ୍ରର ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, ସଂଖ୍ୟାଲଘୁ ନେତା ସଲିମ ଖାନଙ୍କ ସମେତ ଦଳୀୟ କର୍ମକର୍ତା ମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ସହରର ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିଜୟ ଉତ୍ସବ ପାଳନ ପୂର୍ବକ ପଦଯାତ୍ରା କରିଥିଲେ ।

## ମହାକାଳପଡ଼ାରେ ବିଜୟ ଉତ୍ସବ ପାଳନ




ମହାକାଳପଡ଼ା,୪।୫(ସଂଚାର ବ୍ୟୁରୋ)ଃ ଅଙ୍ଗ, କଳିଙ୍ଗ ଓ ବଙ୍ଗରେ ବିଜେପିର ବିପୁଳ ବିଜୟ ଅବସରରେ ଆଜି ମହାକାଳପଡ଼ା ବିଜେପି ତରଫରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ବିଜେପି କର୍ମକର୍ତ୍ତା ଓ ଛାମୁଆ ନେତାମାନେ ବାଣ ଫୁଟାଇ ଓ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ସେଠି ଗଣମାଧ୍ୟମକୁ କହିଥିଲେ ଯେ, ଯଦି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ବିପୁଳ ସଂଖ୍ୟାରେ ବିଜୟୀ ହୋଇନଥାନ୍ତା, ତେବେ ପଶ୍ଚିମବଙ୍ଗ ନିଶ୍ଚିତ ଭାବେ ପାକିସ୍ତାନ ସହିତ ମିଶିଯାଇଥାନ୍ତା। ବୋଲି ସେ ଦାବି କରିଥିଲେ।

ଏହି ଉତ୍ସବରେ ବରିଷ୍ଠ ବିଜେପି ନେତା ପ୍ରତାପ ପାଇକରାୟ, ସରୋଜ କାନ୍ତ ସାହୁ, ପ୍ରଦୀପ ସେଠୀ, ସୌବାଲ୍ୟ ବାହାଲିଆ, ପ୍ରଦୀପ ଚୌଧୁରୀ, ତ୍ରିଲୋଚନ ରାଉତ, ରତିକାନ୍ତ ପଣ୍ଡା, ପ୍ରଜ୍ଞା ପରମିତା କର, ପ୍ରତିମା ନାୟକ, ଅଭୟ ପରିଡା, ସୁଶାନ୍ତ ବିଶ୍ୱାଳ, ନଗେନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ସ୍ୱାଇଁ ସହିତ ଙ୍କ ସହିତ ଅନେକ ବିଜେପି କର୍ମୀ ଯୋଗଦେଇଥିଲେ।

## ସୁଭଦ୍ରା ସହାୟତା ରାଶି ପ୍ରଦାନ



ଯାଜପୁ,୪।୫(ସଂଚାର ବ୍ୟୁରୋ)ଃ ଆଜି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ୧୩୪୫ ଜଣଙ୍କୁ ପ୍ରଥମ କିସ୍ତି, ୧୩୭୭ ଜଣଙ୍କୁ ଦ୍ୱିତୀୟ କିସ୍ତି, ୬୦୨୭ ଜଣଙ୍କୁ ତୃତୀୟ କିସ୍ତିର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଂଶୁଘାତରୁ ରକ୍ଷା ପାଇଁ ଦହି ସରବତ ବଣ୍ଟନ




କେନ୍ଦ୍ରାପଡ଼ା,୪।୫(ସଂଚାର ବ୍ୟୁରୋ)ଃ ପ୍ରଚଣ୍ଡ ରୌଦ୍ରତାପକୁ ମୁକାବିଲା କରିବା ପାଇଁ ରାଜ୍ୟସରକାର ଓ ବିଭିନ୍ନ ସଂଗଠନ ଦ୍ୱାରା ବିଭିନ୍ନ ଛକ ଓ ଜନ ଗହଳି ସ୍ଥାନରେ ସାଧାରଣ ଜନତାଙ୍କୁ ସଚେତନ କରାଯାଉଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାର ସୁନାମଧନ୍ୟ ସାମାଜିକ ସଂଗଠନ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡ଼ା ସହରର ଗୋପ ହାଟ ବଜାରରେ ରବିବାର ଅନୁଷ୍ଠାନିକ ଭାବେ ଜଳଛତ୍ର ଖୋଲା ଯିବା ସହ ଦହି ସରବତ ଓ ଓଆରଏସ ବଣ୍ଟନ କରାଯାଇଛି । ଏହି ସାମାଜିକ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଙ୍କ ସମେତ ସଦର ଥାନା ଅଧିକାରିଣୀ ଯୋଗଦେଇ ଏହି ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ । ଟ୍ରଷ୍ଟର ସଭାପତି ଯୁବ ସମାଜସେବୀ ସ୍ମୃତି ରଞ୍ଜନ ଜେନା, ଉପଦେଷ୍ଟା ସାମ୍ବାଦିକ ଅକ୍ଷୟ କୁମାର ପାଣି,ପ୍ରଭାତ କୁମାର ଲେଙ୍କା, ସୁରେଶ ପୃଷ୍ଟିଙ୍କ ସମେତ ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇ ସଚେତନ କରାଇଥିଲେ ।

# କାର୍ଯ୍ୟକ୍ଷମ ହେଉନି ସୁକିନ୍ଦା ବିହନ ଫାର୍ମ

### ସ୍ଥିତି ନ ସୁଧୁରିଲେ ଧାରଣା ଚେତାବନୀ

ଯାଜପୁର,୪।୫(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା ସୁକିନ୍ଦା ବିହନ ଫାର୍ମ କାର୍ଯ୍ୟକ୍ଷମ ହେଉନି । ଆଜି ପ୍ରମୁଖ ଶାସନ ସଚିବଙ୍କୁ ସିଭିଲ ସୋସାଇଟି ପକ୍ଷରୁ ସୁକିନ୍ଦା ବିହନ ଫାର୍ମ କାର୍ଯ୍ୟକ୍ଷମ ଦାବି କରାଯାଇଛି । ଏହା ସର୍ବ ବୃହତ ଉତ୍ପାଦନ କ୍ଷେତ୍ର । ହେଲେ ପ୍ରଶାସନର ଉଦାସୀନତା ଯୋଗୁଁ ସୁକିନ୍ଦା ବିହନ ଫାର୍ମ ଜରାଜିର୍ଣ୍ଣ ଅବସ୍ଥାରେ ପଡି ରହିଛି ।

ସୂଚନା ଯୋଗ୍ୟ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ମଠ ଛକ ଠାରେ ସୁକିନ୍ଦା ବିହନ ଫାର୍ମ ରହିଛି । ତେବେ ଫାର୍ମ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ପ୍ରାୟ କୋଡିଏଟି ଗାଁ ଶ୍ରମିକଙ୍କ ଜୀବନ ଜିବିକା ଅନ୍ଧାରରରେ ଗତି କରୁଛି। ଅପରପକ୍ଷରେ ବିହନ ଫାର୍ମ ରେ ଷ୍ଟାଫ କ୍ୱାଟର, ଲାଇନ, ପାଣି ସହ ଲକ୍ଷ ଲକ୍ଷ ଟଙ୍କାର ଭିର୍ତ୍ତିଭୂମି ପଡିରହିଛି । ଧାନ




ଖୋଲା ଠାରୁ ଗୋଦାମ ଗୃହ ମଧ୍ୟ ନିର୍ମାଣ ହୋଇଛି । ରେଙ୍ଗାଲି କେନାଲ ର ଜଳ ବିହନ ଫାର୍ମ ଜମିର ଛାତି ଉପରେ ମାଡୁଛି। ବିହନ ଫାର୍ମରେ ଜଳ ବ୍ୟବସ୍ଥା ପାଇଁ ମଧ୍ୟ ସରକାର ସିଙ୍ଗଡ଼ିଆ ସନ୍ନିକୋଟରେ ଏକ ବନ୍ଧ କରି ପାଣିକୁ ଅଟକ ରଖି ଚାଷ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବାକୁ ଯୋଜନା କରାଯାଇଛି । ତଥାପି ପୂର୍ବପରି ବିହନ ଫାର୍ମରେ ହେଉଥିବା ଧାନ, ମୁଗ ବିରି, ବାଜରା, ଚିନାବାଦାମ, କୋଳଥ, ଶୋରିଷ, ଧଣ୍ଡିଚା ପ୍ରଭୃତ୍ତ ଚାଷ ବନ୍ଦ ହୋଇଯାଇଛି । ଏହାକୁ ନେଇ ଶ୍ରମିକଙ୍କ ଠାରେ ଅସନ୍ତୋଷ ଦେଖାଦେଇଛି।

ସିଭିଲ ସୋସାଇଟି ସମ୍ପାଦକ ତଥା ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଙ୍ଘ ଉପଦେଷ୍ଟା ବିଶ୍ୱନାଥ ପାତ୍ର ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷି ଓ କୃଷକ ଶସକ୍ତକରଣ ବିଭାଗର ପ୍ରମୁଖ ସଚିବଙ୍କ ନିକଟରେ ଏଭଳି ଦାବୀ କରାଯାଇଛି। ଯଦି ଏକ ସପ୍ତାହ ମଧ୍ୟରେ ବିହନ ଫାର୍ମକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା ନ କରାଯାଏ ତେବେ କୃଷି ଭବନ ସାମ୍ନାରେ ଧାରଣା ଦିଆଯିବ ବୋଲି ସିଭିଲ ସୋସାଇଟି ଚେତାବନୀ ଦେଇଛନ୍ତି ।

## ପଟ୍ଟାମୁଣ୍ଡାଇ ବିଜେପିର ବିଜୟ ଉତ୍ସବ



ପଟ୍ଟାମୁଣ୍ଡାଇ,୪।୫(ସଂଚାର ବ୍ୟୁରୋ)ଃ ସଦ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ଟି ରାଜ୍ୟରେ ବିଜେପି ସଫଳତା ହାସଲ କରିବା ସହିତ ବିଶେଷ କରି ପଶ୍ଚିମବଙ୍ଗ ଓ ଆସାମରେ ବୃହତ ବିଜୟ ହାସଲ କରିଛି । ଏଇ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ନିକଟରୁ ବିଜେପି ନେତା ଓ କର୍ମୀମାନେ ବାଜା ବଜାଇ ବାଣ ଫୁଟାଇ ଶୋଭାଯାତ୍ରାରେ ବାହାରି ପଟାମୁଣ୍ଡାଇ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲେ ।

ଏହି ବିଜୟ ଶୋଭାଯାତ୍ରାରେ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ସମେତ ବହୁ ବିଜେପି ନେତା, କର୍ମକର୍ତ୍ତା ଜୟ ଶ୍ରୀରାମ ଧ୍ୱନି ଦେଇ ବିଜୟ ଉତ୍ସବ ପାଳନ କରିବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ । ବିଜେପିର ବିପୁଳ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ହିଞ୍ଜିଳି ବିଜେପିର ବିଜୟ ଉତ୍ସବ



ହିଞ୍ଜିଳିକାଟୁ,୪।୫(ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ପାର୍ଟିର ବିଭିନ୍ନ ରାଜ୍ୟରେ ଭାରୀ ବହୁମତରେ ବିଜୟୀ ଉତ୍ସବ ହିଞ୍ଜିଳି ବିଜେପି ପାଳିଛି। ବିଜୟ ଉତ୍ସବକୁ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଧୁମଧାମରେ ପାଳନ କରାଯାଇଥିଲା। ବିଜେପି କର୍ମୀମାନେ ସହର ପରିକ୍ରମା କରିଥିଲେ। ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ,ପୂର୍ବତନ ଉପସଭାପତି ମାଧବ ଗୌଡ଼,ନଗର ମଣ୍ଡଳ ସଭାପତି ସୁଧାଂଶୁ ସାବତ, ରୋଶନ ଖୁଣ୍ଟିଆ, ପ୍ରଦେଶ ପ୍ରଧାନ, ସରୋଜ ପାତ୍ର, ବଳରାମ ପଣ୍ଡା, ନୀତେଶ ପଣ୍ଡା ଓ ନାରାୟଣ ପାଢ଼ୀଙ୍କ ସମେତ ବହୁ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳିତ ଶିଶୁ ଉଦ୍ୟାନ ବିପଦରେ ପିଲାଙ୍କ ଜୀବନ

ଯାଜପୁର ଟାଉନ,୪।୫ (ସଂଚାର ବ୍ୟୁରୋ)ଃ ଯାଜପୁର ସହରର ମଝିରେ, ଜିଲ୍ଲାପାଳଙ୍କ ସରକାରୀ ବାସଭବନ ନିକଟରେ ଥିବା ଶିଶୁଉଦ୍ୟାନଟି ଆଜି ପ୍ରଶାସନର ଘୋର ଅବହେଳାର ଜୀବନ୍ତ ଚିତ୍ର ପ୍ରଦର୍ଶନ କରୁଛି। ଯେଉଁଠାରେ କୁନି କୁନି ପିଲାମାନେ ନିର୍ଭୟରେ ଖେଳୁଥିଲେ, ସେଠାରେ ଏବେ ପ୍ରତିଦିନ ଜୀବନ ସହ ଖେଳିବାକୁ ପଡୁଛି। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସହାୟତାରେ ନିର୍ମିତ ଏହି ପାର୍କ ଆଜି ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାକୁ ପହଞ୍ଚିଛି।

ପ୍ରବେଶଦ୍ୱାରର ଲୁହା ଗେଟ୍ ଭାଙ୍ଗି ଝୁଲି ରହିଛି, ତଳେ କିଛି ପଥର ରଖି ଅସ୍ଥାୟୀ ଭାବରେ ଧରି ରଖାଯାଇଛି। ଯେକୌଣସି ସମୟରେ ଏହା ଭାଙ୍ଗି ପଡ଼ି ଗୁରୁତର ଦୁର୍ଘଟଣା ଘଟିପାରେ ବୋଲି



ଆଶଙ୍କା କରାଯାଉଛି। ଏହି ପରିସ୍ଥିତିରେ ପାର୍କକୁ ଖେଳିବାକୁ ଯାଉଥିବା କୁନି କୁନି ପିଲାମାନଙ୍କ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏହା ସହିତ, ପାର୍କ ଭିତରେ ଅନାବନା ଘାସ ବଢ଼ି ଯାଇଥିବାରୁ ବିଷଧର ସରୀସୃପ ଆଶ୍ରୟ ନେଇଥିବା ସମ୍ଭାବନା ରହିଛି, ଯାହା ପିଲାମାନଙ୍କ ପାଇଁ ଆଉ ଏକ ବଡ଼ ବିପଦ।

ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ, ପୂର୍ବରୁ ଏହି ପାର୍କ ନିର୍ମାଣ ସମୟରେ ବହୁ ଆଡମ୍ବର କରାଯାଇଥିଲା, କିନ୍ତୁ ବର୍ତ୍ତମାନ ଏହାର ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ଅନାଗ୍ରହୀ। କୌଣସି ଅପରିହାର୍ଯ୍ୟ ଦୁର୍ଘଟଣା ଘଟିଗଲେ ତାହାର ଦାୟିତ୍ୱ କିଏ ନେବ? ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଠିଛି। ଏକ ପଟେ ସରକାର ଶିଶୁ ସୁରକ୍ଷା ନେଇ ବଡ଼ ବଡ଼ ଦାବି କରୁଥିବାବେଳେ, ଅନ୍ୟପଟେ ଏପରି ଅବସ୍ଥା ସେହି ଦାବିକୁ ପ୍ରଶ୍ନବାଚକ କରୁଛି। ସ୍ଥାନୀୟ ଲୋକମାନେ ଏହାକୁ ପ୍ରଶାସନର ଅସମ୍ବେଦନଶୀଳତା ବୋଲି କଟୁ ଭାବେ ଆକ୍ଷେପ କରିଛନ୍ତି। ଭଙ୍ଗା ଗେଟ୍‌ର ତୁରନ୍ତ ମରାମତି, ପାର୍କର ସଫାସୁତୁରା ଓ ସୁରକ୍ଷା ବ୍ୟବସ୍ଥା କଠୋର କରିବାକୁ ସ୍ଥାନୀୟ ଲୋକମାନେ ଜୋରଦାର ଦାବି ଉଠାଇଛନ୍ତି।

# ମା’ ଚାଟଖାଇ ମନ୍ଦିରରୁ ଚୋରି

### ଦେଢ଼ ମାସ ମଧ୍ୟରେ ଏକାଧିକ ଚୋରି ସହ ଛିନତାଇ ଏବଂ ଲୁଟ୍

କେନ୍ଦ୍ରାପଡ଼ା/ଡେରାବିଶ,୪।୫(ସଂଚାର ବ୍ୟୁରୋ)ଃ ସଦର ଥାନା ଅଞ୍ଚଳରେ ଲଗାତାର ଚୋରି, ଛିନତାଇ ସହ ଆକ୍ରମଣ ଘଟଣା ବୃଦ୍ଧି ପାଉଛି । ଦୁର୍ବଳ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନର ଅଭାବ ବୋଲି ଚିନ୍ତାବ୍ୟକ୍ତ କଲେଣି ବୁଦ୍ଧିଜୀବୀ।

ସୂଚନା ମୁତାବକ ସଦର ଥାନା ଅଧୀନସ୍ଥ ଚକ୍ରୋଡ଼ା ଗ୍ରାମର ଗ୍ରାମ ଦେବତୀ "ମା" ଚାଟଖାଇ ମନ୍ଦିରରୁ ଗତକାଲି ବିଳମ୍ବିତ ରାତ୍ରୀରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି । କେହି ଦୁର୍ବୃର୍ତ୍ତ ଗତକାଲି ବିଳମ୍ବିତ ରାତ୍ରୀରେ ମନ୍ଦିର କବାଟ ତାଡି ମନ୍ଦିରରେ "ମା" ପିନ୍ଧିଥିବା ଅଳଙ୍କାର ରୂପା ହାର, ମଙ୍ଗଳସୂତ୍ର ସହ "ମା" ଙ୍କ କାନ ଫୁଲ ଇତ୍ୟାଦି ଚୋରୀ କରି ନେଇଛି । ଏହା ସହ ଅଧିକ ଟଙ୍କା ଆଶାରେ ମନ୍ଦିରର ଷ୍ଟୋର ରୁମ ତାଡି "ମା" ଙ୍କ ଆସବାବ ପତ୍ର ଇତସ୍ତତଃ କରିଛି।

ଏହାର ଠିକ୍ ଏକ ସପ୍ତାହ ପୂର୍ବରୁ ରାଜନଗର ମଙ୍ଗରାଜପୁର ଅଞ୍ଚଳର ବିଭୂତି ଚରଣ ରାଉତ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କୁ କିଛି ଦୃର୍ବୃତ୍ତ ଦୁଇଟି ବୁଲେଟ ମୋଟର ସାଇକଲରେ ପିଛା କରି ଜଜାଙ୍ଗ ସ୍ଥିତ ଏସପି କାର୍ଯ୍ୟାଳୟ ପାଖରେ ଅଟକାଇ ଆକ୍ରମଣ କରିବା ସହ ତାଙ୍କ ପାଖରୁ ଦୁଇଟି ମୋବାଇଲ ଛଡ଼ାଇ ନେଇଥିଲେ । ବିଗତ ୧ ମାସ ମଧ୍ୟରେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନରେ ବାରମ୍ବାର ଏହି ଭଳି ଚୋରି, ଛିନତାଇ ସହ ଆକ୍ରମଣର ଘଟଣା ମାନ ବୃଦ୍ଧି ପାଇବା ଏବଂ ଏହି ଆକ୍ରମଣ ଗୁଡ଼ିକ ବିଶେଷ କରି ଥାନା ପାଖା ପାଖି ଘଟୁଥିବାରୁ ଏହା ପୋଲିସ ପ୍ରଶାସନ କୁ ଚ୍ୟାଲେଞ୍ଜ ସଦୃଶ ହୋଇଛି ।

ଏକ ମାସ ତଳେ ଦାନପୁର ଲକ୍ ନିକଟରୁ ଶ୍ୱଶୁର ବୋହୂକୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ ଛିଣ୍ଡାଇ ନେବା ୮ ଦିନ ପରେ ସଦର ଥାନା ନିକଟରୁ ପାଖ ଅଂଚଳର ବ୍ୟକ୍ତିଙ୍କ ଠାରୁ ସୁନା ଚେନ ଛିଣ୍ଡାଇ ନେବା, ଦୁଇ ସପ୍ତାହ ପୂର୍ବରୁ ଭରତପୁର ଅଂଚଳର ଏକ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେବା ଏବଂ ଗତକାଲି ବିଳମ୍ବିତ ରାତ୍ରୀରେ ଚକ୍ରୋଡ଼ା ଗ୍ରାମ ଦେବତୀ ମନ୍ଦିର ରୁ ଚୋରି କରିବା ଘଟଣା ଏବେ ସଦର ଥାନା ଅଞ୍ଚଳରେ ବେଶ୍ ଚର୍ଚ୍ଚା ସାଉଁଟି ଥିବା ଦେଖିବାକୁ ମିଳିଛି ।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ



# ଜେନ-ଜି: ନିର୍ବାଚନରେ ନିର୍ଣ୍ଣାୟକ ଶକ୍ତି

ଭାରତର ଲୋକତନ୍ତ୍ରର ଆଜି ମହାନ ଉତ୍ସବ। ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପୁଡୁଚେରୀ ଗଣତି ପରେ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନିର୍ବାଚନରେ ଜେନ୍-ଜି ଯୁବକ-ଯୁବତୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହି ପିଢ଼ି କେବଳ ଭୋଟ ଦେବା ପାଇଁ ନୁହେଁ, ରାଜନୀତିର ଗତିବିଧି ପରିବର୍ତ୍ତନ କରିବାର ଶକ୍ତି ରଖିଛି। ଏହା ହିଁ ଜେନ-ଜି ଇଫେକ୍ଟ ବା ଜେନ-ଜି ବିପ୍ଳବ।



ଜେନ-ଜି ହେଉଛନ୍ତି ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବପିଢ଼ି। ସେମାନେ ଡିଜିଟାଲ ଯୁଗର ସନ୍ତାନ। ସୋସିଆଲ ମିଡ଼ିଆ, କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ ପରିବର୍ତ୍ତନ ଏବଂ ଅର୍ଥନୈତିକ ଅନିଶ୍ଚୟତା ସେମାନଙ୍କ ଜୀବନର ଅଂଶ। ଭାରତରେ ପ୍ରାୟ ୪୦ କୋଟିରୁ ଅଧିକ ଜେନ-ଜି ଭୋଟର ଅଛନ୍ତି। ଆସାମ ବିଧାନସଭା ନିର୍ବାଚନରେ ଛଅ ଲକ୍ଷରୁ ଅଧିକ ପ୍ରଥମ ଥର ଭୋଟର ଜେନ-ଜି ଅଟନ୍ତି। ଏହି ସଂଖ୍ୟା ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରଭାବଶାଳୀ। ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ଏବେ ଏହି ଯୁବଶକ୍ତିକୁ ଉପେକ୍ଷା କରିପାରୁ ନାହାନ୍ତି।

ଜେନ୍-ଜି କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ? ପ୍ରଥମତଃ, ସେମାନେ ପରିବର୍ତ୍ତନ ପାଇଁ ଭୋକିଲା। ବେକାରୀ, ଶିକ୍ଷାର ଗୁଣବତ୍ତା, ମାନସିକ ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ଡିଜିଟାଲ ଅଧିକାର ପରି ପ୍ରସଙ୍ଗ ସେମାନଙ୍କୁ ଆକର୍ଷିତ କରେ। ପାରମ୍ପରିକ ରାଜନୀତିର ଜାତି, ଧର୍ମ ଏବଂ ପରିବାରିକ ଉତ୍ତରାଧିକାର ଉପରେ ଆଧାରିତ ରଣନୀତି ସେମାନଙ୍କ ପାଇଁ କମ ଆକର୍ଷକ। ସେମାନେ ପ୍ରଦର୍ଶନ, ନୀତି ଏବଂ ସ୍ୱଚ୍ଛତା ଦେଖନ୍ତି। ଆସାମରେ ଜେନ-ଜି ପ୍ରାର୍ଥୀଙ୍କ ଉତଥାନ ଏହାର ପ୍ରମାଣ। ଯୁବକମାନେ ପରିବାରିକ ରାଜନୀତିରୁ ଦୂରରେ ରହି ନିଜର ଯୋଗ୍ୟତା ଉପରେ ନିର୍ଭର କରି ଟିକେଟ ପାଇଁ ଲଢ଼ୁଛନ୍ତି।

ଦ୍ୱିତୀୟତଃ, ଡିଜିଟାଲ ପ୍ରଭାବ। ଇନଷ୍ଟାଗ୍ରାମ, ଟିକ ଟକ, ଏକ୍ସ ଏବଂ ୟୁଟ୍ୟୁବ ଜେନ-ଜିଙ୍କ ମୁଖ୍ୟ ସୂଚନା ଉତ୍ସ। ରାଜନୈତିକ ଦଳଗୁଡ଼ିକ ଏବେ ସର୍ଟ ଭିଡିଓ, ମିମ ଏବଂ ଇନ୍ଫ୍ଲୁଏନ୍ସର ମାଧ୍ୟମରେ ପ୍ରଚାର କରୁଛନ୍ତି। ଗତ ନିର୍ବାଚନଗୁଡ଼ିକରେ ଦେଖାଯାଇଛି ଯେ ଭାଇରାଲ କଣ୍ଟେଣ୍ଟ ଯୁବକଙ୍କ ମତ ପରିବର୍ତ୍ତନ କରିପାରେ। କେରଳ ଏବଂ ତାମିଲନାଡୁରେ ଯୁବକମାନେ ବେକାରୀ ଏବଂ ଉନ୍ନତ ଶିକ୍ଷା ପାଇଁ ଦାବି କରୁଛନ୍ତି। ପଶ୍ଚିମବଙ୍ଗରେ ମହିଳା ସଶକ୍ତିକରଣ ଏବଂ ଶିଳ୍ପ ବିକାଶ ଉପରେ ଫୋକସ କରୁଛନ୍ତି।

ତୃତୀୟତଃ, ଜେନ-ଜି ସ୍ୱାଧୀନ ଚିନ୍ତାଧାରା ଧରିଛନ୍ତି। ସେମାନେ ଏକ ଦଳକୁ ଆଜୀବନ ସମର୍ଥନ କରନ୍ତି ନାହିଁ। ପ୍ରସଙ୍ଗ ଅନୁଯାୟୀ ନିଷ୍ପତ୍ତି ନିଅନ୍ତି। ଏହା ରାଜନୈତିକ ଦଳଗୁଡ଼ିକୁ ଅଧିକ ଜବାବଦେହୀ କରିଛି। ଉଦାହରଣ ସ୍ୱରୂପ, ଆସାମରେ ବିଭିନ୍ନ ଦଳ ଜେନ-ଜି ପ୍ରାର୍ଥୀ ଦେବା ଆରମ୍ଭ କରିଛନ୍ତି। ଏହା ପରିବାରିକ ରାଜନୀତିର ଅନ୍ତ ଘଟାଇପାରେ ଏବଂ ଯୋଗ୍ୟତାଧାରୀ ନେତୃତ୍ୱ ଆଣିପାରେ।

ତଥାପି ଚ୍ୟାଲେଞ୍ଜ ହେଉଛି ଜେନ-ଜି ମଧ୍ୟରେ ଭୋଟ ଟର୍ଣ୍ଣଆଉଟ କମ ଥାଏ। ଅନେକ ଯୁବକ ରାଜନୀତିକୁ ବିଶ୍ୱାସଯୋଗ୍ୟ ବୋଲି ଭାବନ୍ତି ନାହିଁ। ଫେକ ନ୍ୟୁଜ ଏବଂ ଡିଜିଟାଲ ମାନିପୁଲେସନ ମଧ୍ୟ ବିପଦ। ତେଣୁ ଶିକ୍ଷା ଏବଂ ସଚେତନତା ଜରୁରୀ। ରାଜନୈତିକ ଦଳଗୁଡ଼ିକୁ ଯୁବକଙ୍କ ପ୍ରସଙ୍ଗରେ ଠୋସ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ବେକାରୀ ହ୍ରାସ, ସ୍କିଲ୍ ଡେଭଲପମେଣ୍ଟ, ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଏବଂ ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେବାକୁ ପଡ଼ିବ।

ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଏହା ପ୍ରାସଙ୍ଗିକ। ଯଦିଓ ଓଡ଼ିଶାରେ ବର୍ତ୍ତମାନ ବିଧାନସଭା ନିର୍ବାଚନ ନାହିଁ, ଆଗାମୀ ନିର୍ବାଚନରେ ଜେନ-ଜି ନିର୍ଣ୍ଣାୟକ ହେବ। ଓଡ଼ିଆ ଯୁବକମାନେ ମଧ୍ୟ ସମାନ ପ୍ରସଙ୍ଗ ସହିତ ଜଡ଼ିତ। ରାଜନୈତିକ ଦଳଗୁଡ଼ିକୁ ଏହି ପିଢ଼ିର ଆଶା ବୁଝିବାକୁ ପଡ଼ିବ। ଜେନ-ଜି କେବଳ ଭୋଟର ନୁହେଁ, ଭବିଷ୍ୟତର ନିର୍ମାତା। ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଲୋକତନ୍ତ୍ରକୁ ଅଧିକ ଗତିଶୀଳ ଏବଂ ସମାବେଶୀ କରିବ।

# ପରିବେଶ ଓ ଅନୁକୂଳ ଉପଯୋଗୀ ଉଦଜାନ ଇନ୍ଧନ?

**ଅଲେଖ ଚନ୍ଦ୍ର ସାମଲ**



ଦିନକୁ ଦିନ ତୈଳ ସଙ୍କଟ ଏବଂ ଏହା ସହିତ ଗ୍ୟାସ ସଙ୍କଟ ମଧ୍ୟ ଉଦବେଗଜନକ ହେଉଛି। ଏହିପରି ସମୟରେ ଉଦଜାନ ଇନ୍ଧନ ଉପରେ ଅନେକ ଆଲୋଚନା ଆରମ୍ଭ ହୋଇଗଲାଣି। ପରିବେଶ ଅନୁକୂଳ ଇନ୍ଧନ ବୋଲି କୁହାଯାଉଥିବା ଉଦଜାନ ହିଁ ଜଗତକୁ ଜୀବାଶ୍ମ ଇନ୍ଧନ ଠାରୁ ଦୂରେଇ ନେବାରେ ସହାୟକ ହେବ। ସେଥିଲାଗି ଭାରତ ସମତେ ବିଶ୍ୱର ଅନେକ ଦେଶ ନିକଟ ଭବିଷ୍ୟତ ରେ ଅଟୋମୋବାଇଲ କ୍ଷେତ୍ରରେ ଉଦଜାନ ଇନ୍ଧନ ପ୍ରୟୋଗ କରିବା ଲାଗି ବ୍ୟବସ୍ଥା କରୁଛନ୍ତି। କିନ୍ତୁ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ପରିବେଶ ଅନୁକୂଳ ଭଳି ପ୍ରତୀୟମାନ ହେଲେ ବି ବାସ୍ତବରେ ଉଦଜାନ ବାଷ୍ପ ସେଭଳି ହୋଇ ନପାରେ। 'ନେଚର' ଜର୍ଣ୍ଣାଲରେ ପ୍ରକାଶିତ ଏହି ଆଲେଖ୍ୟରେ ଉଲ୍ଲେଖ ଅଛି ଯେ ୧୯୯୦ ରୁ ୨୦୨୦ ମଧ୍ୟରେ ବୈଶ୍ୱିକ ଜଳବାୟୁକୁ ଉତ୍ତପ୍ତ କରାଇବାରେ ବର୍ଦ୍ଧିଷ୍ଣୁ ଉଦଜାନ ନିଃସରଣର ଅବଦାନ ପ୍ରାୟ ୦.୦୨ଡିଗ୍ରୀ ସେଣ୍ଟିଗ୍ରେଡ଼। ପ୍ରାକ ଶିଳ୍ପାୟନ ଅମଳରୁ ବୃଦ୍ଧି ପାଇଥିବା ୧.୫ ସେଣ୍ଟିଗ୍ରେଡ଼ ହାରାହାରି ବୈଶ୍ୱିକ ତାପମାତ୍ରାରେ ଉଦଜାନ ବାଷ୍ପର ଅବଦାନ ସାମାନ୍ୟ ଅଂଶ ମାତ୍ର। କିନ୍ତୁ ବୈଜ୍ଞାନିକମାନେ କହୁଛନ୍ତି ଯେ ଜଳବାୟୁ ଉପରେ ଉଦଜାନର ବ୍ୟାପକ ପ୍ରଭାବ ସଂକ୍ରାନ୍ତରେ ଅଧିକ ସତର୍କତାର ସହ ନିରୀକ୍ଷଣ କରିବା ଆବଶ୍ୟକ।

ଅଙ୍ଗାରକାମ୍ଳ ଅଥବା ମିଥେନ ବାଷ୍ପ ଭଳି ଉଦଜାନ ବାଷ୍ପ ପ୍ରତ୍ୟକ୍ଷ ଭାବେ ଉତ୍ତାପ ଧରି ରଖେ ନାହିଁ। କିନ୍ତୁ ଗବେଷଣା ଦର୍ଶାଉଛି ଯେ ତାପନ କ୍ଷେତ୍ରରେ ଏହାର ପରୋକ୍ଷ ଭୂମିକା ରହିଛି। ମିଥେନ ଭଳି ସବୁଜଗୃହ ବାଷ୍ପକୁ ବିଘଟିତ କରିବାର ବାୟୁମଣ୍ଡଳ ପ୍ରାକୃତିକ ସାମର୍ଥ୍ୟରେ ଉତ୍ପନ୍ନ ଉଦଜାନ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ଗବେଷଣାର ମୁଖ୍ୟ ଜୁଡାଓ ଓୟୁୟାଙ୍ଗ କହିଛନ୍ତି, 'ଉଦଜାନ ଅଧିକ ହେବା ଅର୍ଥ ବାୟୁମଣ୍ଡଳରେ 'ଡିଟରଜେଣ୍ଟ' ପରିମାଣ କମିଯିବା। ଫଳରେ ବାୟୁମଣ୍ଡଳରେ ମିଥେନ ବାଷ୍ପ ଦୀର୍ଘକାଳ ରହିବ।' ତେଣୁ ଉଷ୍ମ ଜଳବାୟୁ ବେଶୀ ଦିନ ତିଷ୍ଠିବ। ଡିଟରଜେଣ୍ଟ ହେଉଛି ବାୟୁମଣ୍ଡଳ ପରିଷ୍କାର କରିବାର ସହାୟକ ହେଉଥିବା ବିଭିନ୍ନ ରାସାୟନିକ ପଦାର୍ଥ ମଧ୍ୟରୁ ଗୋଟିଏ। ଉଦଜାନ ସେଗୁଡ଼ିକୁ ଶୋଷିନେଲେ ବାୟୁରେ ମିଥେନ ବାଷ୍ପ ଦୀର୍ଘ ସମୟ ରହେ। ଗବେଷଣାରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଏସବୁ ପ୍ରତିକ୍ରିୟା ମେଘ ସୃଷ୍ଟିକୁ ପ୍ରଭାବିତ କରେ ଏବଂ ଓଜୋନ ଭଳି ଅନ୍ୟାନ୍ୟ ଉତ୍ତାପ ସୃଷ୍ଟିକାରୀ ବାଷ୍ପ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି କରେ। ଭାରତ ନିଜ ଜଳବାୟୁ ନୀତିରେ ଉଦଜାନ ଉପରେ ପ୍ରାଧାନ୍ୟ ଦେଇଛି। ନ୍ୟାସନାଲ ଗ୍ରୀନ ହାଇଡ୍ରୋଜେନ ମିସନ ମାଧ୍ୟମରେ ଭାରତ ସରକାର ଗ୍ରୀନ ହାଇଡ୍ରୋଜେନ ବା ସବୁଜ ଉଦଜାନକୁ ପ୍ରୋତ୍ସାହିତ କରୁଛନ୍ତି। ଉଦ୍ଦେଶ୍ୟ ହେଉଛି ଇସ୍ପାତ, ସାର ଓ ଭାରତୀ ପରିବହନ କ୍ଷେତ୍ରରୁ ଅଙ୍ଗାରକାମ୍ଳ ନିଃସ୍ରରଣ ହ୍ରାସ କରିବା। ତେବେ ସମସ୍ୟା ହେଲା, ଅକ୍ଷୟଶକ୍ତି ଦ୍ୱାରା ଇଲେକ୍ଟ୍ରୋଲିସିସ୍ ମାଧ୍ୟମରେ ସବୁଜ ଉଦଜାନ ଉତ୍ପାଦନ କରିବା ବ୍ୟୟବହୁଳ ବ୍ୟାପାର। ତେଣୁ ଭାରତ ପାଇଁ ଯେତେ ପରିମାଣ ସବୁଜ ଉଦଜାନ ଆବଶ୍ୟକ ତାହା ଉତ୍ପାଦନ କରିବା କଷ୍ଟସାଧ୍ୟ। ତେଣୁ କୋଇଲା ଓ ପ୍ରାକୃତିକ ବାଷ୍ପ ଭଳି ଶିଳ୍ପ ବ୍ୟବହାର କରି ଅଧିକାଂଶ ଉଦଜାନ ଉତ୍ପାଦିତ ହୋଇଥାଏ। ଏଥିନିମନ୍ତେ ବ୍ୟାପକ ଶକ୍ତି ଖର୍ଚ୍ଚ କରାଯାଉଥିବାରୁ ବିପୁଳ ପରିମାଣର ଅଙ୍ଗାରକାମ୍ଳ ନିଃସରଣ ହେଉଛି।

ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ଦ୍ୱାରା ସମାହିତ ଏ ଗବେଷଣା ସମ୍ପୂର୍ଣ୍ଣ ଉଦଜାନ ବିରୋଧୀ ନୁହେଁ, ବରଂ ଏଥିପ୍ରତି ସତର୍କ ରହିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି। ଏଥିରେ ଗବେଷଣା କରିଥିବା ଦଳେ ଆନ୍ତର୍ଜାତିକ ବୈଜ୍ଞାନିକ କହିଛନ୍ତି ଯେ ମୁଖ୍ୟତଃ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଉଦଜାନ ନିଃସରଣ ବୃଦ୍ଧି ପାଉଛି।

୧୯୯୦ରୁ ୨୦୨୦ ମଧ୍ୟରେ ଯେଉଁ ଉଦଜାନ ସ୍ତର ବୃଦ୍ଧି ପାଇଛି ସେଥିଲାଗି ଜୀବାଶ୍ମ ଇନ୍ଧନ, ପ୍ରାଣୀ ସମ୍ପଦ ଓ ଗର୍ତ୍ତ ଖନନ କରି ଆବର୍ଜନା ପୋତାଯିବା ମଧ୍ୟ କିଛି ପରିମାଣରେ ଦାୟୀ। ବାୟୁମଣ୍ଡଳରେ ବିଘଟିତ ହେଲାବେଳେ ମିଥେନରୁ ମଧ୍ୟ ଉଦଜାନ ନିଃସରଣ ହୋଇଥାଏ। ଉଦଜାନ ଇନ୍ଧନ ନିଶ୍ଚିନ୍ତ ଭାବରେ ବର୍ତ୍ତମାନ ସମୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହି ସବୁଜ ଉଦଜାନ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଭାରତ ପାଇଁ ଅତ୍ୟନ୍ତ ଉପଯୋଗୀ।


**ସହକାରୀ ବନ୍ୟ ସଂରକ୍ଷକ,**
**ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା**




# ବୁଦ୍ଧଂ ଶରଣଂ ଗଚ୍ଛାମି

**ଡକ୍ଟର ମନୋରଞ୍ଜନ ବିଷୋୟୀ**





ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି। ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ। ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ। ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ।

ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ। ଏହା କୌଣସି ଧର୍ମର ପ୍ରଚାର କରେନାହିଁ। ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର। ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ। ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ; ଅନୁରୂପ ଭାବରେ ସାଂଖ୍ୟ, ନ୍ୟାୟ, ବୈଶେଷିକ ଓ ଯୋଗ ସେହିପରି ପ୍ରାଧାନ୍ୟଲାଭ କରିଥାଏ। ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ।

ଏ ପରିପ୍ରେକ୍ଷୀରେ କହିରଖେ; ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା। ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଚାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା। ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତ ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା। ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ।

ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା। ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ। ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା। ଗୌତମ ବୁଦ୍ଧ ମଧ୍ୟ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଥିଲେ। ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା। କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ। ପ୍ରାକୃତ ଭାଷା ମଧ୍ୟ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା। ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ।

ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ। ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ୍ୟ ସତ୍ୟ। ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ ? ଏହାର ମଧ୍ୟ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ। ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍ଣାବସ୍ଥା, ମୃତ୍ୟୁ, ଇପ୍‌ସିତ ବସ୍ତୁଟିର ଅପ୍ରାପ୍ତି କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ। ବୁଦ୍ଧଙ୍କ ମତରେ - ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ। ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ। ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୂତ। ଏହାର ବିନାଶରେ ଦୁଃଖର ବିନାଶ। ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ। ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ। ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ।

ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ। ଏହି ମୁକ୍ତି ହିଁ ହେଉଛି ନିର୍ବାଣ। ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ। ଯଥା- ୧. ସୋତାପତ୍ତିମାଗ୍‌ଗ, ୨. ସକଦାଗାମି ମାଗ୍‌ଗ, ୩. ଅନାଗାମି ମାଗ୍‌ଗ, ୪. ଅର୍ହତ ମାଗ୍‌ଗ। ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାଗ୍‌ଗ। ଯେଉଁମାନେ ସକଦାଗାମି ମାଗ୍‌ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ। ଅନାଗାମି ମାଗ୍‌ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ। ଅର୍ହତମାଗ୍‌ଗ ହେଉଛି ସର୍ବଶ୍ରେଷ୍ଠ। ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ। ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି। ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧ୍ୟବାଧକତା ନଥିଲା। ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା। ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା। ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ। ଏହାକୁ ତ୍ରିରତ୍ନ ବୋଲି କୁହାଯାଏ। ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ। ସେମାନେ କହିଥାନ୍ତି- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି।"

ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା। ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା। ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା। ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା।


**ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଂଜାମ**
**ମୋବାଇଲ୍:୮୮୯୫୧୪୧୭୨୭**


# ମାଗଣା ଅଭ୍ୟାସ

**ଡ଼ ସୀତାକାନ୍ତ ତ୍ରିପାଠୀ**



ମୁଖ୍ୟମନ୍ତ୍ରୀ କନ୍ୟା ବିବାହ କାର୍ଯ୍ୟକ୍ରମରେ କିଛି ଦମ୍ପତ୍ତି ପଇସା ଲୋଭରେ ପୁର୍ନବିବାହ କରିଥିବା ଖବର ପ୍ରକାଶ ପାଇଛି। ଏହା ସତ କି ମିଛ ପ୍ରମାଣ କରିବା ପୂର୍ବରୁ ଗୋଟିଏ କଥା ମନକୁ ଆସେ ମାଗଣାରେ ଟଙ୍କା ପଇସା କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଏବଂ ସେବା ପାଇବା ପାଇଁ ଲୋକମାନେ କେତେ ଡହଳ ବିକଳହେଉଛନ୍ତି! ଏହି ମାଗଣା ଲୋଭରେ କେତେବେଳେ ଜୀବିତ ଲୋକ ମୃତ ଆଉ କେତେବେଳେ ମୃତ ମଧ୍ୟ ଜୀବନ୍ତ ହୋଇ ଯାଇଥାଆନ୍ତି। ସବୁରି ମୂଳରେ ଲୋଭ, ଆଶା, ଆକା,,। ଏବଂ ଛଳନାର ଅବଦମିତ ପ୍ରଭାବ। କେଉଁଠି ସନ୍ୟାସୀମାନେ ମଠର ମହନ୍ତ ପଦବୀ ହାତେଇବା ପାଇଁଦସ୍ୟୁ କିମ୍ବା କଂସେଇ ବନିଯାଉଛନ୍ତି ତ' ଆଉ କେଉଁଠି ଲୋକମାନଙ୍କ ଆଗରେ ଭଦ୍ରମୁଖା ପିନ୍ଧି ଦାନ-ଦକ୍ଷିଣା ପାଇବା ପାଇଁ ନିଜର ଅସଲ ସ୍ୱରୁପକୁ ଛାଡ଼ି ଛଦ୍ମ ରୂପ ଧାରଣ କରୁଛନ୍ତି। ସବୁଠି କେବଳ ମାଗଣା ବା ବିନା ପ୍ରୟାସରେ ଧନ-ସମ୍ପତ୍ତି, ଯଶ-କୀର୍ତ୍ତି ଅର୍ଜନ କରିବାର ଅଦମ୍ୟ ଲାଳସା।

ମାଗଣାରେ ଦେବା ଏବଂ ମାଗଣାରେ ନେବାକୁ କେନ୍ଦ୍ରକରି ଦେଶର ଭାଗ୍ୟ ଭବିଷ୍ୟତ ନିର୍ଦ୍ଧାରଣ ହୁଏ। କେଉଁ ସରକାର କେଉଁ କେଉଁ ବର୍ଗକୁ କେତେ ମାଗଣା ଉପହାର ଦେଇପାରିବ ଭୋଟରମାନେ ମଧ୍ୟ ଭାବନ୍ତି ସେମାନଙ୍କର ଭୋଟ କାହିଁକି ମାଗଣାରେ ଯିବ। ବରଂ ତାକୁ ବିକି ଭାଙ୍ଗି ଦେଇ କିଛି ପଇସା କମେଇନେବା ବୁଦ୍ଧିମତାର କାମ। ପରିସ୍ଥିତି ଏମିତି ଉପୁଯେ ସବୁ ଦଳର ନେତା ଓ ନେତ୍ରୀମାନଙ୍କ ଠାରୁ ପଇସା ନେଇ ଭୋଟର ଜଣକ ନିଜର ପାରିବା ପଣିଆଁର ଡିଣ୍ଡିମ ପିଟେ। କଥାଟି ସେଇଠି ସରେ ନାହିଁ। ନିର୍ବାଚନ ପରେ ନେତା-ନେତ୍ରୀ ମାନେ ଖର୍ଚ୍ଚ କରିଥିବା ଟଙ୍କାର ସୁଧମୂଳ ସହିତ ନେବା ପାଇଁ ଭୁଲନ୍ତି ନାହିଁ। ଜନତା ଜନାର୍ଦ୍ଦନଙ୍କର ସେବକ ପାଲଟି ଯାଇଥିବା ଉକ୍ତ ଲୋକମାନେ ପୁଣିଥରେ ମୁନିବ ପାଲଟି ଯାଇଥାଆନ୍ତି। ଯେଉଁମାନେ ଘର ଦରଜାରେ ପହଞ୍ଚିଯାଇ ଭୋଟ ଭିକ୍ଷା କରିଥାନ୍ତି ସେମାନେ ରାତାରାତି ଭିକ୍ଷୁକରୁ ଧନୀ, ଦାନୀ, ମାନୀ ଏବଂ ଜ୍ଞାନୀ ପାଲଟି ଯାଇଥାଆନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କ ପାଖରେ ପହଞ୍ଚିବା ବଡ଼ କଷ୍ଟକର ହୋଇଯାଇ ଥାଏ। କଥା କଥାରେ ସେମାନେ କୁହନ୍ତି ତୁମେମାନେ କ'ଣ ମୋତେ ମାଗଣାରେ ଭୋଟ ଦେଇଥିଲ ?



ଦିନଥିଲା ମଣିଷ ପାଇଁ ସବୁ ମାଗଣା ଥିଲା। ତା ନିଜ ଇଚ୍ଛାରେ ସିଏ ଘର, ଦ୍ୱାର, ଚାଷ-ବାସ, ପାଣି-ପବନ ସବୁ ଅନାୟାସରେ ପ୍ରାପ୍ତ ହେଉଥିଲା। ଏଥିପାଇଁ ସିଏ କେବଳ ନିଜ ଶ୍ରମର ଉପଯୋଗ କରୁଥିଲା। ସମୟକ୍ରମେ ଜୋର ଯାର ମୂଲକ ତାର ର ପ୍ରାସଙ୍ଗିକତା ବଢ଼ିଲା। ଯେଉଁମାନେ ବଳବାନ ସେମାନେ ସମାଜରେ ନିଜର ଆଧିପତ୍ୟ ବଢ଼ାଇବାରେ ଲାଗିଲେ। ଯେଉଁମାନେ ସେମାନଙ୍କର ଆଧିପତ୍ୟ ସ୍ୱୀକାର କରିନେଲେ ସେମାନେ ଅନ୍ତତଃ ନିଜର ଜୀବନ ଜୀବିକାକୁ ସୁରକ୍ଷିତ କରିନେଲେ କିନ୍ତୁ ଅନ୍ୟମାନେ ସବୁବେଳେ ଅଶାନ୍ତିରେ ଜୀବନ କାଟିଲେ। ଯାହାକୁ କେନ୍ଦ୍ରକରି ଗୋଷ୍ଠୀ ସୃଷ୍ଟି ହେଲେ ଏବଂ ବଳବାନ ଗୋଷ୍ଠୀର ନିଷ୍ପତ୍ତି ଅନୁଯାୟୀ ଶାସନ ଚାଲିଲା। ମୁକ୍ତ ଦ୍ରବ୍ୟ ଗୁଡ଼ିକ ଅର୍ଥନୈତିକ ଦ୍ରବ୍ୟ ରୂପେ ପରିଗଣିତ ହେଲା। ଜମି, ଜଳ, ଜଙ୍ଗଲ ଆଦି ଆଉ ସୁଲଭରେ ପ୍ରାପ୍ତ ହୋଇ ପାରିଲା ନାହିଁ ଓ ସେଥିପାଇଁ ଅଧିକାର ସାବ୍ୟସ୍ତ କରିବାକୁ ପଡ଼ିଲା ଯାହାକୁ କେନ୍ଦ୍ରକରି ଶାସକ ଓ ଶାସିତ ଗୋଷ୍ଠୀ ସୃଷ୍ଟି ହେଲେ ଏବଂ ସେମାନେ ନିଜ ନିଜର ପତିଆରା ଦେଖାଇବା ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଏହାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶାସନ ଗାଦି ପାଇଁ ବିଭିନ୍ନ ନିୟମ ପ୍ରଣୟନ ହେଲା। ଯେଉଁମାନେ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେବେ ସେଇ ମାନେ ହିଁ ଶାସନ ଗାଦିରେ ବସିବେ ବୋଲି ନିଷ୍ପତ୍ତି ହେଲା। ଏଥିପାଇଁ ବିଭିନ୍ନ ଉପାୟରେ ଲୋକମାନଙ୍କର ମନ ମୋହିବା ପାଇଁ ପ୍ରୟାସ ଆରମ୍ଭ ହେଲା। ଯାହାର ପ୍ରଥମ ସୋପାନ ହେଲା 'ମାଗଣା'। କିନ୍ତୁ ଏହି ମାଗଣା ପାଇଁ ତ ପୁଣି କେହି ପଇସା ଖର୍ଚ୍ଚ କରିବ, ଆଉ ଖର୍ଚ୍ଚ କରୁଥିବା ଅର୍ଥର ସୁଧ ମୂଳ ହିସାବ କରାଯି. ସେ କଥା ପ୍ରତି କାହାର ନିଘା ନଥାଏ। ଏଠି ମାଗଣାରେ ମୋବାଇଲ ମିଳେ କିନ୍ତୁ ନିଜେ ରିଚାର୍ଜ କରିବାକୁ ପଡ଼େ। ମାଗଣା ଚାଉଳ ମିଳେ କିନ୍ତୁ ରାନ୍ଧିବା ପାଇଁ ପାଣି ଆଉ ଜାଳେଣୀ କିଣିବାକୁ ପଡ଼େ। ଖାତା, ବହି, ବ୍ୟାଗ, ୟୁନିଫର୍ମ, ଜୋତା ସବୁ ମାଗଣାରେ ମିଳିଯାଏ କିନ୍ତୁ ପାଠ ପଢ଼େଇବା ପାଇଁ ଶିକ୍ଷକ ନଥାନ୍ତି। ଗରୀବ ବାପା-ମା' ମାନେ ଟ୍ୟୁସନ ଶିକ୍ଷକଙ୍କ ଉପରେ ନିର୍ଭର କରିଥାଆନ୍ତି। ତେଣୁ ମାଗଣା ପାଇବା ଏବଂ ଏହି ପାଇବା ପାଇଁ ଅନେକ କିଛି ହରେଇବାର ଦୁଃଖ ହିତାଧିକାରୀ ମାନଙ୍କୁ ସାମ୍ନା କରିବାକୁ ପଡ଼ିଥାଏ। ଏହି ମାଗଣା ବଣ୍ଟନର ଏକ ସିଂହଭାଗ ଅଂଶ ହରିଲୁଟ ହେଉଥିବାର ଖବରକୁ ନେଇ ଅନେକ ତୁମ୍ବିତୋଫାନ ଚାଲିଲେ ମଧ୍ୟ କମ୍ବଳ ସାରା ଲୋମ ନ୍ୟାୟରେ କେଉଁଠି ଦୁର୍ନିତିର ମୂଳୋତ୍ପଟନ ହେବ ସେ କଥା କିଏ କହିବ? ମାଗଣା ପାଇବାକୁ ହେଲେ ଖର୍ଚ୍ଚ କରିବାକୁ ପଡ଼େ ବୋଲି ଜନ ସାଧାରଣଙ୍କ ଭିତରେ ଆଲୋଚନା ହୁଏ। ପୁଣି ଏହି ମାଗଣା ଦ୍ରବ୍ୟ ଯେଉଁ ନେତା ସଠିକଭାବେ ଦେଇ ପାରନ୍ତି ନାହିଁ ସେମାନେ ମଧ୍ୟ କ୍ଷମତାଚ୍ୟୁତ ହେବାର ଅନେକ ଉଦାହରଣ ଆମ ସମାଜରେ ରହିଛି। ଦେଶର ଅର୍ଥନୀତି ବରଂ ରସାତଳଗାମୀ ହେଉ କିନ୍ତୁ ମାଗଣା ଖାଇବା ଓ ଖୁଆଇବାକୁ ଆମେ ଛାଡ଼ିବା ନାହିଁ। କାରଣ କଷ୍ଟାର୍ଜିତ ଧନକୁ ଖର୍ଚ୍ଚ କରିବାକୁ ସିନା କଷ୍ଟ ଲାଗେ କିନ୍ତୁ ମାଗଣାରେ ପାଉଥିବା ଧନ ଯଦି ତୋଷାରପାତ ହୁଏ ତେବେ ଆମେ କାହାକୁ ଦୋଷ ଦେବା?


**ଅର୍ଣ୍ଣପାଳ, ଭଦ୍ରକ, ମୋବାଇଲ୍:୯୭୭୮୭୬୪୩୯୪**

# ହର୍ମୁଜରୁ ଜାହାଜ ହଟାଇବାକୁ ଆମେରିକାର ଘୋଷଣା

**ୱାଶିଂଟନ, ୪।୫:** ହର୍ମୁଜ ପ୍ରଣାଳୀରେ ଦୀର୍ଘଦିନ ଧରି ଫସି ରହିଥିବା ଜାହାଜଗୁଡ଼ିକୁ ଆମେରିକା ବାହାରକୁ ବାହାର କରିବ ବୋଲି ମାର୍କିନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ସେ ରବିବାର ଏକ ସୋସିଆଲ ମିଡ଼ିଆ ପୋଷ୍ଟରେ କହିଛନ୍ତି ଯେ, ସୋମବାରଠାରୁ ଆମେରିକା ପାରସ୍ୟ ଉପସାଗରର ହର୍ମୁଜ ପ୍ରଣାଳୀରେ ଫସି ରହିଥିବା ଜାହାଜଗୁଡ଼ିକୁ ବାହାରକୁ କାଢ଼ିବା ଆରମ୍ଭ କରିବ। ଇରାନ, ମଧ୍ୟପ୍ରାଚ୍ୟ ଏବଂ ଆମେରିକାର ହିତ ଉଦ୍ଦେଶ୍ୟରେ ଏହା କରାଯିବ। ହର୍ମୁଜରେ ଫସି ରହିଥିବା ଟ୍ରମ୍ପ୍ କହିଛନ୍ତି ଯେ, ଜାହାଜଗୁଡ଼ିକୁ ବାହାରକୁ କାଢ଼ିବୁ ବୋଲି ପୂର୍ବରୁ ଆମେ ସେହିସବୁ ଦେଶକୁ ପ୍ରତିଶ୍ରୁତି ଦେଇଥିଲୁ। ପାରସ୍ୟ ଉପସାଗରରେ ଅବସ୍ଥିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ହେଉଛି ତୈଳ, ଗ୍ୟାସ ଟ୍ୟାଙ୍କର ଏବଂ କଣ୍ଟେନର ଜାହାଜ ଯିବା ଲାଗି ଏକ ପ୍ରମୁଖ ଉପସାଗରୀୟ ପରିବହନ ପଥ। ଇରାନର ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ଆମେରିକାର ଅବରୋଧ ଯୋଗୁ ଏହା ଦୀର୍ଘ ସପ୍ତାହ ଧରି ବନ୍ଦ ହୋଇ ରହିଛି। ଟ୍ରମ୍ପ୍ ଏହି ଜାହାଜ ନିଷ୍କାସନ ପ୍ରକ୍ରିୟାକୁ 'ପ୍ରୋଜେକ୍ଟ ଫ୍ରିଡମ୍' ନାମ ଦେଇଛନ୍ତି। ଏହି ପ୍ରକ୍ରିୟାରେ କୌଣସି ହସ୍ତକ୍ଷେପ କଲେ ତାହାକୁ ବଳପୂର୍ବକ ମୁକାବିଲା କରାଯିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଲଣ୍ଡନରେ ହୋଇଥିବା ଏକ ବୈଠକରେ ଜାତିସଂଘ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକ ବିଶ୍ୱ ପରିବହନକୁ ବନ୍ଦ କରିଥିବା କାରଣରୁ ଇରାନକୁ ତୀବ୍ର ନିନ୍ଦା କରାଯାଇଥିଲା। ଜାହାଜ ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଜାତିସଂଘର ସ୍ୱତନ୍ତ୍ର ସଂସ୍ଥା ଇଣ୍ଟରନ୍ୟାସନାଲ ମାରିଟାଇମ ଅର୍ଗାନାଇଜେସନ (ଆଇଏମଓ) ଦ୍ୱାରା ଆଗତ ଏକ ପ୍ରସ୍ତାବକୁ ଲଣ୍ଡନ ବୈଠକରେ ଅନୁମୋଦନ କରାଯାଇଥିଲା। ହର୍ମୁଜରେ ପ୍ରତିବନ୍ଧକ ଲଗାଇ ଇରାନ ଜାହାଜ କର୍ମଚାରୀଙ୍କ ଜୀବନ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହିତ ସାମୁଦ୍ରିକ ପରିବେଶକୁ ଗମ୍ଭୀର ବିପଦ ଭିତରକୁ ଠେଲି ଦେଉଛି ବୋଲି ଏହି ପ୍ରସ୍ତାବରେ କୁହାଯାଇଥିଲା। ଏହାର କିଛିଦିନ ପରେ ଡୋନାଲ୍ଡ ଟ୍ରମ୍ପ୍ ହର୍ମୁଜରେ ଫସି ରହିଥିବା ଜାହାଜଗୁଡ଼ିକୁ ବାହାରକୁ ଆଣିବା ପାଇଁ ଘୋଷଣା କରିଛନ୍ତି।



ମେ ୪ ତାରିଖରୁ ଆରମ୍ଭ ହେଉଥିବା 'ପ୍ରୋଜେକ୍ଟ ଫ୍ରିଡମ୍'ରେ ଆମେରିକା ୧୫ ହଜାର ଆମେରିକୀୟ ସେନା ଏବଂ ୧୦୦ ବିମାନ ମୁତୟନ କରିବ ବୋଲି ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ କୁହାଯାଇଛି। ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ରବିବାର ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ବାଣିଜ୍ୟିକ ଜାହାଜଗୁଡ଼ିକର ପରିବହନକୁ ପୁନଃସ୍ଥାପନ କରିବା ପାଇଁ ମେ ୪ ତାରିଖରୁ ଆରମ୍ଭ ହେଉଥିବା 'ପ୍ରୋଜେକ୍ଟ ଫ୍ରିଡମ୍'କୁ ଏହା ସମର୍ଥନ ଦେବ। ଏହି ପ୍ରକ୍ରିୟାରେ ୧୫ ହଜାର ସେନା, ଗାଇଡେଡ୍-କ୍ଷେପଣାସ୍ତ୍ର ବିଧ୍ୱଂସକ ଏବଂ ୧୦୦ରୁ ଅଧିକ ଲଢୁଆ ବିମାନ ସାମିଲ କରାଯିବ। ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ଏକ ଚତୁର୍ଥାଂଶ ସାମୁଦ୍ରିକ ତୈଳ ବାଣିଜ୍ୟ ଏବଂ ଇନ୍ଧନ ଓ ସାର ଉତ୍ପାଦର ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ ଏହି ପ୍ରଣାଳୀ ଦେଇ ପରିବହନ କରାଯାଇଥାଏ। ସେଣ୍ଟକମ୍‌ର କମାଣ୍ଡର ଆଡାମ ବ୍ରାଡ କୋପର କହିଛନ୍ତି ଯେ, ଆଞ୍ଚଳିକ ନିରାପତ୍ତା ତଥା ବିଶ୍ୱ ଅର୍ଥନୀତି ପାଇଁ ଗ୍ରହଣ କରାଯାଉଥିବା ଏହି ପ୍ରତିରକ୍ଷା ଅଭିଯାନରେ ଆମର ସମର୍ଥନ ଜରୁରି, କାରଣ ଆମେ ମଧ୍ୟ ହର୍ମୁଜରେ ଅବରୋଧ କରିଥିଲୁ। ଅପରପକ୍ଷରେ, ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନେଇ ଇରାନ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇରାନର ଜଣେ ବରିଷ୍ଠ ସାଂସଦ ତଥା ଇରାନର ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ପୂର୍ବତନ ସେନାମୁଖ୍ୟ ଇବ୍ରାହିମ୍ ଅଜିଜ୍ କହିଛନ୍ତି ଯେ, ଇରାନ ଓ ଆମେରିକା ମଧ୍ୟରେ ଏବେ ଯୁଦ୍ଧବିରତି ବଳବତ୍ତର ଅଛି। ଏ ପରିପ୍ରେକ୍ଷୀରେ ହର୍ମୁଜରେ ଆମେରିକାର କୌଣସି କାର୍ଯ୍ୟକଳାପକୁ ଯୁଦ୍ଧବିରତିର ଉଲ୍ଲଂଘନ ବୋଲି ଧରିନିଆଯିବ। ଯଦି ଆମେରିକାର ସେନା ଷ୍ଟ୍ରେଟ୍ ଅଫ ହର୍ମୁଜରେ ପ୍ରବେଶ କରନ୍ତି ତା'ହେଲେ ସେମାନେ ଆକ୍ରମଣ କରିବେ ବୋଲି ଇରାନର ସେନା ସ୍ପଷ୍ଟ କରିଛି। ଇରାନର କେନ୍ଦ୍ରୀୟ କମାଣ୍ଡର ମୁଖ୍ୟଙ୍କ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଯଦି କୌଣସି ବିଦେଶୀ ସଶସ୍ତ୍ର ବାହିନୀ, ବିଶେଷକରି ଆମେରିକାର ଯୁଦ୍ଧଖୋର ସେନାବାହିନୀ ହର୍ମୁଜ ପ୍ରଣାଳୀ ନିକଟକୁ ଆସିବାକୁ ଚେଷ୍ଟା କରିବ କିମ୍ବା ଭିତରକୁ ପଶିବାକୁ ଚେଷ୍ଟାକରିବ ତା'ହେଲେ ଆମେ ସେମାନଙ୍କୁ ତୁରନ୍ତ ଜବାବ ଦେବୁ। ଇରାନ ବାରମ୍ବାର କହିଛି ଯେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଇରାନ ସଶସ୍ତ୍ର ବାହିନୀ ନିୟନ୍ତ୍ରଣରେ ରହିଛି ଏବଂ ଏହି ପଥ ଦେଇ ଯିବାକୁ ହେଲେ ଯେକୌଣସି ପରିସ୍ଥିତିରେ ଇରାନ ସଶସ୍ତ୍ର ବାହିନୀ ସହିତ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ ବୋଲି ମେଜର ଜେନେରାଲ ଅଲି ଅବଦୁଲ୍ଲାହି ସ୍ପଷ୍ଟ କରିଦେଇଥିବା ଇରାନର ସରକାରୀ ଖବର ପ୍ରସାରଣକାରୀ ସଂସ୍ଥା ଆଇଆରଆଇବି ଜଣାଇଛି।

## ଭିତରକୁ ପଶିବାକୁ ଚେଷ୍ଟାକଲେ ଆକ୍ରମଣ ହେବ: ଇରାନ୍

# ବିଜୟଙ୍କ ପରାଜୟ ଗୁଜବରେ ଗଳା କାଟିଲେ ପ୍ରଶଂସକ

**ଚେନ୍ନାଇ, ୪।୫:** ତାମିଲନାଡୁ ରାଜନୀତି ଓ ସିନେମା ଜଗତର ସମ୍ପର୍କ ଅତି ନିବିଡ଼, କିନ୍ତୁ କେତେବେଳେ ଏହି ଅନୁରାଗ ଭୟଙ୍କର ଜୀବନ ନେଇପାରେ ତାହା କେହି କଳ୍ପନା କରିନଥିଲେ। ସୁପରଷ୍ଟାର ଥାଲାପତି ବିଜୟଙ୍କୁ ନେଇ ଉଠିଥିବା ଏକ ଗୁଜବ ଯୋଗୁଁ ଜଣେ ଯୁବକ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସାରା ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଛି। ପୁଲିସ ସୂଚନା ଅନୁଯାୟୀ, କ୍ରିଷ୍ଣଗିରି ଅଞ୍ଚଳର ୨୮ ବର୍ଷୀୟ ଯୁବକ କେ. ମହେନ୍ଦ୍ରନ୍ ଅଭିନେତା ବିଜୟଙ୍କର ଜଣେ ବଡ଼ ପ୍ରଶଂସକ ଏବଂ ତାଙ୍କ ନୂତନ ରାଜନୈତିକ ଦଳ ତାମିଲଗା ଭେଟ୍ରି କାଜଗମ (ଟିଭିକେ)ର ସକ୍ରିୟ ସମର୍ଥକ।



ସୋମବାର ସକାଳୁ ଭୋଟ୍ ଗଣତି ଆରମ୍ଭ ହେବା ପୂର୍ବରୁ ସହରରେ ଚର୍ଚ୍ଚା ହୋଇଥିଲା ଯେ ବିଜୟ ନିର୍ବାଚନରେ ପଛୁଆ ଅଛନ୍ତି କିମ୍ବା ହାରିଯାଇପାରନ୍ତି। ପ୍ରିୟ ନେତାଙ୍କ ପରାଜୟ ଖବର ସହ୍ୟ କରିନପାରି ମହେନ୍ଦ୍ରନ୍ ନିଜର ମାନସିକ ସନ୍ତୁଳନ ହରାଇ ବସିଥିଲେ। ଏକ ଧାରୁଆ ଅସ୍ତ୍ରରେ ସେ ସର୍ବସାଧାରଣରେ ନିଜ ଗଳା କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ ଏବଂ ତୁରନ୍ତ ତାଙ୍କୁ ଉଦ୍ଧାର କରି କ୍ରିଷ୍ଣଗିରି ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଆଇସିୟୁରେ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ପରାଜୟର ଗୁଜବ ପାଇଁ ମହେନ୍ଦ୍ରନ୍ ଏଭଳି ଚରମ ପଦକ୍ଷେପ ନେଲେ, ପ୍ରକୃତ ଫଳାଫଳ ତାହାର ସମ୍ପୂର୍ଣ୍ଣ ଓଲଟା ରହିଛି। ପ୍ରାରମ୍ଭିକ ଟ୍ରେଣ୍ଡ ଅନୁଯାୟୀ, ବିଜୟଙ୍କ ଦଳ ଟିଭିକେ ତାମିଲନାଡୁରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି।

# ମହାକାଶରେ ଦୃଷ୍ଟି ରଖିବ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ ଗାଲାକ୍ସ-ଆଇ



**ନୂଆଦିଲ୍ଲୀ,୪।୫:** ବେଙ୍ଗାଲୁରୁ ସ୍ଥିତ ଭାରତୀୟ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ ଗାଲାକ୍ସ-ଆଇ ନିଜର ପ୍ରଥମ ଉପଗ୍ରହ ଦୃଷ୍ଟି ମିଶନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହି ସାଟେଲାଇଟ୍‌କୁ ଆମେରିକାର ଘରୋଇ ମହାକାଶ କମ୍ପାନୀ ସ୍ପେସ୍‌ଏକ୍ସର ଫାଲକନ୍ ୯ ରକେଟ୍ ସାହାଯ୍ୟରେ ମହାକାଶକୁ ପଠାଯିବ। କାଲିଫର୍ଣ୍ଣିଆସ୍ଥିତ ଭେଣ୍ଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ ଏହି ପ୍ରକ୍ଷେପଣ କରାଯିବ। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ର ପାଇଁ ଏହି ମିଶନକୁ ଏକ ବଡ଼ ସଫଳତା ଭାବେ ବିଚାର କରାଯାଉଛି। ଏହା ଦେଶର ବୈଷୟିକ ଦକ୍ଷତାକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେବ। ଦୃଷ୍ଟି ଉପଗ୍ରହର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଅତ୍ୟାଧୁନିକ ଅପ୍ଟୋ ଏସଏଆର ପ୍ରଯୁକ୍ତିବିଦ୍ୟା। ଏହି ଟେକ୍ନୋଲୋଜି ଅପ୍ଟିକାଲ୍ ଇମେଜିଂ ଏବଂ ସିନ୍‌ଥେଟିକ୍ ଆପର୍ଚର ରାଡାରର ଏକ ମିଶ୍ରଣ, ଯାହା ଫଳରେ ଏହି ଉପଗ୍ରହ ଦିନ-ରାତି ଏବଂ ଯେକୌଣସି ପାଣିପାଗରେ କାମ କରିବାକୁ ସକ୍ଷମ। ସାଧାରଣ ଉପଗ୍ରହଗୁଡ଼ିକ ମେଘୁଆ ପାଗ, ବର୍ଷା କିମ୍ବା ଅନ୍ଧାରରେ ସ୍ପଷ୍ଟ ଚିତ୍ର ନେଇପାରନ୍ତି ନାହିଁ। କିନ୍ତୁ ଦୃଷ୍ଟି ଏହି ସମସ୍ତ ବାଧା ସତ୍ତ୍ୱେ ସଠିକ୍ ଏବଂ ସ୍ପଷ୍ଟ ଫଟୋ ଉତ୍ତୋଳନ କରିପାରିବ। ଏହାଦ୍ୱାରା ପୃଥିବୀ ପୃଷ୍ଠର ନିରନ୍ତର ନଜର ରଖିବା ସମ୍ଭବ ହେବ। ପ୍ରାୟ ୧୯୦ କିଲୋଗ୍ରାମ ଓଜନର ଏହି ଉପଗ୍ରହ ଭାରତୀୟ ଘରୋଇ କ୍ଷେତ୍ର ଦ୍ୱାରା ବିକଶିତ ପ୍ରମୁଖ ଉପଗ୍ରହ ମଧ୍ୟରୁ ଅନ୍ୟତମ। ମହାକାଶରେ ହିଁ ତଥ୍ୟ ପ୍ରକ୍ରିୟାକରଣ କରିବା ପାଇଁ ଏଥିରେ ଏକ ଏଆଇ ଆଧାରିତ ସିଷ୍ଟମ୍ ଲଗାଯାଇଛି, ଯାହା ଶୀଘ୍ର ଉପଯୋଗୀ ସୂଚନା ପ୍ରସ୍ତୁତ କରିବ। ଏହି ପ୍ରଯୁକ୍ତିବିଦ୍ୟା କୃଷି, ବିପର୍ଯ୍ୟୟ ପରିଚାଳନା, ସହରୀ ଯୋଜନା, ସାମୁଦ୍ରିକ ନଜର ଏବଂ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟବହୃତ ହୋଇପାରିବ। ବିଶେଷ କରି ବିପର୍ଯ୍ୟୟ ସମୟରେ 'ରିଅଲ-ଟାଇମ୍ ଇମେଜିଂ' ସାହାଯ୍ୟରେ ଉଦ୍ଧାର କାର୍ଯ୍ୟରେ ଅନେକ ସହାୟତା ମିଳିବ।

## ପୁଣି ଚୀନ୍‌କୁ ଗଧମାଂସ ପଠାଇବ ପାକିସ୍ତାନ

**ବେଜିଂ, ୪।୫:** ଖୁବ୍ ଶୀଘ୍ର ପାକିସ୍ତାନର ଶେହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାର ଚୀନର ଏକ କମ୍ପାନୀକୁ ଗଧମାଂସ ରପ୍ତାନି କରିବେ। ଏଥିପାଇଁ ଚୀନ୍‌ର ଗୋଟିଏ କମ୍ପାନୀକୁ ସରିଫଙ୍କ ସରକାର ତରବରରେ ଅନୁମତି ପ୍ରଦାନ କରିଛନ୍ତି। ଅନୁମୋଦନରେ ବିଳମ୍ବ ଉପରେ କ୍ଷୋଭ ପ୍ରକାଶ କରି ଚୀନ୍ କମ୍ପାନୀ ଘୋଷଣା କରିଥିଲା ଯେ ଯଦି ବିଳମ୍ବ ଜାରି ରହେ ତେବେ ଏହା ପାକିସ୍ତାନରେ କାର୍ଯ୍ୟକରିବା ବନ୍ଦ କରିଦେବ। କମ୍ପାନୀ ଅନ୍ୟ ଚୀନ୍ ନିବେଶକମାନଙ୍କୁ ପାକିସ୍ତାନରେ ନିବେଶ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ମଧ୍ୟ ଚେତାବନୀ ଦେଇଥିଲା। ଏଥିରେ ବ୍ୟତିବ୍ୟସ୍ତ



ହୋଇ ପାକିସ୍ତାନ ସରକାର ଗଧମାଂସ ରପ୍ତାନି କରିବାକୁ ଚାଇନା କମ୍ପାନୀକୁ ଅନୁମତି ପ୍ରଦାନ କରିଛନ୍ତି। ଟ୍ରିବ୍ୟୁନ୍ ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିବା ପରେ ଶୁକ୍ରବାର ଏହି ମାମଲାର ସମାଧାନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବାର୍ତ୍ତା ପାଇବାର କିଛି ଘଣ୍ଟା ମଧ୍ୟରେ କ୍ୟାବିନେଟର ଅନୁମୋଦନ ମିଳିଥିଲା ଏବଂ ପଶୁ କ୍ୱାରେଣ୍ଟାଇନ୍ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିଲା। ଚୀନକୁ ଗଧ ମାଂସ ରପ୍ତାନି ପାଇଁ ଏହି ଅନୁମୋଦନ ମାସ ମାସ ଧରି ପଡ଼ି ରହିଥିଲା। ଏହି ପ୍ରକ୍ରିୟା ଗତ ସପ୍ତାହର ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଏବଂ ଶନିବାର ଦିନ ସବୁକିଛି ଫାଇନାଲ୍ ହୋଇଥିଲା। ପାକିସ୍ତାନ ସରକାରୀ ଅଧିକାରୀମାନେ ଚୀନ୍ କମ୍ପାନୀ ଉପରେ ରପ୍ତାନି ପାଇଁ ପଶୁ ପ୍ରଜନନ ଏବଂ ଅନ୍ତର୍ଜାତୀୟ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବାର ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ସରିଫ ଏହି ମାସ ଶେଷରେ ଚୀନ୍ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି। ଏହି ସମସ୍ୟା ସେ ସେଠାରେ ଉଠାଇ ପାରନ୍ତି।

## ଭାରତର ପ୍ରେସ୍ ସ୍ୱାଧୀନତା ପାକିସ୍ତାନଠୁ ବି ନ୍ୟୁନ

**ନୂଆଦିଲ୍ଲୀ,୪।୫:** ବିଶ୍ୱର ଅଧାରୁ ଅଧିକ ଦେଶ ପ୍ରେସ୍ ସ୍ୱାଧୀନତା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିପାରିନାହାନ୍ତି। 'ରିପୋଟର୍ସ ୱିଦାଉଟ୍ ବର୍ଡର୍ସ' ଦ୍ୱାରା ପ୍ରକାଶିତ ୨୦୨୬ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଅଧିକାଂଶ ଦେଶର ସ୍ଥିତି ଗମ୍ଭୀର କିମ୍ବା ଅତ୍ୟନ୍ତ ଗମ୍ଭୀର ବର୍ଗରେ ରହିଛି । ସେଥିରୁ ଭାରତ ବି ବାଦ୍ ପଡ଼ିନି। ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୭ ରହିଛି। ୨୦୨୫ରେ ଭାରତ ୧୫୧ ସ୍ଥାନରେ ରହିଥିଲା ବେଳେ ଏବେ ତାହା ୬ ସ୍ଥାନ ତଳକୁ ଖସିଛି। ଏପରିକି ଭାରତର ଅବସ୍ଥା ନେପାଳ ଏବଂ ପାକିସ୍ତାନଠାରୁ ବି ଖରାପ ରହିଛି। ନେପାଳ ୮୭ ତମ ଏବଂ ପାକିସ୍ତାନ ୧୫୩ ତମ ସ୍ଥାନରେ ସ୍ଥାନିତ ହୋଇଛି । ରବିବାର (ମେ' ୩) ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ବିରୋଧୀ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଛି। ଭାରତୀୟ ଗଣମାଧ୍ୟମର ସ୍ୱାଧୀନତାକୁ ନେଇ କଂଗ୍ରେସ ଗମ୍ଭୀର ଚିନ୍ତା ପ୍ରକଟ କରିଛି ଏବଂ ଏହା ଦେଶର ଗଣତନ୍ତ୍ର ପାଇଁ ବଡ଼ ବିପଦ ଘଣ୍ଟି ବୋଲି କହିଛି। ଏକ୍ସରେ କଂଗ୍ରେସ ଏକ ପୋଷ୍ଟ ଜରିଆରେ କେନ୍ଦ୍ର ସରକାରଙ୍କୁ ଘେରିଛି ଏବଂ ସାମ୍ବାଦିକଙ୍କ ସମର୍ଥନରେ ବାହାରିଛି। ପୋଷ୍ଟରେ ଲେଖାଯାଇଛି, ଏକ ସ୍ୱାଧୀନ ପ୍ରେସ୍ ଗଣତନ୍ତ୍ରର ପ୍ରକୃତ ସ୍ୱର ହୋଇଥାଏ। କିନ୍ତୁ ଆଜି ଗଣତନ୍ତ୍ରର ଏହି ସ୍ୱର ଉପରେ ଲଗାତର ଆକ୍ରମଣ ହେଉଛି। ଯେଉଁମାନେ ଶାସକଙ୍କ ସମ୍ମୁଖରେ ନିର୍ଭୟରେ ସତ କହିବାର ସାହସ ରଖିଛନ୍ତି ସେମାନଙ୍କ ସହ କଂଗ୍ରେସ ସବୁବେଳେ ଛିଡ଼ା ହୋଇଛି। ଏପ୍ରିଲ ୩୦ରେ ପ୍ରକାଶିତ ଏହି ସୂଚକାଙ୍କରେ ନରୱେ ଲଗାତର ୧୦ମ ଥର ପାଇଁ ୧ ନମ୍ବର ସ୍ଥାନ ଅଧିକାର କରିଛି। ତାଲିକାର ଶେଷରେ ଏରିଟ୍ରିଆ କ୍ରମାଗତ ୩ୟ ଥର ପାଇଁ ରହିଛି। ଚୀନ୍‌ର ସ୍ଥାନ ୧୭୮ ରହିଥିବାବେଳେ, ଆଫଗାନିସ୍ତାନର ୧୭୫, ରୁଷ୍ ୧୭୨, ଶ୍ରୀଲଙ୍କା ୧୩୪, ବାଂଲାଦେଶ ୧୫୨, ମାଳଦ୍ୱୀପ ୧୦୮, ଭୁଟାନ ୧୫୦ ତମ ସ୍ଥାନରେ ରହିଛି। ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ପାଞ୍ଚଟି ସୂଚକ, ଯଥା- ସାମ୍ବାଦିକଙ୍କ ପାଇଁ ଅର୍ଥନୈତିକ, ଆଇନଗତ, ସୁରକ୍ଷା, ରାଜନୈତିକ ଏବଂ ସାମାଜିକ ପରିବେଶ ଆଧାରରେ ଦେଶଗୁଡ଼ିକରେ ପ୍ରେସ୍ ସ୍ୱାଧୀନତାର ମୂଲ୍ୟାଙ୍କନ କରିଛି। ବର୍ଷକ ମଧ୍ୟରେ ଆଇନଗତ ସୂଚକାଙ୍କ ଗୁରୁତର ଭାବରେ ହ୍ରାସ ପାଇଥିଲା ଏବଂ ଏହା ଏକ ସ୍ପଷ୍ଟ ସଙ୍କେତ ଥିଲା ଯେ ସାରା ବିଶ୍ୱରେ ସାମ୍ବାଦିକତା ବର୍ଦ୍ଧିତ ଅପରାଧୀକରଣ ହେଉଥିବା ଏହା କହିଛି।

# ମେ'ରେ ଜିନପିଙ୍ଗ ଓ ଟ୍ରମ୍ପଙ୍କ ବୈଠକ



**ହଂକଂ, ୪।୫:** ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଥିବା ସତ୍ତ୍ୱେ ଚୀନ ପ୍ରଧାନମନ୍ତ୍ରୀ ସି ଜିନପିଙ୍ଗ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ମେ' ମାସରେ ହେବାକୁ ଥିବା ବୈଠକ ଓ ଆଲୋଚନା ହେବ ବୋଲି ଚୀନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧକୁ ଆଧାର କରି ଏହି ବୈଠକକୁ ବାତିଲ କରିଦିଆଯାଇଥିଲା। ସାମ୍ପ୍ରତିକ ବିଶ୍ୱରେ ଆମେରିକା ଓ ଚୀନକୁ ଉଭୟ ସାମରିକ ତଥା ବାଣିଜ୍ୟିକ କ୍ଷେତ୍ରରେ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିବେଚନା କରାଯାଉଥିଲା ବେଳେ ଏହି ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଆଲୋଚନାକୁ ନେଇ ଉଭୟ ବେଜିଂ ଓ ହ୍ୱାଇଟ୍ ହାଉସ୍ ଆଶାବାଦୀ ଅଛନ୍ତି। ଏହି ବୈଠକ ଦୁଇ ରାଷ୍ଟ୍ରର ସାମରିକ ଓ ବାଣିଜ୍ୟିକ ସମୃଦ୍ଧି ନେଇ ପଥ ପ୍ରସ୍ତୁତ କରିବ ବୋଲି ଉଭୟ ପକ୍ଷ ଆଶାବାଦୀ ଅଛନ୍ତି। ତେବେ ଏହି ବୈଠକ ନେଇ ବେଜିଂ ଖୁବ୍ ସତର୍କତା ଅବଲମ୍ବନ କରୁଛି ବୋଲି ସୂତ୍ରଗୁଡ଼ିକ ପ୍ରକାଶ କରିଛନ୍ତି।

# ମୁରାଦାବାଦ ହତ୍ୟାକାଣ୍ଡ: ମିଳିଲା ଫେରାର ମା'ର ମୃତଦେହ

**ଅମ୍ବେଦକରନଗର (ୟୁପି), ୪।୫:** ନିଜର ଚାରିଜଣ ପିଲାଙ୍କୁ ହତ୍ୟାକରି ମାଆ ଫେରାର ହୋଇଯାଇଛନ୍ତି ବୋଲି ଅନୁମାନ କରାଯାଉଥିବା ବେଳେ ଉତ୍ତରପ୍ରଦେଶର ଆମ୍ବେଦକରନଗର ପୁଲିସ୍ ମାଆ ଓରଫ ଗାଜିଆ ଖାତୁନ୍‌ଙ୍କ ମୃତଦେହ ଉଦ୍ଧାର କରିଛି। ଫଳରେ ସେହି ଘଟଣା ଏକ ନୂଆମୋଡ଼ ନେଇଛି। ସୂଚନାଯୋଗ୍ୟ, ଶନିବାର ଅପରାହ୍ଣ ୩ଟା ୪୦ ମିନିଟରେ ପୁଲିସକୁ କିଛି ଲୋକ ଖବର ଦେଇଥିଲେ ଯେ, ଉତ୍ତର ପ୍ରଦେଶର ଅମ୍ବେଦକର ନଗର ଅନ୍ତର୍ଗତ ଆକବରପୁର କୋତୱାଲି ଅଞ୍ଚଳର ମୁରାଦାବାଦ ମିରାନପୁରଠାରେ ଥିବା ଗାଜିଆ ଖାତୁନଙ୍କ ଘରେ ପରିସ୍ଥିତି ଅସ୍ୱାଭାବିକ ଅଛି। କାରଣ ଯେତେ କବାଟ ବାଡ଼େଇଲେ ବି ସେ ଘରର କେହି କବାଟ ଖୋଲୁନାହାନ୍ତି। ପ୍ରଥମେ ଜଣେ କ୍ଷୀରବାଲା କବାଟ ବାଡ଼େଇ ଉତ୍ତର ନ ପାଇବାରୁ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତିନି ମହଲା ବିଶିଷ୍ଟ ଘରର ପ୍ରଥମ ମହଲାକୁ ଯାଇ ରୁମ୍ ଭିତରେ ଚାରିଜଣ ପିଲାଙ୍କର ରକ୍ତ ଜୁଡୁବୁଡୁ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। କେତେକଙ୍କ ଗଳାରେ କଟା ଦାଗ ଥିବା ବେଳେ ଅନ୍ୟମାନଙ୍କ




ମୁଣ୍ଡକୁ ଇଟାରେ ଛେଚି ଦିଆ ଯାଇଥିଲା। ଗାଜିଆ ଖାତୁନଙ୍କ କୌଣସି ପତ୍ତା ମିଳି ନଥିଲା। ତେଣୁ ସେ ପିଲାମାନଙ୍କୁ ହତ୍ୟାକରି ଫରାର ହୋଇଯାଇଥିବା ପୁଲିସ ଅନୁମାନ କରିଥିଲା। କିନ୍ତୁ ରବିବାର ତାଙ୍କ ମୃତଦେହ ମିଳିବା ପରେ ଚାରି ଭାଇ-ଭଉଣୀଙ୍କ ହତ୍ୟାକାଣ୍ଡ ଘଟଣାରେ ଏକ ନୂଆ ମୋଡ଼ ଆସିଛି। ଯେଉଁ ପିଲାମାନଙ୍କୁ ହତ୍ୟା କରିଥିବା ଅଭିଯୋଗ ମା' ବିରୋଧରେ ଆସୁଥିଲା, ସେହି ମହିଳାଙ୍କ ମୃତଦେହ ଘଟଣାସ୍ଥଳରୁ ପ୍ରାୟ ୧୦୦ ମିଟର ଦୂର ଏକ ନାଳରୁ ଉଦ୍ଧାର କରାଯାଇଛି। ଡ୍ରୋନ୍ ସାହାଯ୍ୟରେ ପୁଲିସ ଚଳାଇଥିବା ସର୍ଚ୍ଚ ଅପରେସନ୍ ବେଳେ ମହିଳାଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ତଦନ୍ତରେ ମା' ଉପରେ ସନ୍ଦେହ କରାଯାଉଥିବା ବେଳେ ଏବେ ମା'ର ମୃତଦେହ ମିଳିବା ପରେ ସମ୍ପୂର୍ଣ୍ଣ ମାମଲା ଜଟିଳ ହୋଇ ଯାଇଛି। ମା' ପିଲାମାନଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛି, ନା ଏହି ଜଘନ୍ୟ କାଣ୍ଡ ପଛରେ କୌଣସି ତୃତୀୟ ବ୍ୟକ୍ତିର ହାତ ଅଛି ତାହା ଏବେ ଏକ ବଡ଼ ପ୍ରଶ୍ନ ହୋଇଛି। ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ସବୁ ଦିଗରୁ ତଦନ୍ତ ଜାରି ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଏବଂ ଫୋରେନସିକ୍ ପ୍ରମାଣ ଆଧାରରେ ହିଁ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ବର୍ତ୍ତମାନ ମହିଳାଙ୍କ ମୃତଦେହ ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ନାନା ପ୍ରକାର ଚର୍ଚ୍ଚା ଲାଗି ରହିଛି। ପ୍ରକାଶଥାଉ କି, ମୃତ ଗାଜିଆ ଖାତୁନଙ୍କ ସ୍ୱାମୀ ତଥା ମୃତ ପିଲାମାନଙ୍କ ପିତା ମହମ୍ମଦ ନିୟାଜ ଗତ ବର୍ଷେ ହେବ ରୋଜଗାର ପାଇଁ ସାଉଦି ଆରବରେ ରହୁଛନ୍ତି।

# ଜର୍ମାନୀରୁ ସୈନ୍ୟ ପ୍ରତ୍ୟାହାର କଲେ ଲାଭାନ୍ୱିତ ହେବ ରୁଷ



**ୱାଶିଂଟନ, ୪।୫:** ଜର୍ମାନୀର ଚାନ୍ସଲରଙ୍କ ସହ ବାଚନିକ ବିବାଦ ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜର୍ମାନୀରୁ ଅତିକମରେ ୫ହଜାର ସୈନ୍ୟ ଫେରାଇଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ଉଭୟ ଜର୍ମାନୀ, ଆମେରିକା ସହିତ ପଶ୍ଚିମ ଏସୀୟ ଦେଶଗୁଡ଼ିକୁ ଚକିତ କରିବା ସହିତ ଜର୍ମାନୀରେ ଆମେରିକାର ସାମରିକ ଉପସ୍ଥିତିକୁ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। ଜର୍ମାନୀ ଭଳି ଏକ ଶକ୍ତିଶାଳୀ ୟୁରୋପୀୟ ଦେଶରେ ଆମେରିକାର ଏତେ ବଡ଼ ସୈନ୍ୟବାହିନୀ ରହିବାର ରହସ୍ୟ କ'ଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜର୍ମାନୀରେ ଆମେରିକୀୟ ସୈନ୍ୟଙ୍କ ମୁତୟନ ଆଜିର ନୁହେଁ, ବରଂ ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଆରମ୍ଭ ହୋଇଥିଲା। ୧୯୪୫ ମସିହାରେ ନାଜି ଜର୍ମାନୀର ପରାଜୟ ପରେ ଆମେରିକା ଏଠାରେ ନିଜର ସାମରିକ ଘାଟି ସ୍ଥାପନ କରିଥିଲା। ସେହି ସମୟରେ ପ୍ରାୟ ୧୬ ଲକ୍ଷ ଆମେରିକୀୟ ସୈନ୍ୟ ଜର୍ମାନୀରେ ରହିଥିଲେ। ଯୁଦ୍ଧ ପରବର୍ତ୍ତୀ ଜର୍ମାନୀର ପ୍ରଶାସନିକ ବ୍ୟବସ୍ଥାକୁ ସମ୍ଭାଳିବା ସେମାନଙ୍କର ମୁଖ୍ୟ କାମ ଥିଲା। ସମୟ ବଦଳିବା ସହ ଆମେରିକାର ରଣନୀତି ମଧ୍ୟ ବଦଳିଲା। ଶୀତଳ ଯୁଦ୍ଧ ସମୟରେ ସୋଭିଏତ୍ ସଂଘର ବିସ୍ତାରବାଦୀ ନୀତିକୁ ରୋକିବା ପାଇଁ ଜର୍ମାନୀକୁ ଆମେରିକା ଏକ ଢାଲ ଭାବେ ବ୍ୟବହାର କଲା। ୧୯୪୯ରେ ନାଟୋ ଗଠିତ ହେବା ପରେ ଏହି ସାମରିକ ଘାଟିଗୁଡ଼ିକ ସ୍ଥାୟୀ ରୂପ ନେଲା। ୧୯୬୦ ରୁ ୧୯୮୦ ମସିହା ମଧ୍ୟରେ ଜର୍ମାନୀରେ ଆମେରିକାର ପ୍ରାୟ ୫୦ଟି ବଡ଼ ଏବଂ ୮୦୦ରୁ ଅଧିକ ଛୋଟ ସାମରିକ ଠିକଣା ରହିଥିଲା। ବର୍ତ୍ତମାନ ସମଗ୍ର ୟୁରୋପରେ ଆମେରିକାର ପ୍ରାୟ ୬୮,୦୦୦ ସୈନ୍ୟ ମୁତୟନ ଅଛନ୍ତି। ଏଥିମଧ୍ୟରୁ ଅଧାରୁ ଅଧିକ ଅର୍ଥାତ୍ ୩୬,୪୦୦ ସୈନ୍ୟ କେବଳ ଜର୍ମାନୀରେ ରହିଛନ୍ତି। ଜର୍ମାନୀରେ ଥିବା ଏହି ବେସ୍‌ଗୁଡ଼ିକ କେବଳ ୟୁରୋପର ସୁରକ୍ଷା ପାଇଁ ନୁହେଁ, ବରଂ ବିଶ୍ୱର ଅନ୍ୟ ପ୍ରାନ୍ତରେ ଆମେରିକାର ସାମରିକ ଅପରେସନ ପାଇଁ ଏକ 'ଲଜିଷ୍ଟିକ୍ ହବ୍' ଭାବେ କାମକରେ। ରୁଷିଆର କୌଣସି ବି ଆକ୍ରମଣାତ୍ମକ ପଦକ୍ଷେପକୁ ପ୍ରତିହତ କରିବା ପାଇଁ ଜର୍ମାନୀ ହେଉଛି ଆମେରିକାର ମୁଖ୍ୟ କେନ୍ଦ୍ର।



# ମାୟୋନ୍ ଜ୍ୱାଳାମୁଖୀ ସକ୍ରିୟ ସ୍ଥାନୀୟ ଲୋକେ ଘର ଛାଡ଼ିଲେ

**ମାନିଲା,୪।୫:** ଫିଲିପାଇନ୍ସର ଆଲବେରେ ଏକ ଅତ୍ୟନ୍ତ ବିପଜ୍ଜନକ ପ୍ରାକୃତିକ ଘଟଣା ସାମନାକୁ ଆସିଛି। ରବିବାର ମାୟୋନ୍ ଆଗ୍ନେୟଗିରି ଉଦଗୀରଣ ହୋଇଛି। ଅର୍ଥାତ୍ ଏହା ପୁଣି ସକ୍ରିୟ ହୋଇ ଉଠିଛି। ଏହାର ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରୁ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। କର୍ତ୍ତୃପକ୍ଷ ଲାଭା ଏବଂ ଭୂସ୍ଖଳନ ଚେତାବନୀ ଜାରି କରିଛନ୍ତି। ମାନିଲାର ଦକ୍ଷିଣ-ପୂର୍ବରେ ଥିବା ଆଲବେ ପ୍ରଦେଶରେ ମାୟୋନ୍ ଜ୍ୱାଳାମୁଖୀ ସକ୍ରିୟ ହେବା ପରେ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ସମୟରେ ଆକାଶକୁ ପାଉଁଶର ଏକ ଗୁଣ୍ଡ ଉଠି ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରିଥିଲା। ଅନ୍ୟପକ୍ଷେ ଆଗ୍ନେୟଗିରି ଉଦଗୀରଣ ପରେ ୫ଟି ପର୍ଯ୍ୟାୟରେ ପାରାମିଟରକୁ ବଢ଼ାଇ ୩ ପର୍ଯ୍ୟନ୍ତ କରି ଦିଆଯାଇଛି। ଏହା ସହ ସ୍ଥାନୀୟ ଲୋକମାନଙ୍କୁ ଲାଭା, ଭୂସ୍ଖଳନ ଓ ଆଗକୁ ଉଦଗୀରଣ ହେବାର ବିପଦକୁ ଦୃଷ୍ଟିରେ ରଖି ସତର୍କ ସୂଚନା ଜାରି କରାଯାଇଛି। ଏହି ଅଞ୍ଚଳର ୬ କିଲୋମିଟର ପରିସର ମଧ୍ୟକୁ ନ ଯିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଆଗ୍ନେୟଗିରି ପ୍ରାୟ ୨୪୬୨ ମିଟର ଉଚ୍ଚ। ଏହା ଲାଭା, ଗ୍ୟାସ ଏବଂ ଜ୍ୱାଳାମୁଖୀ ଭଗ୍ନାବଶେଷ ନିର୍ଗତ କରେ। ଅଧିକାରୀମାନେ କହିଛନ୍ତି ଯେ ଜ୍ୱାଳାମୁଖୀରେ ଷ୍ଟ୍ରୋମ୍ବୋଲିଆନ୍ ଗତିବିଧି ଦେଖିବାକୁ ମିଳିଛି। ଲାଭା, ଗ୍ୟାସ ଏବଂ ଜ୍ୱାଳାମୁଖୀ ଭଗ୍ନାବଶେଷର ମଝିରେ ମଝିରେ ଉଦଗୀରଣ ହେଉଛି। ଏହା ଫିଲିପାଇନ୍ସର ସବୁଠାରୁ ସକ୍ରିୟ ଜ୍ୱାଳାମୁଖୀ ଏବଂ ଏକ ପର୍ଯ୍ୟଟନ ସ୍ଥଳ। ପରିସ୍ଥିତି ଏବେ ଅସ୍ଥିର ରହିଛି। ଉଲ୍ଲେଖନୀୟ ଯେ, ମାୟୋନ୍ ଆଗ୍ନେୟଗିରି ଫିଲିପାଇନ୍ସର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ମଧ୍ୟରୁ ଅନ୍ୟତମ। ମାୟୋନ୍ ଗତ ୪୦୦ ବର୍ଷ ମଧ୍ୟରେ ୫୦ ରୁ ଅଧିକ ଥର ଉଦଗୀରଣ ହୋଇଛି।

# ସୁ କି ଜୀବିତ ଥିବା ନେଇ ସନ୍ଦେହ ପ୍ରକାଶ କଲେ ପରିବାର

**ନେପିଡ଼ା, ୪।୫:** ମିଆଁମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗସାନ ସୁ କି' ଏବେ ଗୃହବନ୍ଦୀରେ ଅଛନ୍ତି ବୋଲି କହୁଥିବା ବେଳେ ତାହାକୁ ନେଇ ତାଙ୍କ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ସୁ କି'ଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇଛି ଏବଂ ତାଙ୍କୁ ଏକ ଘରେ ଗୃହବନ୍ଦୀ କରି ରଖାଯାଇଛି ବୋଲି ମିଆଁମାରର ସରକାରୀ ଗଣମାଧ୍ୟମ ପ୍ରକାଶ କରିଥିଲା। ସରକାରୀ ଗଣମାଧ୍ୟମ ପକ୍ଷରୁ ସୁ କି' କିଛି ସାମରିକ ଅଧିକାରୀଙ୍କ ଆଲୋଚନା କରିବାର ଗୋଟିଏ ଫଟୋ ପ୍ରକାଶ କରାଯାଇଥିଲା ଏବଂ କୁହାଯାଇଥିଲା ଯେ, ସୁ କି ଏବେ ସୁସ୍ଥ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ତାଙ୍କ ପରିବାର ଏହାକୁ ପ୍ରତ୍ୟାଖ୍ୟାନ କରିବା ସହିତ ପରିବାର ପକ୍ଷରୁ କୁହାଯାଇଛି ଯେ, ଜୁଣ୍ଟା ସରକାର ଏହି ନୋବେଲ ବିଜେତାଙ୍କୁ ବନ୍ଦୀକରି ରଖିଥିଲା।



ଏବେ ସୁଦ୍ଧା ସେ କେଉଁଠି ଅଛନ୍ତି ତାହାର କୌଣସି ଠିକ୍ ଠିକଣା ନାହିଁ। ଏବେ ତାଙ୍କୁ ଗୃହବନ୍ଦୀ କରାଯାଇଥିବା ଜୁଣ୍ଟା ସରକାର କହୁଛନ୍ତି। ମାତ୍ର ଯେ ପର୍ଯ୍ୟନ୍ତ ପରିବାର ସହିତ ବାର୍ତ୍ତାଳାପ କରାନଯାଇଛି ସେ ପର୍ଯ୍ୟନ୍ତ ସୁ କି ଜୀବିତ ଅଛନ୍ତି ବୋଲି ସେମାନେ ବିଶ୍ୱାସ କରିବେ ନାହିଁ।

# ଏସି ବ୍ୟବହାରରେ ଭାରତ ବିଶ୍ୱରେ ପ୍ରଥମ

**ନୂଆଦିଲ୍ଲୀ, ୪।୫:** ଚଳିତ ବର୍ଷର ଗ୍ରୀଷ୍ମଋତୁ ଆରମ୍ଭ ମାତ୍ର। ହେଲେ ଏବେଠାରୁ ଦେଶର ପ୍ରାୟ ପ୍ରତ୍ୟେକ ଭାଗରେ ଯେଭଳି ଗରମ ଅନୁଭୂତ ହେଉଛି ତାହା ସବୁ ବର୍ଷର ରେକର୍ଡକୁ ଟପିଯିବା ଭଳି ମନେ ହେଉଛି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡ଼ ଆଦି ରାଜ୍ୟରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ଛୁଇଁଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ସତର୍କତା ଅନୁସାରେ ଦେଶର ପୂର୍ବ, କେନ୍ଦ୍ର ଏବଂ ଉତ୍ତର ପଶ୍ଚିମ ଭାଗରେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ହେବ। ଏହାଛଡ଼ା ଚଳିତ ବର୍ଷ ଏଲ୍-ନିନୋ ପ୍ରଭାବରେ ମୌସୁମୀ ବର୍ଷା କମ୍ ହେବାର ଆଶଙ୍କା ରହିଥିବାରୁ ଗରମ ଏବଂ ଗୁଳୁଗୁଳି ଅସହ୍ୟ ହୋଇପଡ଼ିବ ବୋଲି ଆକଳନ କରାଯାଉଛି। ବିଶେଷକରି ସହରାଞ୍ଚଳ ସ୍ଥିତି ଗ୍ରାମାଞ୍ଚଳ ତୁଳନାରେ ଅଧିକ କଠିନ ହୋଇପଡ଼ିବାର ଆଶଙ୍କା ବଢ଼ାଇଛି। କାରଣ ସହରାଞ୍ଚଳ ଦେଶର ଅନ୍ୟାନ୍ୟ ଭାଗ ତୁଳନାରେ ୨ ଗୁଣ ଅଧିକ ଉତ୍ତପ୍ତ ହୋଇପଡ଼ୁଛି ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ସ୍ୱତନ୍ତ୍ର ଅନୁଧ୍ୟାନରୁ ଜଣାପଡ଼ିଛି। ସହରାଞ୍ଚଳରେ ଗଛବୃକ୍ଷ



ନଷ୍ଟ ସହ କୋଠାବାଡ଼ି ସଂଖ୍ୟା ବଢି କଂକ୍ରିଟ୍ ଜଙ୍ଗଲ ବୃଦ୍ଧି ହେବା ଦ୍ୱାରା ଅଧିକ ଉତ୍ତାପ ବାୟୁମଣ୍ଡଳ ସମେତ ଭୂପୃଷ୍ଠ ଉତ୍ତାପ ବଢାଇ ଅର୍ବାନ ହିଟ୍ ଆଇଲାଣ୍ଡ ପ୍ରଭାବ ସୃଷ୍ଟି କରିବା ଦିନ ଓ ରାତିରେ ଉତ୍ତାପ ବୃଦ୍ଧି କରିବାର ମୁଖ୍ୟ କାରଣ ପାଲଟିଛି। ଏହିକ୍ରମରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ସହର ସମେତ ମଧ୍ୟମ ସହରଗୁଡିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସହରାଞ୍ଚଳରେ ଅସହ୍ୟ ଗରମରୁ ରକ୍ଷା ପାଇବା ଲାଗି ଲୋକମାନେ ଏୟାର କଣ୍ଡିଶନର(ଏସି)ର ବ୍ୟବହାର ବଢାଇ ଚାଲିଛନ୍ତି। ଗରମରୁ ରକ୍ଷା ପାଇବା ଲାଗି ଏସିର ବ୍ୟବହାର ସାରା ବିଶ୍ୱରେ ଭାରତରେ ସବୁଠୁ ଅଧିକ। ୨୦୨୪ରେ ଭାରତୀୟ ବଜାରରେ ୪୦ ନିୟୁତ ଏସି ବିକ୍ରି ହେବା ଘଟଣା ନୂଆ ରେକର୍ଡ ସୃଷ୍ଟି କରିଥିଲାବେଳେ ଏହାମଧ୍ୟରେ ଏହି ସଂଖ୍ୟା ଆହୁରି ଅଧିକ ସ୍ତରରେ ପହଞ୍ଚିଥିବା କଞ୍ଜ୍ୟୁମର୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆପ୍ଲିଆନ୍ସ ମାନୁଫାକ୍‌ଚରର ଆସୋସିଏସନ ପକ୍ଷରୁ କୁହାଯାଇଛି। କିନ୍ତୁ ଭାରତରେ ଏତେ ସଂଖ୍ୟାରେ ଏସି ବ୍ୟବହାର ପରୋକ୍ଷରେ ପରିବେଶ ପାଇଁ ଉତ୍କଟ ସ୍ଥିତି ସୃଷ୍ଟି କରୁଥିବା କୁହାଯାଇଛି। ଏସି ଗରମରୁ ରକ୍ଷା ଦେଉଥିଲେ ହେଁ ଏହାର ପ୍ରଭାବ ବାୟୁମଣ୍ଡଳ ଏବଂ ପୃଥିବୀକୁ ଉତ୍ତପ୍ତ କରିବାରେ ଲାଗିଛି ବୋଲି ଗବେଷକମାନେ କହିଛନ୍ତି। ପ୍ରଥମତଃ ଖରାଦିନେ ବିପୁଳ ସଂଖ୍ୟାରେ ଏସି ଚାଲୁଥିବାରୁ ଅଧିକ ବିଦ୍ୟୁତ୍‌ଶକ୍ତି ଉପଯୋଗ ହୋଇଥାଏ। ଭାରତରେ ମୁଖ୍ୟତଃ କୋଇଲା ଏବଂ ଡିଜେଲ ଭଳି ଜୀବାଶ୍ମ ଇନ୍ଧନରୁ ବିଦ୍ୟୁତ୍ ଉତ୍ପନ୍ନ ହେଉଥିବାରୁ ଏହାର ପ୍ରଭାବ ମଧ୍ୟ ବାୟୁମଣ୍ଡଳ ଉପରେ ଅନୁଭୂତ ହୋଇଥାଏ। ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ପିକ୍ ଆୱାର ବିଦ୍ୟୁତ୍ ଚାହିଦା ୧୮୨.୫ ଗିଗାଓ୍ୱାଟ୍ ରହିଥିଲାବେଳେ ୨୦୨୪ରେ ଏହା ୨୫୦ ଗିଗାୱାଟକୁ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଏହା ୨୭୦ ଗିଗାୱାଟ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ୨୦୨୩ରେ ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଚାହିଦାକୁ ନେଇ ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ଶକ୍ତି ୨୮୫୩ ୟୁନିଟ୍‌କୁ ବୃଦ୍ଧି ପାଇଥିଲା। କିନ୍ତୁ ଏହାଦ୍ୱାରା ବାୟୁମଣ୍ଡଳରେ ୨ ନିୟୁତ ଟନ୍ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ପ୍ରବେଶ କରିଥିଲା। ଦ୍ୱିତୀୟରେ 'ସ୍ପ୍ଲିଟ୍ ଏସି'ରେ ବ୍ୟବହାର ହେଉଥିବା ରାସାୟନିକ ରେଫ୍ରିଜେରାଣ୍ଟ୍ ମଧ୍ୟ ପରିବେଶ ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହେବାରେ ଲାଗିଛି। ଏହି ରେଫ୍ରିଜେରାଣ୍ଟ ମୁଖ୍ୟତଃ 'ହାଇଡ୍ରୋଫ୍ଲୋରୋକାର୍ବନ(ଏଚ୍‌ଏଫ୍‌ସି) ଏବଂ 'ଆର୍-୪୧୦ଏ' ଶ୍ରେଣୀର ହୋଇଥିବାରୁ ଏହା ଅଙ୍ଗାରକାମ୍ଳ ଗ୍ୟାସ୍ ତୁଳନାରେ ୨୦୦୦ ଗୁଣ ଅଧିକ ଗ୍ଲୋବାଲ ୱାର୍ମିଂର କାରଣ ହେଉଛି। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ଯେତିକି ପରିମାଣର ଗ୍ରୀନ୍ ହାଉସ୍ ଉଦ୍‌ଗିରଣ ହେବ ବୋଲି ଆକଳନ କରାଯାଇଛି ତାହାର ୧୨ ପ୍ରତିଶତରୁ ଅଧିକ କେବଳ ଏହି ଏସି ରେଫ୍ରିଜେରାଣ୍ଟ ଦ୍ୱାରା ହେବ ବୋଲି ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ ଦ୍ୱାରା ଆକଳନ କରାଯାଇଛି। ତେଣୁ ଗରମରୁ ରକ୍ଷା ପାଇବା ଲାଗି ଦିନକୁ ଦିନ ଏସିର ବ୍ୟବହାର ସଂଖ୍ୟା ବଢୁଥିଲାବେଳେ ଏହା ବୈଶ୍ୱିକ ପରିବେଶକୁ ଆହୁରି ଉତ୍ତପ୍ତ କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ପୁଡୁଚେରୀରେ ପୁଣି ଏନ୍‌ଡିଏ



ପୁଡୁଚେରୀ,୪।୫: କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଏପ୍ରିଲ ୯ ତାରିଖରେ ହୋଇଥିବା ମତଦାନର ଫଳାଫଳ ଆଜି ପ୍ରକାଶ ପାଇଛି। ଅଲ୍ ଇଣ୍ଡିଆ ଏନଆର କଂଗ୍ରେସ (ଏଆଇଏନଆରସି) ନେତୃତ୍ୱାଧୀନ ଏନଡିଏ ମେଣ୍ଟ ୧୮ଟି ଆସନରେ ବିଜୟୀ ହୋଇଛି। ଫଳରେ ବିଜେପି ନେତୃତ୍ୱାଧୀନ ଏନଡିଏ ପୁଣିଥରେ ପୁଡୁଚେରୀରେ କ୍ଷମତାକୁ ଫେରିବ ବୋଲି ସ୍ପଷ୍ଟ ହୋଇଛି। ୩୦ ଆସନବିଶିଷ୍ଟ ପୁଡୁଚେରୀ ବିଧାନସଭା କ୍ଷେତ୍ର ପାଇଁ ମୁଖ୍ୟତଃ ଏଆଇଏନଆରସି ନେତୃତ୍ୱାଧୀନ ଏନଡିଏ ଓ ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱାଧୀନ ଏସପିଏ ମେଣ୍ଟ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ କଂଗ୍ରେସ ମେଣ୍ଟକୁ ମାତ୍ର ୬ଟି ଆସନ ମିଳିଛି। ଅନ୍ୟ ଦଳଗୁଡ଼ିକ ୬ଟି ଆସନରେ ବିଜୟୀ ହୋଇଛନ୍ତି। ପୁଡୁଚେରୀର ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ତଥା ଏଆଇଏନଆରସି ମୁଖ୍ୟ ଏନ୍. ରଙ୍ଗାସାମୀ ତାଙ୍କର ଥାଟ୍ଟାଞ୍ଚାଭାଡ଼ି ନିର୍ବାଚନମଣ୍ଡଳୀରେ ବିଜୟ ଲାଭ କରି ନିଜର ମୁଖ୍ୟମନ୍ତ୍ରୀ ପଦବୀକୁ ବଳବତ୍ତର ରଖିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ତଥ୍ୟ ଅନୁଯାୟୀ, ରଙ୍ଗାସାମୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟିଭିକେ ମେଣ୍ଟ ଏନଏମକେର ଇ. ବିନାୟଗମଙ୍କୁ ୪,୪୪୧ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି।

# କେରଳରେ ବଦଳିଲା କ୍ଷମତା

## ଇସ୍ତଫା ଦେଲେ ବିଜୟନ୍



ତିରୁଅନନ୍ତପୁରମ୍,୪।୫: ଗୋଟିଏ ଦଶକ ପରେ କେରଳ କ୍ଷମତା ପରିବର୍ତ୍ତନ ହେବାକୁ ଯାଉଛି। ସିପିଆଇ(ଏମ୍) ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲଡିଏଫ୍)କୁ ଆସନରୁ ହଟାଇ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) କେରଳରେ ସରକାର ଗଢ଼ିବା ନିଶ୍ଚିତ ହୋଇଯାଇଛି। ସୋମବାର ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ୟୁଡିଏଫ୍ ୯୯ଟି ଆସନରେ ବିଜୟୀ ହୋଇଛି। ଏଲଡିଏଫ ମାତ୍ର ୩୫ଟି ଆସନ ହାତେଇଥିବା ବେଳେ ବିଜେପି ଓ ଅନ୍ୟ ଦଳଗୁଡ଼ିକୁ ୩ଟି ଲେଖାଏଁ ଆସନ ମିଳିଛି। ଫଳରେ ଏକ ଦଶନ୍ଧି ପରେ କେରଳ ଏବେ ପିନାରାଇ ବିଜୟନଙ୍କ ବାମ ଦଳ ହାତରୁ ମୁକ୍ତ ହେବା ସହ କଂଗ୍ରେସର ଭି.ଡି. ସତୀଶନ୍ ନୂଆ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ଉଜାଗର ହୋଇଛି। ଅନ୍ୟପକ୍ଷରେ କେରଳରେ ୟୁଡିଏଫ୍ ସ୍ପଷ୍ଟ ବହୁମତ ପାଇବାରିଥିବାରୁ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଦରୁ ପିନାରାଇ ବିଜୟନ୍ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ମଧ୍ୟ ରାଜ୍ୟପାଳ ଗ୍ରହଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ପାଇଁ ଏଥର ଏଲଡିଏଫ୍, ୟୁଡିଏଫ୍ ଓ ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୨୦୧୬ ଓ ୨୦୨୧ରେ ବିଜୟନ ସରକାର ଗଢ଼ିବା ବେଳେ ଏଥର ମଧ୍ୟ ସେ ସରକାର ଗଢ଼ିବେ ବୋଲି ପୂର୍ବାନୁମାନ କରାଯାଉଥିଲା। ବିଜୟନ ତାଙ୍କ ଧର୍ମଦମ୍ ବିଧାନସଭା ନିର୍ବାଚନମଣ୍ଡଳୀରେ ୮୫,୬୭୪ଟି ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭି.ପି. ଅବୁଦୁଲ ରସିଦଙ୍କୁ ୧୯ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ ମଧ୍ୟ କଂଗ୍ରେସ ବିଜୟକୁ ରୋକିବାରେ ସମର୍ଥ ହୋଇନାହାନ୍ତି।

## ଟିଏମ୍‌ସି କାର୍ଯ୍ୟାଳୟରେ 'ଭଙ୍ଗାରୁଜା'

# ଘଟଣାକୁ ତୀବ୍ର ନିନ୍ଦା କଲେ ବିଜେପି ପ୍ରାର୍ଥୀ ସଜଲ ଘୋଷ

କୋଲକାତା,୪।୫(ସଂଚାର ବ୍ୟୁରୋ): ନିର୍ବାଚନ ଫଳାଫଳ ଦିନ ବରାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଉତ୍ତେଜନା ଦେଖାଦେଇଥିଲା। ବରାନଗରରେ ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟରେ ଭଙ୍ଗାରୁଜା ଅଭିଯୋଗ ଆସିଛି। ପୌରପାଳିକାର ୧୫ ନମ୍ବର ୱାର୍ଡରେ ଅବସ୍ଥିତ ପୌର ଅଧ୍ୟକ୍ଷା ଅପର୍ଣ୍ଣା ମୌଳିକଙ୍କ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିବାର ଅଭିଯୋଗ ହୋଇଛି। ବରାନଗରର ବିଜେପି ପ୍ରାର୍ଥୀ ସଜଲ ଘୋଷ ତୃଣମୂଳ ଦଳୀୟ କାର୍ଯ୍ୟାଳୟରେ ହୋଇଥିବା ଭଙ୍ଗାରୁଜାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ବରାନଗରରେ ଥିବା ଦଳୀୟ କାର୍ଯ୍ୟାଳୟରେ ହୋଇଥିବା ଭଙ୍ଗାରୁଜାକୁ ମୁଁ ସମର୍ଥନ କରୁ ନାହିଁ। ମୁଁ ଏହାକୁ ନିନ୍ଦା କରୁଛି। ଅପରାଧୀମାନେ ମୋ ନିଜ ଦଳର ହୋଇଥିଲେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ଏକ ଦଳୀୟ କାର୍ଯ୍ୟାଳୟ ଏକ ପୂଜାସ୍ଥଳ ସହିତ ସମାନ। ମୁଁ ବ୍ୟକ୍ତିଗତ ଭାବରେ ସେହି ଦଳୀୟ କାର୍ଯ୍ୟାଳୟ ପରିଦର୍ଶନ କରିବି। ମୁଁ ଏପରି ଘଟଣା ହେବାକୁ ଦେବି ନାହିଁ।

# ତୃଣମୂଳ କାର୍ଯ୍ୟାଳୟର ଛାତ ଉପରେ ବିଜେପିର ପତାକା



କୋଲକାତା,୪।୫(ସଂଚାର ବ୍ୟୁରୋ): ଭୋଟ ଗଣତି ପ୍ରକ୍ରିୟା ମଧ୍ୟରେ, ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି କର୍ମୀ ଏବଂ ସମର୍ଥକମାନେ ତୃଣମୂଳ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିବାର ଜଣାପଡ଼ିଛି। ବାଙ୍କୁଡାର କୋତୁଲପୁରରେ, ଅଭିଯୋଗ ଆସିଛି ଯେ ବ୍ୟକ୍ତିମାନେ ପତାକା ଉତ୍ତୋଳନ କରିବା ପାଇଁ ତୃଣମୂଳ କାର୍ଯ୍ୟାଳୟର ଛାତ ଉପରେ ଚଢ଼ିଥିଲେ। ବରାନଗରର ୧୫ ନମ୍ବର ୱାର୍ଡରେ, ତୃଣମୂଳ କାର୍ଯ୍ୟାଳୟକୁ ଜୋରଜବରଦସ୍ତ କବଜା କରିବା ସମ୍ପର୍କରେ ଅଭିଯୋଗ ଆସିଛି। ଏହା ବ୍ୟତୀତ, 'ଗେରୁଆ ଶିବିର' ଜମାଲପୁରରେ ଶାସକ ଦଳର କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ତେବେ, ବିଜେପି ଏହି ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ଖଣ୍ଡନ କରିଛି। ସୋମବାର ଅପରାହ୍ନରେ, କୋତୁଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖିରି ଗାଁରେ ତୃଣମୂଳ କଂଗ୍ରେସ ପାର୍ଟି ଅଫିସ୍ ଉପରେ ଜୋର ଜବରଦସ୍ତ କବଜାକୁ ନେଇ ଏକ ବଡ଼ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ସୂତ୍ର ଅନୁଯାୟୀ, ସପ୍ତମ ପର୍ଯ୍ୟାୟ ଭୋଟ ଗଣତି ଶେଷ ହେବା ପରେ କୋତୁଲପୁରରେ ବିଜେପି ପ୍ରାର୍ଥୀ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ଆଗୁଆ ଥିବା ଖବର ପ୍ରଚାରିତ ହେବା ମାତ୍ରେ ଉତ୍ତେଜନା ବୃଦ୍ଧି ପାଇବା ଆରମ୍ଭ ହୋଇଥିଲା।

# ମୁସଲିମ ଭୋଟ ବିଭାଜନରୁ ବିଜେପି ଲାଭ ପାଇଛି



କୋଲକାତା,୪।୫(ସଂଚାର ବ୍ୟୁରୋ): ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗଣତି ଧାରା ମଧ୍ୟରେ, ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏହି ଧାରଣାକୁ ଖଣ୍ଡନ କରିଛନ୍ତି ଯେ ଏଥର ମୁସଲିମ ଭୋଟ କେବଳ ତୃଣମୂଳ କଂଗ୍ରେସକୁ ଯାଇଛି। ସେ କହିଛନ୍ତି ଯେ ମୁସଲିମ ଭୋଟ ବିଭାଜନ ଯୋଗୁଁ ହିଁ ବିଜେପି ଆଶାଠାରୁ ଭଲ ଫଳାଫଳ ପାଇପାରିଛି, ଏପରିକି ମୁସଲିମ ବହୁଳ ଅଞ୍ଚଳରେ ମଧ୍ୟ। ସୋମବାର ଭୋଟ ଗଣତି ସମୟରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ପ୍ରାରମ୍ଭିକ ଟ୍ରେଣ୍ଡରୁ ଜଣାପଡ଼ିଛି ଯେ ବିଜେପି ରାଜ୍ୟରେ ସ୍ପଷ୍ଟ ବହୁମତ ହାସଲ କରିବା ଦିଗରେ ଆଗକୁ ବଢ଼ୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନନ୍ଦିଗ୍ରାମ ଆସନରେ ସେ ବିଜୟ ପାଇଁ ରାସ୍ତା ଉପରେ ଅଛନ୍ତି, ଯେତେବେଳେ ଭବାନୀପୁର ଆସନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ଏକ କଠୋର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ପ୍ରାରମ୍ଭିକ ଟ୍ରେଣ୍ଡ ଅନୁଯାୟୀ, ମାଲଦା, ମୁର୍ଶିଦାବାଦ ଏବଂ ଉତ୍ତର ଦିନାଜପୁର ଭଳି ମୁସଲିମ ବହୁଳ ଜିଲ୍ଲାଗୁଡ଼ିକରେ ମଧ୍ୟ ବିଜେପି ଗୁରୁତ୍ୱପୂର୍ଣ୍ଣ ସମର୍ଥନ ହାସଲ କରିଛି। ମାଲଦାର ୧୨ଟି ଆସନ ମଧ୍ୟରୁ ୬ଟିରେ ବିଜେପି ଆଗୁଆ ଅଛି, ମୁର୍ଶିଦାବାଦର ୨୨ଟି ଆସନ ମଧ୍ୟରୁ ୮ଟି ଏବଂ ଉତ୍ତର ଦିନାଜପୁରର ୯ଟି ଆସନ ମଧ୍ୟରୁ ୪ଟିରେ ବିଜେପି ଆଗୁଆ ରହିଛି।

## ଭୋଟ ଗଣତି ଶେଷ ହେବା ପୂର୍ବରୁ ହିଂସାକାଣ୍ଡ!

# ତୃଣମୂଳ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



କୋଲକାତା,୪।୫(ସଂଚାର ବ୍ୟୁରୋ): ଭୋଟ ଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପୂର୍ବରୁ 'ଗେରୁଆ ଶିବିର'ର ପ୍ରାର୍ଥୀମାନେ ସମଗ୍ର ବଙ୍ଗଳାର ଅଧିକାଂଶ ନିର୍ବାଚନମଣ୍ଡଳୀରେ ଆଗୁଆ ଥିଲେ। ଭୋଟ ଗଣନାରୁ ସମ୍ଭାବ୍ୟ ବିଜୟର ସୂଚନା ମିଳିବା ପରେ, ଗେରୁଆ ଶିବିରର କର୍ମୀ ଏବଂ ସମର୍ଥକମାନେ ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉତ୍ସବ ପାଳନ କରିଥିଲେ। ବିପରୀତ ଭାବରେ, ଅନେକ ସ୍ଥାନରୁ ହିଂସା ଏବଂ ଅଶାନ୍ତିର ଖବର ମଧ୍ୟ ଆସିଥିଲା। ଆସାନସୋଲର ଜାମୁଡିଆରେ, ତୃଣମୂଳ ଦଳର କାର୍ଯ୍ୟାଳୟରେ ନିଆଁ ଲଗାଇବା ପାଇଁ ବିଜେପି ବିରୁଦ୍ଧରେ ଅଭିଯୋଗ ଉଠିଛି। ଭୋଟ ଗଣତି ସମାପ୍ତ ହେବା ପୂର୍ବରୁ, ଜାମୁଡିଆର ଚାରୁଲିଆ ଗାଁରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ଆରମ୍ଭ ହୋଇଥିଲା। ଏହାର କିଛି ସମୟ ପରେ, ସେହି ଅଞ୍ଚଳରେ ଥିବା ତୃଣମୂଳ କାର୍ଯ୍ୟାଳୟରୁ କଳା ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ଦଳୀୟ କାର୍ଯ୍ୟାଳୟ ବାହାରେ ଭଙ୍ଗା ଚେୟାର ବିଛାଡ଼ି ହୋଇ ପଡ଼ିଥିଲା। ଚାରୁଲିଆ ଗାଁରେ ତୃଣମୂଳ ଦଳୀୟ କାର୍ଯ୍ୟାଳୟ ଭଙ୍ଗାରୁଜା କରିବା ପାଇଁ ବିଜେପି ବିରୁଦ୍ଧରେ ଅଭିଯୋଗ ଉଠିଛି, ତେବେ, ଘଟଣା ସମ୍ପର୍କରେ ବିଜେପି ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇନାହିଁ। ଅନ୍ୟପକ୍ଷରେ, ଦୁର୍ଗାପୁରର ଗଣନା କେନ୍ଦ୍ର ବାହାରେ, ବିଜେପି କର୍ମୀମାନେ ଏକ ଅସ୍ଥାୟୀ ତୃଣମୂଳ କାର୍ଯ୍ୟାଳୟ ଭାଙ୍ଗିବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ଥାନା ଏଏସ୍‌ଆଇ



ରାଜକନିକା,୪।୫(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ । ଜଣେ ମହିଳାଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା କଟକ ଭିଜିଲାନ୍ସ ଟିମ୍ । ରାଜକନିକା ଥାନା ମଙ୍ଗଳପୁର ଗାଁର ନୀଳିମା ବାରିକଙ୍କ ଠାରୁ ଏକ ଜମିଜମା ମାମଲାର ରିପୋର୍ଟ କୋର୍ଟକୁ ପଠାଇବା ପାଇଁ ୨ହଜାର ଟଙ୍କା ଲାଞ୍ଚ ମାଗିବା ସହ ବିଭିନ୍ନ ସମୟରେ ହଇରାଣ ହରକତ କରୁଥିଲେ ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ । ଏନେଇ ମହିଳା ଜଣଙ୍କ କଟକ ଭିଜିଲାନ୍ସକୁ ଅବଗତ କରିବା ସହ ଅଭିଯୋଗ କରିଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାଇ ଆଜି ଅପରାହ୍ନରେ ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ମହିଳାଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକର ଏକ ଭିଜିଲାନ୍ସ ଟିମ୍ ତାଙ୍କୁ ରେଡ଼ହ୍ୟାଣ୍ଡରେ ଧରିଥିଲା । ପରେ ଥାନା ସହିତ ପ୍ରଶାନ୍ତଙ୍କ ରହିଥିବା ସରକାରୀ କ୍ୱାଟର ଯାଇ ଭିଜିଲାନ୍ସ ଟିମ୍ ମଧ୍ୟ ଛାନବିନ କରିଥିଲା ।

# ୫ ସାଉଥ୍ ଷ୍ଟାର ହୋଇଛନ୍ତି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ): ଅତୀତରେ ଦକ୍ଷିଣ ଭାରତର ଏକାଧିକ ଫିଲ୍ମ ଷ୍ଟାର ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି। ଆଉ ଏବେ ଥାଲାପତି ବିଜୟ ସେହି ତାଲିକାରେ ଯୋଡ଼ି ହେବାକୁ ଯାଉଛନ୍ତି। ବିଜୟ ପ୍ରଥମ ଥର ପାଇଁ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ୁଛନ୍ତି, ସେ ପୁଣି କୌଣସି ଦଳରୁ ପ୍ରାର୍ଥୀ ହୋଇ ନୁହେଁ, ବରଂ ନିଜର ଏକ ଦଳ ଗଠନ କରି। ଏମଜିଆରଙ୍କଠାରୁ ଆରମ୍ଭ କରି ଜୟଲଳିତାଙ୍କ ପର୍ଯ୍ୟନ୍ତ ୫ ଜଣ ସାଉଥ ଷ୍ଟାର ମୁଖ୍ୟମନ୍ତ୍ରୀ ହୋଇସାରିଛନ୍ତି। ଆଉ ଏବେ ବିଜୟଙ୍କ ପାଳି।

ଏମଜି ରାମଚନ୍ଦ୍ରନଙ୍କୁ ତାମିଲ ସିନେମାର ଜଣେ ପ୍ରମୁଖ ଅଭିନେତା ଭାବେ ବିବେଚନା କରାଯାଏ। ସେ ତାଙ୍କ ଅଭିନୟରେ ଯେତିକି ଲୋକପ୍ରିୟ ହୋଇଥିଲେ, ରାଜନୀତିରେ ମଧ୍ୟରେ ସେତିକି ପ୍ରଭାବ ବିସ୍ତାର କରିଥିଲେ। ରାମଚନ୍ଦ୍ରନ ପ୍ରଥମ ତାମିଲ ଅଭିନେତା ଥିଲେ ଯିଏ ତିନି ଥର ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କରିଥିଲେ। ଏମ. କରୁଣାନିଧି ପ୍ରଥମେ ଫିଲ୍ମରେ ସ୍କ୍ରିପ୍ଟ ରାଇଟର ଭାବେ କାମ କରୁଥିଲେ। ପରେ ରାଜନୀତିରେ ପ୍ରବେଶ କରି ୨୦ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ସେହିପରି ଏନଟି ରାମାରାଓଙ୍କୁ ଭାରତୀୟ ସିନେମା ଇତିହାସର ଜଣେ ମହାନ ଅଭିନେତା ଭାବେ ବିବେଚନା କରାଯାଏ। ସେ ରାଜନୀତିରେ ମଧ୍ୟ ସାମିଲ ହୋଇଥିଲେ। ୧୯୮୩-୮୪, ୧୯୮୪-୮୯ ଓ ୧୯୯୪-୯୫ ପର୍ଯ୍ୟନ୍ତ ତିନି ଥର ଅଲଗା ଅଲଗା ଟର୍ମରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଜେ. ଜୟଲଳିତା ଯେମିତି ଅଭିନୟରେ ଲୋକଙ୍କୁ କିମିଆଁ କରୁଥିଲେ ସେମିତି ରାଜନୀତିରେ ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରୁଥିଲେ। ତାଙ୍କ କାର୍ଯ୍ୟକାଳ ୧୪ ବର୍ଷ ରହିଥିଲେ ମଧ୍ୟ ସେ ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଜାନକୀ ରାମଚନ୍ଦ୍ରନ ଜଣେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ଏବଂ ଏମ୍.ଜି. ରାମଚନ୍ଦ୍ରନଙ୍କ ତୃତୀୟ ପତ୍ନୀ। ସେ ମଧ୍ୟ ୧୯୮୮ରେ କିଛି ସପ୍ତାହ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏମାନଙ୍କ ବ୍ୟତୀତ ଦକ୍ଷିଣ ଭାରତୀୟ ମେଗାଷ୍ଟାର ଚିରଞ୍ଜିବୀ ମଧ୍ୟ ରାଜନୀତିରେ ଅଛନ୍ତି। ସେ ଜଣେ କେନ୍ଦ୍ର ମନ୍ତ୍ରୀ ଭାବେ ପୂର୍ବରୁ ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ଏବେ ତାଙ୍କ ସାନ ଭାଇ ପବନ କଲ୍ୟାଣ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି।

# ଚିତ୍ର ନାଟକ 'ତୁ ସେହି ନୀଳନୟନା' ଲୋକାର୍ପିତ



ଭୁବନେଶ୍ୱର, ୪।୫ (ସଂଚାର ବ୍ୟୁରୋ): ଡ. ରଜନୀ ରଞ୍ଜନ ଙ୍କ ଲିଖିତ ତଥା ବର୍ଷା ପବଲିକେଶନ ପ୍ରକାଶିତ ଚଳଚ୍ଚିତ୍ର ତୁ ସେହି ନୀଳନୟନା ର ଚିତ୍ରନାଟ୍ୟ ପୁସ୍ତକ ଆଜି ଗୋଦାବରୀଶ ସାହିତ୍ୟ ସଂସଦ ପ୍ରେକ୍ଷ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ବିଜୟ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ସୂଚନା କମିଶନର ଶ୍ରୀ ଦିଲ୍ଲୀପ ବିଶୋଇ, ଚଳଚ୍ଚିତ୍ରଟି ପ୍ରଯୋଜକ ସାଚ୍ଚିକାନ୍ତ ଜେନା, ପ୍ରଯୋଜକ ବିନୀ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ବର୍ଷା ପ୍ରକାଶନ ନିର୍ଦ୍ଦେଶକ ବାଦଲ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଡ. ମାଧବ ବେହୁରା ଓଡ଼ିଆ ଚିତ୍ରନାଟକ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳଚିତ୍ର କଳାକାର ଜୀବନ ପଣ୍ଡା, ପ୍ରତିଭା ପଣ୍ଡା,ନିର୍ଦ୍ଦେଶକ ତ୍ରିପତି ସାହୁ ଏୱଂ ଲେଖିକା ସସ୍ମିତା ଦାସ,ଶ୍ରୁତକିର୍ତ୍ତୀ ତ୍ରିପାଠୀ, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବୋଉ ଫାଉଣ୍ଡେସନ ର ଅଧ୍ୟକ୍ଷ ଅସିତ୍ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ବହୁ ସାହିତ୍ୟିକ, ଓଲିଉଡ଼ ର କଳାକାର ଯୋଗଦେଇଥିଲେ ।

# ସାମ୍ବାଦିକ ଦେବ ମିଶ୍ରଙ୍କ ବିୟୋଗରେ ଶୋକସଭା

କଟକ,୪।୫(ସଂଚାର ବ୍ୟୁରୋ): ରାଜ୍ୟର ସୁନାମ ଧନ୍ୟ ସାମ୍ବାଦିକ ଲେଖକ ଓ ସ୍ତମ୍ଭକାର ତଥା ସମାଜର ପୂର୍ବତନ ବାର୍ତ୍ତା ସମ୍ପାଦକ ଶ୍ରୀ ଦେବ ପ୍ରସାଦ ମିଶ୍ର ଙ୍କର ବିୟୋଗ ରେ ଓଡିଶା କର୍ମଜିବି ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଓମପି ଡାକବଙ୍ଗଳାରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ନିରଞ୍ଜନ ବିଶ୍ୱାଳ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶୋକ ସଭାରେ ବହୁ ସାମ୍ବାଦିକ ଯୋଗ ଦେଇ ସମାଜ ଗଠନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ସମାଜ ଅନୁଷ୍ଠାନ ପକ୍ଷ ରୁ ଗରିବ, ବ୍ୟକ୍ତି ବିଶେଷ ଙ୍କ ପାଇଁ ତାଙ୍କ ଉଲେଖ୍ୟ ନିୟ ଅବଦାନ ରହିଥିଲା ବୋଲି କହିଥିଲେ। ମୁଖିତ ରାଜ୍ୟରେ କାର୍ଯ୍ୟ ରତ ସାମ୍ବାଦିକ ମାନଙ୍କର ସୁରକ୍ଷା ଓ ସେମାନଙ୍କର ଥଇଥାନ ଭତ୍ତା ପାଇଁ ସରକାର ଙ୍କ ପାଖରେ ସଂଗ୍ରାମ କରି ସଫଳତା ହାସଲ କରିଥିଲେ।

# ଥାନା ଭିତରେ ପଶିଲା ହାତୀ

ଜଳେଶ୍ୱର,୪।୫ (ସଂଚାର ବ୍ୟୁରୋ): ଥାନା ଭିତରେ ପଶି ଭଙ୍ଗାରୂଜା କଲା ଦନ୍ତା ହାତୀ । ବାଲେଶ୍ୱର ଜିଲ୍ଲା ବାହାବଳପୁର ସାମୁଦ୍ରିକ ଥାନା ଭିତରେ ଏକ ଦନ୍ତା ହାତୀ ପଶି ଗଛ ଉପାଡିବା ସହ ଗାଡି ମଟର ଭଙ୍ଗାରୂଜା କରିଛି। ଗତ ୪ ଦିନ ଧରି ଚାନ୍ଦିପୁର ଅଞ୍ଚଳରୁ ଏହି ଦନ୍ତା ହାତୀଟି ପଶି ଆସି ବାହାବଳପୁର ଅଞ୍ଚଳରେ ଏଣେତେଣେ ବୁଲୁଥିବା ବେଳେ ଆଜି ଥାନା ଭିତରେ ପଶି ଗାଡି ମଟର ଭଙ୍ଗାରୂଜା କରିଛି । ଥାନା କର୍ମଚାରୀଙ୍କ କୌଣସି କ୍ଷତି କରି ନଥିଲେ ମଧ୍ଯ ହାତୀ ପାଇଁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବନବିଭାଗ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ହାତୀ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସୂଚନାଯୋଗ୍ୟ, ଗତ ଦୁଇଦିନ ତଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜରେ ଦେଖାଦେଇଥିଲା ହାତୀ ଉପଦ୍ରବ । ପଦ୍ମପୁର ଗାଁରେ ଘର ଭାଙ୍ଗି ଧାନ ଖାଇଥିଲେ ୧୬ ଟିକିଆ ହାତୀପଲ । ସେହିପରି ବାଲିବନ୍ଧ ସେକ୍ସନର ବଳଭଦ୍ରପୁର ଗାଁରେ ଗୋଟିଏ ଘର ଭାଙ୍ଗିଦେଇଥିଲେ ହାତୀ। ହାତୀ ଘର ଭାଙ୍ଗିବା ସମୟରେ ଘରେ କେହି ନଥିବାରୁ ବଡ ଅଘଟଣରୁ ବର୍ତ୍ତିଯାଇଥିଲେ ପରିବାର ।

# ଜନ ଔଷଧିର ବିକ୍ରି ବଢୁଛି




ଭୁବନେଶ୍ୱର,୪।୫: ରାଜ୍ୟରେ ଜନଔଷଧିର ବିକ୍ରି ବଢ଼ିବାରେ ଲାଗିଛି। ଶସ୍ତାରେ ମିଳୁଥିବା ଏହି ଔଷଧ ଉପରେ ରୋଗୀମାନେ ଅଧିକରୁ ଅଧିକ ପରିମାଣରେ ନିର୍ଭର କରୁଛନ୍ତି। ତେବେ ସରକାରୀ ଡାକ୍ତରଖାନା ପରିସରରେ ଜନଔଷଧି ବିକ୍ରୟକେନ୍ଦ୍ରକୁ ଅନୁମତି ପ୍ରଦାନ କରାଗଲେ ଏହାର ବ୍ୟବହାର ବୃଦ୍ଧି ପାଇବ ବୋଲି କୁହାଯାଉଛି। ମିଳିଥିବା ସୂଚନାନୁଯାୟୀ ୨୦୨୧-୨୨ ବର୍ଷରେ ରାଜ୍ୟରେ ମାତ୍ର ୩୧ କୋଟି ଟଙ୍କାର ଜନଔଷଧି ବିକ୍ରି ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୫୭ କୋଟି ଟଙ୍କାକୁ ଟପିଯାଇଥିଲା। ଗତ ଆର୍ଥିକ ବର୍ଷରେ ଏହି ପରିମାଣ ୫୮ କୋଟି ୮୦ଲକ୍ଷ ଟଙ୍କାକୁ ଅତିକ୍ରମ କରିଛି। ଜନଔଷଧି ବିତରଣ କେନ୍ଦ୍ରଗୁଡିକରେ ପାଖାପାଖି ଅଢେଇ ହଜାର ପ୍ରକାରର ଔଷଧ ଉପଲବ୍ଧ ହେଉଛି।

ସରକାରୀ ଡାକ୍ତରଖାନାଗୁଡିକରେ ରୋଗୀମାନଙ୍କ ପାଇଁ ମାଗଣାରେ ନିରାମୟ ଔଷଧ ଉପଲବ୍ଧ ହେଉଥିବାବେଳେ ଡାକ୍ତରମାନେ ଲେଖୁଥିବା ସମସ୍ତ ଔଷଧ କିନ୍ତୁ ବହୁ ସମୟରେ ମିଳିପାରୁ ନାହିଁ। ତେଣୁ ଏହିସବୁ ଔଷଧ ରୋଗୀମାନେ ଜନଔଷଧି କେନ୍ଦ୍ରରୁ ଖରିଦ କରିଥାନ୍ତି। ଏଠାରେ ଶସ୍ତାରେ ଔଷଧ ମିଳୁଥିବାରୁ ରୋଗୀମାନେ ଡାକ୍ତରଖାନା ଆଖପାଖରେ ଥିବା ଜନଔଷଧି କେନ୍ଦ୍ରକୁ ଯାଇଥାନ୍ତି। ତେବେ ସରକାରୀ ଡାକ୍ତରଖାନା ପରିସରରେ ଏକାଧିକ ଜନଔଷଧି କେନ୍ଦ୍ର ଖୋଲିବାପାଇଁ ଅନୁମତି ପ୍ରଦାନ କରାଗଲେ ଏହା ରୋଗୀମାନଙ୍କ ପାଇଁ ସହଜ ହୋଇପାରନ୍ତା। ତେବେ ବିଡ଼ମ୍ବନାର ବିଷୟ ଯେ ଖୋଦ୍ ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ଫଳରେ ଯେଉଁସବୁ ଔଷଧ ନିରାମୟ କେନ୍ଦ୍ରରେ ମିଳୁନାହିଁ ରୋଗୀମାନେ ବାଧ୍ୟହୋଇ ଆଖପାଖରେ ଥିବା ଔଷଧ ଦୋକାନରୁ ତାହାକୁ ଚଢ଼ା ଦରରେ ଖରିଦ କରୁଛନ୍ତି। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣରେ ଥିବା ଏହି ଜନଔଷଧି କେନ୍ଦ୍ର ଆଉ ଖୋଲିବ କି ନାହିଁ ତାହା କେହି କହିପାରୁନାହାନ୍ତି। କେନ୍ଦ୍ର ସରକାର ବର୍ତ୍ତମାନ ସମବାୟ ମନ୍ତ୍ରଣାଳୟ ଅଧିନରେ ଅଧିକରୁ ଅଧିକ ସଂଖ୍ୟକ ଜନଔଷଧି କେନ୍ଦ୍ର ଖୋଲିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏପରିକି ପାକସ୍‌ଗୁଡିକ ଜରିଆରେ ଏହା ଖୋଲିବାକୁ ସ୍ଥିର ହେଉଛି। ଲୋକେ କିଭଳି ଶସ୍ତାରେ ଔଷଧ ପାଇପାରିବେ କେନ୍ଦ୍ର ସରକାର ତାହା ଉପରେ ଗୁରୁତ୍ୱ ଦେଉଥିବାବେଳେ କ୍ୟାପିଟାଲ ହସ୍ପିଟାଲ ପରିସରରୁ ଜନଔଷଧି କେନ୍ଦ୍ର ବନ୍ଦ ହେବା ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଲ୍ଲେଖନୀୟ ଯେ ରାଜ୍ୟରେ ଏବେ ମୋଟ୍ ୮୦୩ଟି ଜନଔଷଧି କେନ୍ଦ୍ର ଥିବାବେଳେ ଏଥିରୁ ସର୍ବାଧିକ ୧୪୩ଟି କଟକରେ ରହିଛନ୍ତି। ଖୋରଧା ଜିଲ୍ଲାରେ ୧୦୯ଟି ଜନଔଷଧି କେନ୍ଦ୍ର ଥିବାବେଳେ ବାଲେଶ୍ୱରରେ ୭୫ଟି, ଗଞ୍ଜାମରେ ୬୯ଟି, ଯାଜପୁରରେ ୫୦ଟି ଓ ଜଗତ୍‌ସିଂହପୁରରେ ୪୪ଟି ରହିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଦିଙ୍କ ଖେଳ...

ଅନ୍ୟଦଳଗୁଡ଼ିକ ୪ଟି ଲେଖାଏଁ ଆସନରେ ଜିତି ଆସନ୍ତା ପାଞ୍ଚ ବର୍ଷ ଲାଗି ନିଜକୁ ସନ୍ତୁଷ୍ଟ କରିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଏଥର ନିର୍ବାଚନରେ ଦେଶବାସୀଙ୍କ ନଜର ପଶ୍ଚିମବଙ୍ଗ ନିର୍ବାଚନ ଉପରେ କେନ୍ଦ୍ରୀଭୂତ ଥିଲା। ପଶ୍ଚିମବଙ୍ଗରେ ମମତାଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟରେ ଫଳାଫଳକୁ ନେଇ କଡ଼ା ଟକ୍କର ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପୂର୍ବାନୁମାନ କରିଥିଲେ। କ୍ରମାଗତ ତିନି ଥର ବଙ୍ଗ ଶାସନର ଡୋର ନିଜ ହାତରେ ରଖିଥିବା ମମତା ଚତୁର୍ଥ ଥର ପାଇଁ ରେକର୍ଡ ସରକାର ଗଠନ କରିବାକୁ ସ୍ୱପ୍ନ ଦେଖୁଥିବା ବେଳେ ପ୍ରଥମ ଥର ପାଇଁ ବଙ୍ଗ ଦଖଲ କରି ତାଙ୍କ ଗଡ଼କୁ ଭିଡ଼ିଷ୍ଟ କରିବାକୁ ବିଜେପି କେନ୍ଦ୍ରୀୟ ନେତୃବୃନ୍ଦ ରୋଲକାଡ଼ାଏଇ ଦିନରାତି ଏକାକରିଦେଇଥିଲେ। ତେବେ କାଣ୍ଟେ କା ଟକ୍କର ହେବ ବୋଲି କୁହାଯାଉଥିବା ପଶ୍ଚିମବଙ୍ଗରେ କିନ୍ତୁ ଭୋଟ୍ ଗଣତି ଆରମ୍ଭରୁ ହିଁ ପଦ୍ମ ଲହରରେ ଦିଦିଙ୍କ ଦୁର୍ଗ ଦୋହଲିବା ଆରମ୍ଭ ହୋଇଯାଇଥିଲା। ସୋମବାର ସକାଳ ୮ଟାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୭୭ଟି କେନ୍ଦ୍ରରେ ୨୯୪ରୁ ୨୯୩ ବିଧାନସଭା ଆସନ ଲାଗି ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ପ୍ରଥମରୁ ବିଜେପି ଲିଡ୍ କରିବା ଆରମ୍ଭ କରିଥିଲା। ଦିନର ମଧ୍ୟାହ୍ନ ସୁଦ୍ଧା ୧୪୦ରୁ ୧୫୦ଟି ଆସନରେ ଆଗୁଆ ରହି ବିଜେପି ବହୁମତ ଆଡ଼କୁ ଗତି କରୁଥିବା ସ୍ପଷ୍ଟ ହୋଇଥିଲା। ଏହି ନିର୍ବାଚନରେ ମଠଭଙ୍ଗାରେ ବିଜେପିର ନିଶିଥ ପରମାଣିକ, ଶିଲିଗୁଡ଼ିରେ ଶଙ୍କର ଘୋଷ, ଆସାନସୋଲ (ଦକ୍ଷିଣ)ରୁ ଅଗ୍ନିମିତ୍ରା ପଲ, ପାଣିହାଟରୁ ରତ୍ନା ଦେବନାଥ, ରାସବେହାରୀରୁ ସ୍ୱପନ ଦାଶଗୁପ୍ତା, ଶିବପୁରରୁ ରୁଦ୍ରନୀଲ ଘୋଷ ପ୍ରମୁଖ ବିଜୟୀ ହେବା ସହ ବିଜେପିର ବିଜୟପଥକୁ ସୁଗମ କରିଥିଲେ। ଅନ୍ୟପକ୍ଷରେ ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତା ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫ ହଜାର ଭୋଟ୍‌ରେ ପରାସ୍ତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଉଭୟ ଭବାନୀପୁର ଓ ନନ୍ଦିଗ୍ରାମ ଆସନରେ ବିଜୟ ଲାଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୧ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପଶ୍ଚିମବଙ୍ଗରେ ମାତ୍ର ୩୮ ପ୍ରତିଶତ ହାରରେ ୭୭ଟି ଆସନରେ ବିଜୟୀ ହୋଇଥିବା ବେଳେ ମମତାଙ୍କ ନେତୃତ୍ୱାଧୀନ ଏଆଇଟିସିକୁ ୪୮ ପ୍ରତିଶତ ହାରରେ ୨୧୫ଟି ଆସନରେ ବିଜୟୀ ହୋଇଥିଲା।

### ମନେ ରହିବ...

ଦଳ ପଶ୍ଚିମବଙ୍ଗର ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷା ପୂରଣ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବ। ଆମେ ଏପରି ଏକ ସରକାର ଦେବୁ ଯାହା ସମାଜର ସମସ୍ତ ବର୍ଗକୁ ସୁଯୋଗ ଏବଂ ସମ୍ମାନ ସୁନିଶ୍ଚିତ କରିବ'। ବେଙ୍ଗଲରେ ବିଜେପିର ବିଜୟ ସହଜ ନ ଥିଲା। ଦଳୀୟ କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ ପାଇଁ ଦଳ ଏହି ବିଜୟ ପାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ମୋଦି କହିଛନ୍ତି ଯେ ପିଢ଼ି ପରେ ପିଢ଼ି ଅଗଣିତ କାର୍ଯ୍ୟକର୍ତ୍ତାଙ୍କ ପ୍ରୟାସ ଓ ସଂଘର୍ଷ ବିନା ପଶ୍ଚିମବଙ୍ଗରେ ବିଜେପିର ରେକର୍ଡ ବିଜୟ ସମ୍ଭବ ହୋଇପାରି ନ ଥାନ୍ତା। ସେମାନଙ୍କୁ ସେ ସାଲ୍ୟୁଟ କରିବା ସହ ବର୍ଷ ବର୍ଷ ଧରି ତୃଣମୂଳ ସ୍ତରରେ କର୍ମୀଙ୍କ କଠିନ ପରିଶ୍ରମ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ଦୂର କରିଛି।

### କର୍ମୀଙ୍କ ବଳିଦାନ...

ଜୀବନ ଦେଇଥିବା ଏବଂ କ୍ରମାଗତ ଭାବେ ଅତ୍ୟାଚାରର ଶିକାର ହୋଇଥିବା କର୍ମୀଙ୍କୁ ପ୍ରଣାମ ଜଣାଇଛନ୍ତି। ବିଜେପି କର୍ମୀଙ୍କ ସେହି ବଳିଦାନକୁ ଆଜି ପଶ୍ଚିମବଙ୍ଗବାସୀ ସମ୍ମାନ ଜଣାଇଛନ୍ତି। ଏଥିସହ ପଶ୍ଚିମବଙ୍ଗବାସୀ ଅନୁପ୍ରବେଶକାରୀଙ୍କୁ ବି କଡ଼ା ଜବାବ ଦେଇଛନ୍ତି ଏବଂ ଏହି ବିଜୟ ପ୍ରମାଣିତ କରିଛି ଯେ ଦେଶବାସୀ କେବେ ବି ତୁଷ୍ଟୀକରଣ ରାଜନୀତିକୁ ପ୍ରଶ୍ରୟ ଦେବେନାହିଁ।

### ଝାଲମୁଢ଼ିରେ...

ସମୃଦ୍ଧ ଭାରତ ଗଠନ କରିବା। ଓଡ଼ିଶା ଆଜି ସାରା ଦେଶର ମାର୍ଗଦର୍ଶନ କରୁଛି। ଆମର କଲ୍ୟାଣକାରୀ ଯୋଜନାଗୁଡ଼ିକ ଆଜି ଅନ୍ୟ ରାଜ୍ୟ ପାଇଁ ମଡେଲ ସାଜିଛି। ସେଥିପାଇଁ ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ଆମ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହି ବିଜୟ ହେଉଛି ଭରସାର ବିଜୟ ଓ ବିଶ୍ୱାସର ବିଜୟ। ଆମେ କେବେ ବି ଲୋକଙ୍କ ବିଶ୍ୱାସ ତୁଟିବାକୁ ଦେବୁନାହିଁ। ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସିଧାସଳଖ ସେବାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱ ଓ ଜନକଲ୍ୟାଣ ନୀତି ଉପରେ ଅତୁଟ ବିଶ୍ୱାସ ରହିଛି, ଯାହା ଆଜି ବିଧାନସଭା ନିର୍ବାଚନର ଐତିହାସିକ ଫଳାଫଳରେ ପୁଣି ଥରେ ପ୍ରତିଫଳିତ ହୋଇଛି। ଅଙ୍ଗ, କଳିଙ୍ଗ ପରେ ବଙ୍ଗ ବିଜୟ ପାଇଁ ମୋଦି ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଆଜି ପୂରଣ ହୋଇଛି। ଏଥର ପଶ୍ଚିମବଙ୍ଗବାସୀ ଅସାମାଜିକ ତତ୍ତ୍ୱର ଅନ୍ତ ଘଟାଇ ସତ୍ୟ ତଥା ପ୍ରଗତିର ମାର୍ଗକୁ ଆପଣାଇଛନ୍ତି। ଏହି ବିଜୟ ବିଜେପିର ବିଚାରଧାରା ଓ ରାଜନୈତିକ ଆନ୍ଦୋଳନର ପ୍ରଣେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଛନ୍ତି।

### ଚାଲିଗଲା ୫ ଜୀବନ...

ଯାଇଥିଲେ। ତେବେ ସେମାନେ ଆଜି ସକାଳେ ବୋଲେରୋରେ ଫେରୁଥିବା ସମୟରେ ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ହାଇୱାକୁ ପଛରେ ଜୋରରେ ଧକ୍କା ଦେଇଥିଲା। ଏନେଇ ଖବର ପାଇ ଅଗ୍ନିଶମ ବାହିନୀ, ପୁଲିସ ଓ ସ୍ଥାନୀୟ ଲୋକେ ଆହତମାନଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ବଡ଼ଚଣା ଓ ଧର୍ମଶାଳା ମେଡିକାଲକୁ ପଠାଇଥିଲେ। ଧର୍ମଶାଳା ମେଡିକାଲରେ ୩ ଜଣ ଓ ବଡ଼ଚଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଓ ଜଣେ ପୁରୁଷ ରହିଥିବା ସୂଚନା ମିଳିଛି। ସେମାନେ ହେଲେ କାନ୍ଦ ପୂର୍ତ୍ତି, ନମିତା ନାୟକ, ଗୀତା ପୂର୍ତ୍ତି, ବଲ୍ଲା ମୁଣ୍ଡା ଓ ମାଳତୀ ମୁଣ୍ଡା। ଦୁର୍ଘଟଣା ସମୟରେ ଉକ୍ତ ବୋଲେରୋରେ ଡ୍ରାଇଭର ସମେତ ମୋଟ ୧୨ ଜଣ ଯାଉଥିବା ବେଳେ ଅନ୍ୟମାନଙ୍କର ଧର୍ମଶାଳା ଓ ବଡ଼ଚଣା ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେହିପରି ଆହତଙ୍କ ମଧ୍ୟରେ ଦୁଇ ଜଣ ଛୋଟ ପିଲା ବି ଅଛନ୍ତି ଏବଂ ଅନ୍ୟ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ଆତ୍ମୀୟଙ୍କ ସକାଶେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ଘୋଷଣା କରିଛନ୍ତି। ଏଥିସହ ସମସ୍ତ ଆହତଙ୍କୁ ଉତ୍ତମ ମାନର ଚିକିତ୍ସା ଯୋଗାଇଦେବା ସକାଶେ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

### ଆଞ୍ଚଳିକ ଦଳ...

ଏଆଇଏଡିଏମ୍‌କେ ମଧ୍ୟ ଏକପ୍ରକାର ମାଟି କାମୁଡ଼ିଛି। ନୂଆକରି ସରକାର ଗଠନରେ ସଫଳ ହୋଇଥିବା ଚଳଚ୍ଚିତ୍ର ଅଭିନେତା ବିଜୟଙ୍କ ଟିଭିକେ କେତେଦିନ ରାଜ୍ୟ ଓ ଜାତୀୟ ରାଜନୀତିରେ ନିଜର ଦବଦବା ବଜାୟ ରଖିବ, ତାହା ଉପରେ ସମସ୍ତଙ୍କ ନଜର। ପଞ୍ଜାବରେ ଅକାଳୀ, ଉତ୍ତର ପ୍ରଦେଶରେ ବିଏସ୍‌ପି ଓ ଏସପି, ଆନ୍ଧ୍ରରେ ଟିଆରଏସ୍ ଭଳି ଦଳ ଧିରେ ଧିରେ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯାଉଛି। ୨୦୨୯ର ସାଧାରଣ ନିର୍ବାଚନ ବେଳକୁ ଦେଶର ଆଗଧାଡ଼ିର ସମସ୍ତ ଆଞ୍ଚଳିକ ଦଳ ଶକ୍ତିହୀନ ହୋଇପଡ଼ିଥିବେ, ନଚେତ ବିଜେପି ଭଳି କ୍ଷମତାରେ ଥିବା ଜାତୀୟ ଦଳ ସହ ବିଲୀନ ହୋଇଯାଇଥିବେ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି। ଏଭଳି ଘଟିବାର ଅନେକ ସମ୍ଭାବନା ଥିବାରୁ ୨୦୨୯ର ସାଧାରଣ ନିର୍ବାଚନ ମୁଖ୍ୟତଃ ବିଜେପି ଓ କଂଗ୍ରେସ ମଧ୍ୟରେ ଏକାଧିକ ରାଜ୍ୟରେ ଦେଖିବାକୁ ମିଳିବ। ମୋଟାମୋଟି ଭାବେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଦୁଇ ଦଳୀୟ ରାଜନୀତି ଆଡ଼କୁ ମୁହାଁଇଥିବା ବେଳେ ଦେଶର ସଂଘୀୟ ବ୍ୟବସ୍ଥା ପାଇଁ ଏହା ସେତେଟା ଶୁଭଙ୍କର ନୁହେଁ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।

### ଇତିହାସ ରଚିଲେ...

ଆସନ ଆଡ଼କୁ ଦ୍ରୁତଗତିରେ ଅଗ୍ରସର ହେଉଛନ୍ତି। ୨୦୨୬ ନିର୍ବାଚନରେ ଡିଏମକେ ନେତୃତ୍ୱାଧୀନ ଶାସକ ଏସପିଏ ୬୦ ଆସନରେ ବିଜୟୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଛି। ଏଆଇଏଡିଏମକେ ମାତ୍ର ୪୭ଟି ଆସନ ମିଳିଛି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ନିଜର ପରାଜୟ ସ୍ୱୀକାର କରିଛନ୍ତି। ଏଥିସହ ବିଜୟୀ ପକ୍ଷକୁ ଅଭିନନ୍ଦନ ଜଣାଇଛନ୍ତି ଓ ଡିଏମକେ ବିରୋଧୀଦଳର ଭୂମିକା ନର୍ବାହ କରିବ ବୋଲି ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆମେ ଲୋକଙ୍କ ରାୟକୁ ମୁଣ୍ଡ ନୁଆଁଇ ଗ୍ରହଣ କରୁଛୁ ବୋଲି ଷ୍ଟାଲିନ୍ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ପ୍ରକାଶଥାଉ କି, ବିଜୟ ପେରମ୍ବୁର ଓ ତିରୁଚିରାପଲ୍ଲୀ ନିର୍ବାଚନମଣ୍ଡଳୀରୁ ଲଢ଼ୁଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ପେରମ୍ବୁରରେ ବିଜୟ ୪୦ ହଜାର ଭୋଟରେ ବିଜୟୀ ହୋଇଥିବା ବେଳେ ତିରୁଚିରାପଲ୍ଲୀ (ତ୍ରିଚି)ରେ ୨୦ ହଜାର ଭୋଟରେ ବାଜିମାତ୍ କରିଛନ୍ତି।

### ସାକାର ହେବ...

କରିଆସିଛି। ସେହିପରି ରାଜ୍ୟର ଚାଷୀକୂଳକୁ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ କରି ସେମାନଙ୍କ ସହ ବିଶ୍ୱାସଘାତକତା କରିଥିଲା ଟିଏମ୍‌ସି ସରକାର। ବଙ୍ଗର ଯୁବବର୍ଗ ଆଜି ବେକାରୀ ସମସ୍ୟାରେ ଜର୍ଜରିତ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଟିଏମସି ସରକାର ଯୁବପିଢ଼ିଙ୍କୁ ଭ୍ରମିତ କରିଆସିଥିଛି। ପଶ୍ଚିମବଙ୍ଗ ଜନସାଧାରଣ ମମତା ବାନାର୍ଜୀଙ୍କୁ ବିଦାୟ କରିବା ସହ ବିଜେପିର ସୁଶାସନ ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଅତୁଟ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି ବିଜୟ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ 'ସୋନାର ବାଂଲା' ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଦୃଢ଼ ମୂଳଦୁଆ ହେବ ବୋଲି ସେ କହିଛନ୍ତି। ଆସାମ ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପିକୁ ପ୍ରଚଣ୍ଡ ବହୁମତ ଦେଇଥିବାରୁ ସେ ସେଠାକାର ଜନସାଧାରଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

## ଭାଉଜ ଖଣ୍ଡା ଚୋଟରେ ଦିଅର ଗୁରୁତର



ବାଲିଆପାଳ,୪।୫ (ସଂଚାର ବ୍ୟୁରୋ)ଃ ପାରିବାରିକ କଳହର କରୁଣ ପରିଣତି। ଭାଉଜର ଖଣ୍ଡା ଚୋଟରେ ଦିଅର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ମିରିଗୁଣ୍ଡି ଗ୍ରାମରେ। ଗ୍ରାମର ଭଜହରି ବେହେରା ଦୀର୍ଘ ଦିନ ହେବ ଶ୍ୱଶୁର ଘରେ ରହୁଥିଲେ। ପୂର୍ବରୁ ଜମିବାଡ଼ି ବାଦବିବାଦ ଲାଗି ରହିଥିଲା ବେଳେ ଆଜି ସକାଳେ ତାଙ୍କ ବଡ଼ ଭାଇ ପାଖରେ ରହୁଥିବା ନିଜ ମାଆଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ତାଙ୍କ ମାଆଙ୍କ ସହିତ ତାଙ୍କ ପୁତୁରା ଦେଖା କରେଇ ଦେଇ ନ ଥିଲେ। ତେବେ ଦେଖା କରେଇବାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ଏହି କଳହ ଶେଷରେ ଉଗ୍ର ରୂପ ଧାରଣ କରିଥିଲା। ଭଜ ହରିଙ୍କ ଭାଉଜ ଏକ ଖଣ୍ଡାରେ ଭଜ ହରିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଭଜହରି ନିଜ ଜୀବନକୁ ରକ୍ଷା କରିବା ପାଇଁ ସେଠାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୌଡ଼ି ପଳେଇ ଆସିଥିବା ବେଳେ ବସ୍ତା ଥାନା ମାଥାନି ଛକ ଠାରେ ରାସ୍ତାରେ ପଡିଯାଇଥିଲା ବେଳେ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବସ୍ତା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ତା ଡାକ୍ତରଖାନାକୁ ପଠାଇଥିବା ବେଳେ ଅଧିକ ଗୁରୁତର ହେବାରୁ ବାଲେଶ୍ୱର ପରେ କଟକକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତାଙ୍କ ଭଉଣୀ ରୁପସା ଥାନା ଲିଖିତ ଅଭିଯୋଗ କରିବାପରେ ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷଙ୍କ ଥାନାରେ ଅଭିଯୋଗ



ବାଲିଆପାଳ,୪।୫ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ନୟାବାଲି ଠାରେ ଥିବା ଶଙ୍କର ନାଥ ମନ୍ଦିର ପ୍ରାଙ୍ଗଣରେ ଗତ ୨୭ ତାରିଖ ରାତିରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ଗଣ୍ଡଗୋଳକୁ ନେଇ ପୃଥକ ପୃଥକ ଭାବରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ବାପି ପାତ୍ରଙ୍କ ପରିବାର ସଦସ୍ୟ ତାଙ୍କ ବାସଭବନରେ ସାମ୍ବାଦିକ ସମ୍ମିଳନୀ କରି ଏହା ମିଥ୍ୟା ଏବଂ ରାଜନୈତିକ ଆକ୍ରୋଶ ରଖି ବିଷ୍ଣୁ ପୁର ସରପଞ୍ଚଙ୍କ ପୁଅ ଚନ୍ଦନ ଜେନା କଳ୍ପ କଳ୍ପିତ କାହାଣୀ କରି ତତ୍ତ୍ୱ ଦେଉଛନ୍ତି ବୋଲି କହିଥିଲେ। ଶ୍ରୀ ପାତ୍ରଙ୍କ ଇଟା ଭାଟିରୁ ୩୨୦୦୦ ଟଙ୍କାର ଇଟା ନେଇ ଥିଲେ ଚନ୍ଦନ ଜେନା ଟଙ୍କା ନଦେଇ ନୟାବାଲି ଗ୍ରାମର ମୁଖିଆଙ୍କ ଦ୍ୱାରା ମୋତେ ଶଙ୍କର ନାଥ ମଣ୍ଡପ ପାଖକୁ ଡାକି ସଂଘ ବଦ୍ଧ ଭାବେ ଆକ୍ରମଣ କରି ସୁନା ଚେନ ମୁଦି, ଟଙ୍କା ଛଡ଼ାଇ ନେଇଥିବା ନେଇ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗ ଗ୍ରହଣ କରି ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଜଣାପଡିଛି।

## ହୋଟେଲ ଉପରେ ଚଢ଼ାଉ, ୧୨ ଘରୋଇ ଏଲପିଜି ସିଲିଣ୍ଡର ଜବତ



ଜବତଯାଜପୁର,୪।୫ (ସଂଚାର ବ୍ୟୁରୋ)ଃ ସୁକିନ୍ଦା ବ୍ଲକ ଅଧିନସ୍ଥ ଡୁବୁରୀ ଛକ ଠାରେ ଥିବା ୨ଟି ହୋଟେଲ ଉପରେ ଆଜି ରାତିରେ ସୁକିନ୍ଦା ବ୍ଲକ ପ୍ରଶାସନ ଚଢ଼ାଉ କରି ବେଆଇନି ଭାବେ ଇନ୍ଧନରେ ବ୍ୟବହାର କରୁଥିବା ୧୨ଟି ( ପ୍ରଫୁଲ ହୋଟେଲ ରୁ ୫ଟି ଏବଂ ଲିଜାରାଣୀ ହୋଟେଲ ରୁ ୭ଟି ) ଘରୋଇ ଏଲ ପି ଜି ସିଲିଣ୍ଡର ଜବତ କରାଯାଇଛି । ଚଢ଼ାଉ ସମୟରେ ସୁକିନ୍ଦା ଓ୍ୱି ଦି ଓ ପ୍ରଜ୍ଞାପରମିତା ପୃଷ୍ଟି, ଏମ ଆଇ ଶୁଭାଙ୍ଗୀ ରାୟ ସମେତ ପୋଲିସ କର୍ମଚାରୀମାନେ ସାମିଲ ଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ



ବେତନଟୀ, ୪।୫ (ସଂଚାର ବ୍ୟୁରୋ)ଃ ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବେତନଟୀ ଥାନା ଅନ୍ତର୍ଗତ କେସିପୁର ଫାଣ୍ଡି ଅଞ୍ଚଳର ଜଣେ ହାଇସ୍କୁଲ ଶିକ୍ଷକ ଯତୀନ୍ଦ୍ର ମହାନ୍ତ (୫୬)ଙ୍କୁ ପୋଲିସ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ହାଇସ୍କୁଲ ଶିକ୍ଷକ ଛାତ୍ରୀଙ୍କୁ ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ବ୍ଲାକମେଲ କରିବାର ଉଦ୍ୟମ କରିଥିଲେ। ଗତ ଏପ୍ରିଲ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଛାତ୍ରୀ ଜଣକ ଡାକ୍ତରଖାନାରୁ ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ ଦାଖଲ ହେବା ପରେ ପୋଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତ ହାଇସ୍କୁଲ ଶିକ୍ଷକ ଯତୀନ୍ଦ୍ର ମହାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାସ୍ତା ପାଲଟିଛି ମରଣଯନ୍ତା

**୧୫ ବର୍ଷ ପୂର୍ବରୁ ହୋଇଥିଲା ନିର୍ମାଣ**

**ତୁରନ୍ତ ମରାମତି ପାଇଁ ଦାବି**



ଆନନ୍ଦପୁର,୪।୫(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତରେ ବିକାଶର ଚିତ୍ର ଏବେ ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ପହଞ୍ଚିଛି। ସରକାର ଗାଁ ଗାଁରେ ବିକାଶର ଦାବି କରୁଥିବା ବେଳେ, ଏହି ପଞ୍ଚାୟତରେ ଏକ ଭଲ ରାସ୍ତା ସ୍ୱପ୍ନ ସମାନ ହୋଇପଡ଼ିଛି।

ସୂଚନା ଅନୁସାରେ, ପ୍ରାୟ ପନ୍ଦର ବର୍ଷ ପୂର୍ବରୁ ଏହି ରାସ୍ତାର ନିର୍ମାଣ କାମ ହୋଇଥିଲା। କିନ୍ତୁ ସମୟ ସହିତ ରକ୍ଷଣାବେକ୍ଷଣର ଅଭାବରୁ ଏହା ପୂରାପୁରି ଭାଙ୍ଗି ଯାଇଛି। ବର୍ତ୍ତମାନ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେବା ଫଳରେ, ବର୍ଷା ହେଲେ କାଦୁରେ ପରିଣତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ ଲୋକମାନଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ପ୍ରତିଦିନ ବିପଦଜନକ ରାସ୍ତା ଦେଇ ବିଦ୍ୟାଳୟକୁ ଯାଉଛନ୍ତି, ରୋଗୀମାନେ ଚିକିତ୍ସା ପାଇଁ ସମୟରେ ହସ୍ପିଟାଲ୍ ପହଞ୍ଚି ପାରୁନାହାନ୍ତି, ଏବଂ ବୃଦ୍ଧ ଓ ମହିଳାମାନେ ବିଶେଷ କଷ୍ଟର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ ମତରେ, ଏକ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଯଦି ରାସ୍ତା ନଥାଏ, ତେବେ ଏଠାରେ ବିକାଶର କଥା କହିବା ଅର୍ଥହୀନ। ସରକାର ଓ ପ୍ରଶାସନ ଯଦି ଏପରି ମୂଳ ଆବଶ୍ୟକତାକୁ ଅଣଦେଖା କରିବେ, ତେବେ ଗ୍ରାମୀଣ ଉନ୍ନତି କେମିତି ସମ୍ଭବ ହେବ, ଏହି ପ୍ରଶ୍ନ ଏବେ ସବୁଙ୍କ ମନରେ ଉଠୁଛି। ଏହି ପରିପ୍ରେକ୍ଷିତରେ କଣ୍ଟିପାଳ ପଞ୍ଚାୟତର ଲୋକମାନେ ତୁରନ୍ତ ଏହି ବିପର୍ଯ୍ୟସ୍ତ ରାସ୍ତାକୁ ମରାମତି ଓ ପୁନଃନିର୍ମାଣ ପାଇଁ ଜୋରଦାର ଦାବି କରିଛନ୍ତି।

## ମହିଳା ଡାକ୍ତରଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ଯାଜପୁର,୪।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହୋମିଓ ପାଥିକ ଡାକ୍ତର ଚନ୍ଦ୍ରକାନ୍ତି ସାହୁଙ୍କର ମୃତ୍ୟୁ ଘଟିଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଗତକାଲି ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁରରୋଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା, ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଛି । ତେବେ ତାଙ୍କ ମୃତ୍ୟୁ ଅଂଶୁଘାତ ଜନିତ ନା ହୃଦଘାତରେ ହୋଇଛି ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

## ନବନିଯୁକ୍ତ ବ୍ଲକ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



କାକଟପୁର/ଅସ୍ତରଙ୍ଗ,୪।୫ (ସଂଚାର ବ୍ୟୁରୋ)ଃ ନବନିଯୁକ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରତାପ ଖୁଣ୍ଟିଆ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦୀନବନ୍ଧୁ ବେହେରା ଓ ବ୍ଲକ କଂଗ୍ରେସ ଅନୁସୂଚିତ ଜାତି ସେଲ୍ ସଭାପତି ଅରୁଣ ଦଳେଇଙ୍କୁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ୧୫ ଗୋଟି ପଞ୍ଚାୟତ କଂଗ୍ରେସ ସଭାପତି ଓ ଯୁବ ନେତୃତ୍ୱମାନେ ଉପସ୍ଥିତ ରହି ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ବିଚାରବିମର୍ଶ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଥ୍ ସ୍ତରରୁ ଦଳୀୟ ସଂଗଠନକୁ କ୍ରିୟାଶୀଳ କରିବାକୁ ବୈଠକରେ ଉପସ୍ଥିତ କାକଟପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଶ୍ୱ ଭୂଷଣ ଦାସ ନେତୃତ୍ୱମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅସ୍ତରଙ୍ଗ ବ୍ଲକ ସଭାପତି ସୁକାନ୍ତ ମହାନ୍ତି ପ୍ରଶାନ୍ତ ନାୟକ, ଶିଖର ବାରିକ, ତୋଫାନ ପ୍ରଧାନ, ସୁବାସ ବିଶ୍ୱାଳ,ବିଦୁର ନାୟକ ଓ ପଦ୍ମଲୋଚନ ବିଶ୍ୱାଳଙ୍କ ସହ ପ୍ରମୁଖ କଂଗ୍ରେସ ନେତୃତ୍ୱମାନେ ଉପସ୍ଥିତ ଥିଲେ।

**ଶୀତଳାପଲ୍ଲୀ ସମ୍ ହସ୍ପିଟାଲର ଅଭୂତପୂର୍ବ ସଫଳତା**

## ଜଟିଳ ଅସ୍ତ୍ରୋପଚାର ଦ୍ୱାରା ସୁସ୍ଥ ହେଲେ ରୋଗୀ




ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ବ୍ରହ୍ମପୁର ଶୀତଳାପଲ୍ଲୀ ସ୍ଥିତ ସମ ହସ୍ପିଟାଲ୍‌ରେ ଦୁଇଟି ବିରଳ ଓ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ସମ୍ପାଦନ କରାଯିବା ଦ୍ୱାରା ହସ୍ପିଟାଲ ଅଭୂତପୂର୍ବ ସଫଳତା ହାସଲ କରିଛି। ଚିକିତ୍ସା ନିମନ୍ତେ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନେକ ହସ୍ପିଟାଲ ବୁଲିବା ପରେ ଶେଷରେ ଶୀତଳାପଲ୍ଲୀ ସମ୍ ହସ୍ପିଟାଲ୍‌ରୁ ସୁସ୍ଥ ହୋଇ ଫେରିଛନ୍ତି ରୋଗୀ।

ପ୍ରଥମ ରୋଗୀଙ୍କ କ୍ଷେତ୍ରରେ ଶ୍ୱାସନଳୀରେ ଅବରୋଧ ଫଳରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅତ୍ୟନ୍ତ କଷ୍ଟ ଅନୁଭବ ହେଉଥିଲା। ଏହା ଦ୍ୱାରା ରୋଗୀର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏକ ଅତ୍ୟାଧୁନିକ ଶ୍ୱାସନଳୀ ପୁନଃନିର୍ମାଣ ପ୍ରକ୍ରିୟା- ଉନ୍ନତ ମାନର ସିଙ୍ଗଲ ଷ୍ଟେଜ୍ ଲାରିନ୍‌ଗୋଟ୍ରାକିଆଲ୍ ରିକନ୍‌ଷ୍ଟ୍ରକ୍ସନ୍ (ଏସ୍‌ଏସ୍‌ଏଲ୍‌ଟିଆର୍) ଅସ୍ତ୍ରୋପଚାର କରାଯାଇ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାରଟି ଇଏନ୍‌ଟି ବିଭାଗର ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ, କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗର ଡାକ୍ତର ସମିର ପାଣିଗ୍ରାହୀ ଏବଂ ଡାକ୍ତର ଶୁଭଜିତ ସାହୁଙ୍କ ମିଳିତ ଉଦ୍ୟମରେ ସମ୍ପାଦନ କରାଯାଇଥିଲା। ଏମାନଙ୍କର ମିଳିତ ପ୍ରଚେଷ୍ଟା ଯୋଗୁଁ ଏହି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା। ଏହି ଅସ୍ତ୍ରୋପଚାରଟି ଦକ୍ଷିଣ ଓଡ଼ିଶାରେ ଏକ ବିରଳ ସଫଳ ପ୍ରକ୍ରିୟା ହୋଇଥିବା ଜଣାପଡ଼ିଛି।

ସେହିପରି ଅନ୍ୟ ଏକ ଜଟିଳ ସମସ୍ୟାରେ ପୀଡ଼ିତ ଥିବା ରୋଗୀ ଯାହାଙ୍କର ବେକରେ ନର୍ଭ ସିଥ ଟ୍ୟୁମର ସୃଷ୍ଟି ହୋଇଥିଲା ତାହାକୁ ବିଭିନ୍ନ ବିଭାଗର ଡାକ୍ତରମାନେ ମିଳିତ ଭାବେ ଅସ୍ତ୍ରୋପଚାର ମାଧ୍ୟମରେ ସଫଳ ଚିକିତ୍ସା କରି ସୁସ୍ଥ କରାଇଛନ୍ତି। ଏହି ଟିମ୍‌ରେ ଡାକ୍ତର ସୁଧାକର ଜେନା, ଡାକ୍ତର ପ୍ରଭାତ ଜଗଦେବ, ଡାକ୍ତର ସାଇରୁଦ୍ର ପୁହାଣ ଓ ଡାକ୍ତର ପ୍ରତ୍ୟୁଷକାନ୍ତି ମିଶ୍ର ସାମିଲ ଥିଲେ। ସେମାନଙ୍କର ମିଳିତ ଉଦ୍ୟମ ଜଟିଳ ଅସ୍ତ୍ରୋପଚାରଗୁଡ଼ିକୁ ସଫଳ କରାଇବାର ଦକ୍ଷତାକୁ ପ୍ରତିପାଦିତ କରିଛି।

## ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର



ଯୋଡ଼ା,୪।୫ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ଦିନକୁ ଦିନ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ସେମାନଙ୍କ ରକ୍ଷାବେକ୍ଷଣ ଓ ଚିକିତ୍ସା ନେଇ ଚିନ୍ତା ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ ନନ୍ଦୀ ଗୋ ସେବା ସଂସ୍ଥା ଆଗକୁ ଆସି ସମାଜ ସେବାର ଉଦାହରଣ ସୃଷ୍ଟି କରିଛି।

ସଂସ୍ଥା ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ମାନସିକ ରୋଗୀଙ୍କ ତୁରନ୍ତ ଚିକିତ୍ସା ଓ ସୁରକ୍ଷା ପାଇଁ ଅନୁରୋଧ କରାଯାଇଥିଲା। ମିଳିଥିବା ସୂଚନାନୁସାରେ, ଯୋଡ଼ା ଖଣି ଅଞ୍ଚଳରେ ଅନେକ ମହିଳା ଓ ପୁରୁଷ ମାନସିକ ରୋଗୀ ଅବହେଳିତ ଅବସ୍ଥାରେ ରାସ୍ତାଘାଟରେ ବୁଲିବା ସହିତ ଅଳିଆ ଆବର୍ଜନାରୁ ଖାଦ୍ୟ ସଂଗ୍ରହ କରି ଜୀବନଯାପନ କରୁଥିବା ଦେଖାଯାଉଛି। ନିକଟତମ ଘଟଣାରେ ଏକ କମ ବୟସ୍କ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ କିଛି ଯୁବକଙ୍କ ଅତ୍ୟାଚାର ଘଟଣା ସଂସ୍ଥା ସଦସ୍ୟମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଥିଲା। ଏହା ପରେ ଉକ୍ତ ମହିଳାଙ୍କ ସୁରକ୍ଷା ସହ ଅନ୍ୟ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସା ପାଇଁ ସଂସ୍ଥା ଅଧିକାରୀଙ୍କ ନିକଟରେ ଫେରାଦ କରିଥିଲା।

ଫଳସ୍ୱରୂପ, ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ନନ୍ଦୀ ଗୋ ସେବା ସଂସ୍ଥା ସଦସ୍ୟମାନଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝରର ଏକ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ସେଠାରେ ତାଙ୍କର ଉଚିତ ଚିକିତ୍ସା ଓ ରକ୍ଷାବେକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି।

ଏହି ଉଦ୍ଧାର କାର୍ଯ୍ୟରେ ସଂସ୍ଥାର ସମ୍ପାଦକ କିଶୋର ବାରିକଙ୍କ ସହ ସୁନୀଲ ସେଠି, ଧନଞ୍ଜୟ ମହାନ୍ତି ଓ ସତ୍ୟଜିତ ଦାଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଦିନରେ ମଧ୍ୟ ସମସ୍ତ ମାନସିକ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ସଂସ୍ଥା ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ଜଣାପଡିଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଜୁଳି ଖୁଣ୍ଟ



ଯାଜପୁର ରୋଡ଼, ୪।୫ (ସଂଚାର ବ୍ୟୁରୋ)ଃ ଯାଜପୁର ରୋଡ଼ ଥାନା ଗୋଲେଇ ଛକ ରାସ୍ତା ଠାରୁ ଦାନଗଦି ମିଲିଟାରୀ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ତଥା ଗୋଲେଇ ଛକ ଠାରୁ ମାତ୍ରକିଛି ଦୂର ରାସ୍ତାରେ ଏକ ଲାଇଟ ସଂଯୋଗଥିବା ଏକ ବିଦ୍ୟୁତ୍ ଖୁଣ୍ଟ କାଳବୈଶାଖୀର ପବନରେ ଏବେ ରାସ୍ତା ଆଡ଼କୁ ଶୋଇଯାଇଛି। ଏହି ଖୁଣ୍ଟଟି ସିମେଣ୍ଟ ଢଳେଇର ଲୁହାପ୍ଲେଟ ଉପରେ ମାତ୍ର ଚାରି ଛଅଗୋଟି ଲୁହା ନଟ ବୋଲଟ୍'ର ଭରସାରେ ଝୁଲନ୍ତା ଅବସ୍ଥାରେ ରହିଛି। କେଉଁ ସମୟରେ ବି ଏହି ଖୁଣ୍ଟ ରାସ୍ତାରେ ପଡିଯିବାର ସମ୍ଭାବନା ରହିଥିବା ବେଳେ ଏହି ରାସ୍ତାରେ ଯାତାୟାତ କରୁଥିବା ଚାରିଚକିଆ ଯାନ ଠାରୁ ଆରମ୍ଭ କରି ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେବାର ସମ୍ଭାବନା ରହୁଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଜିବନ ପ୍ରତି ବିପଦ ସୃଷ୍ଟି କରିପାରେ ନେଇ ଆଶଙ୍କା କରାଯାଉଛି। ତେଣୁ ଏପରି ପରିସ୍ଥିତି ଆସିବା ପୂର୍ବରୁ ଏନ.ଏଚ ବିଭାଗର ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଏସ୍‌ପିଙ୍କ ପୁନଃତଦନ୍ତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




ନୀଳଗିରି, ୪।୫ (ସଂଚାର ବ୍ୟୁରୋ)ଃ ନୀଳଗିରି କୁଲଡ଼ିହା ରେଞ୍ଜର ଓ ତାଙ୍କ ସହିତ ଥିବା ୧୪ଜଣ ବନବିଭାଗ କର୍ମଚାରୀ ମିଶି ଜୈନିକ ବନକର୍ମଚାରୀଙ୍କୁ ରାସ୍ତା ମଝିରୁ ଉଠାଇ ଆଣି ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ଶ୍ରୀ ପାତ୍ର ପ୍ରଥମେ ବରହମପୁର ପରେ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଏଭଳି ଅମାନବୀୟ ଘଟଣାକୁ ଚାରିଗୋଟି ରାଜନୈତିକ ଦଳ ବିଜେଡ଼ି, କଂଗ୍ରେସ, ସିପିଆଇ, ସିପିଆଇ(ଏମ) ଦୃଢ଼ ନିନ୍ଦା କରିଛନ୍ତି । ଏହି ଘଟଣାଟି ଏକ ମାସ ବିତି ଯାଇଥିଲେ ମଧ୍ୟ ଏଯାବତ ମୁଖ୍ୟ ଆସାମୀ ସୁବ୍ରତ ବେହେରାଙ୍କ ବିରୁଦ୍ଧରେ ବରହମପୁର ଆଇଆଇସି କୋହଳ ମନୋଭାବ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଥିବାରୁ ଆଗାମୀ ୬ ତାରିଖ ବାଲେଶ୍ୱର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପାତ୍ରଙ୍କ ସହଧର୍ମିଣୀ ଦିପ୍ତିମୟୀ ପାତ୍ର ନୋଟିସ କରିଥିବାରୁ ନୀଳଗିରିର ସମସ୍ତ ୪ ଗୋଟି ବିରୋଧୀ ଦଳ ସେମାନଙ୍କର ସହସ୍ରାଧିକ କର୍ମୀମାନଙ୍କୁ ନେଇ ଧାରଣାରେ ସାମିଲ ହେବା ପାଇଁ ବାଲେଶ୍ୱର ଏସପିଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଘଟଣା ସମ୍ପର୍କରେ ବାଲେଶ୍ୱର ଏସପି ସମସ୍ତ ବିଷୟ ଶୁଣିବାପରେ ତଦନ୍ତ ଓ ପଦକ୍ଷେପରେ ଅବହେଳା ହୋଇଥିବା ଅନୁଭବ କରି ପୁନଃ ତଦନ୍ତ ଭାର ଅତିରିକ୍ତ ଏସପି ନିରଞ୍ଜନ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ। ନୀଳଗିରି ଏସଡିପିଓ ଙ୍କୁ ମୁଖ୍ୟ ଆସାମୀକୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଉପସ୍ଥିତ ଥିବା ଏତେଲାକାରିଣୀ ଦୀପ୍ତିମୟୀ ଓ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ପଦକ୍ଷେପ ନେବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେବାରୁ ଆଗାମୀ ମଇ ୬ ତାରିଖ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

## ରାଉରକେଲାରେ ଯୁଗ୍ମ ଜନଶୁଣାଣି ଶିବିର



ସୁନ୍ଦରଗଡ଼, ୪।୫ (ସଂଚାର ବ୍ୟୁରୋ)ଃ ସୋମବାର ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆରଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ମୋଟ ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅବସରରେ ୮ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳରେ ହିଁ କରାଯାଇଥିଲା। ଯେଉଁଥିରେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିବା ବେଳେ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅଧିକ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହୋଟେଲରେ ପରଷାଯାଉଛି ବାସି ଖାଦ୍ୟ

**ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟ / ଯାଞ୍ଚ କରିବାକୁ ସାଧାରଣରେ ଦାବି**



କାକଟପୁର/ଅସ୍ତରଙ୍ଗ,୪।୫ (ସଂଚାର ବ୍ୟୁରୋ)ଃ ଦିନକୁ ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ କଳେବର ବଢୁଛି । ସେହି ତୁଳନାରେ ଜନ ସଂଖ୍ୟା ବୃଦ୍ଧି ହେଉଛି। ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଗଢି ଉଠୁଛି। ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି । ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଚକିତ କରିଛି।

କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଶତାଧିକ ହୋଟେଲ ଅଛି। ଅନେକ ହୋଟେଲରେ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର। ସବୁଠାରୁ ବଡ଼ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ କିଛି ନାଁ କରିଥିବା ହୋଟେଲ ଗୁଡିକରେ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରଷୁଛନ୍ତି । ଯାହାର ପ୍ରମାଣ ସ୍ୱରୂପ ଯଦି ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ ସକାଳୁ ଆସି ହୋଟେଲରେ ଥିବା ରେଫ୍ରିଜେଟର କିମ୍ବା ଫ୍ରିଜି ଯାଞ୍ଚ କରିବେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନ କହିବା ଭଲ। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି। ମାସେ କିମ୍ବା ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇ ଆସୁଛି। କାକଟପୁର ଅଞ୍ଚଳରେ କିଛି ଦିନ ପୂର୍ବେ ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଯାଞ୍ଚ ହୋଇଥିଲା । କିନ୍ତୁ ନିୟମିତ ବ୍ୟବଧାନରେ ଯାଞ୍ଚ ହେଉନଥିବାରୁ ଅନେକ ହୋଟେଲରେ ଖୁଲମ ଖୁଲ୍ଲା ବାସି ଖାଦ୍ୟ ବିକ୍ରି କରୁଛନ୍ତି। ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ ନିଜ ନାମ ଗୋପନ ରଖି କହିଛନ୍ତି, ବଡ଼ ବଡ଼ ହୋଟେଲ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି। ଯେଉଁଥି ପାଇଁ ଅଭିଯୋଗ ସତ୍ତ୍ୱେ ବିଭାଗ ସେଠାରେ ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ଯାଞ୍ଚ ନ କରି ଚୁପ ବସିଛି। ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି ସ୍ୱତନ୍ତ୍ର ଟିମ୍ ଅଚାନକ ବିଭିନ୍ନ ହୋଟେଲ ଯାଞ୍ଚ କଲେ ବାସି ଖାଦ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ।

## ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ବିଜେପିର ବିଜୟ ଉତ୍ସବ



ଢେଙ୍କାନାଳ, ୪।୫ (ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ଢେଙ୍କାନାଳରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦିନତମାମ ବିଜୟ ଉତ୍ସବ ପାଳନ କରାଯାଇଛି। ପୂର୍ବାହ୍ନ ୧୧ ଘଟିକାରୁ ଢେଙ୍କାନାଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକତ୍ରିତ ହୋଇ ପଶ୍ଚିମବଙ୍ଗ ଭୋଟ ଫଳାଫଳକୁ ନେଇ ଉତ୍ସବ ପାଳନ କରିଥିଲେ। ଦିନ ସାରା କାର୍ଯ୍ୟାଳୟ ପରିସର 'ଜୟ ଶ୍ରୀରାମ' ଓ 'ଭାରତ ମାତା କି ଜୟ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଅପରାହ୍ନ ୫ଟାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ସହରସ୍ଥିତ ହନୁମାନ ବାଟିକାଠାରେ ପହଞ୍ଚି ସହସ୍ରାଧିକ କର୍ମୀଙ୍କ ସହିତ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ଆନନ୍ଦ ଉଲ୍ଲାସରେ ବିଜୟ ଉତ୍ସବ ପାଳନ କରିଥିଲେ।

କର୍ମୀମାନେ ଖୁସିରେ ଝାଲମୁଢ଼ି ଖାଇବା ସହିତ ବାଜା ବଜାଇ, ବାଣ ଫୁଟାଇ, ନାଚକରି ଓ ମିଠା ବାଣ୍ଟି ଏହି ବିଜୟ ମୁହୂର୍ତ୍ତକୁ ପାଳନ କରିଥିଲେ। ହନୁମାନ ବାଟିକା ପରିସର ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇପଡ଼ିଥିଲା। ଜିଲ୍ଲା ବିଜେପିର ବରିଷ୍ଠ ନେତା, ବିଭିନ୍ନ ମୋର୍ଚ୍ଚା ପଦାଧିକାରୀ ଓ ହଜାର ହଜାର କର୍ମୀ ଏହି ବିଜୟ ଉତ୍ସବରେ ସାମିଲ ହୋଇଥିଲେ।

# ବିଜେପି ପାଇଁ ଲକି ନମ୍ବର '୪'

ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ରାଜନୀତିରେ କେତେବେଳେ କେମିତି କାହାର ଭାଗ୍ୟ ବଦଳିଥାଏ, ତାହା କାହାକୁ ବି ଜଣା ନ ଥାଏ। କିନ୍ତୁ ବିଜେପି ପାଇଁ ଏବେ ୪ ନମ୍ବରଟି ଯେମିତି ଏକ ଲକି ନମ୍ବର ପାଲଟିଯାଇଛି। ଜୁନ ୪, ୨୦୨୪ ଓ ମେ ୪, ୨୦୨୬ ଅର୍ଥାତ୍ ୪ ତାରିଖଟି ବିଜେପି ପାଇଁ ଅତ୍ୟନ୍ତ ଶୁଭ ଦିନ ସାବ୍ୟସ୍ତ ହୋଇଛି। ଓଡ଼ିଶା ରାଜନୀତିରେ ୪ ଜୁନ ୨୦୨୪ ଏକ ଐତିହାସିକ ଦିନ ଥିଲା। ଏହି ଦିନ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ସହ ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନରେ ପଡ଼ିଥିଲା ଯବନିକା। ସମସ୍ତଙ୍କୁ ଚକିତ କରି ଏକାକୀ ଶାସନ ଗାଦି ଅକ୍ତିଆର କରିଥିଲା ବିଜେପି। ଦୀର୍ଘ ବର୍ଷର ସଂଘର୍ଷ ପରେ ରାଜ୍ୟରେ ବିଜେପି ନିଜ ବଳରେ ସରକାର ଗଢ଼ିବାରେ ସମର୍ଥ ହୋଇଥିଲା। ଦଳ ୧୪୭ରୁ ୭୮ଟି ଆସନ ଜିତି ପ୍ରଥମ ଥର ପାଇଁ ଓଡ଼ିଶାରେ ଏକାକୀ ସରକାର ଗଠନ କରିଥିଲା। ଶକ୍ତିଶାଳୀ ବିଜେଡି ଦ୍ୱିତୀୟ ନମ୍ବରରେ ରହି ମାତ୍ର ୫୧ଟି ସିଟ ହାତେଇବାରେ ସମର୍ଥ ହୋଇଥିଲା। ଓଡ଼ିଶାରେ ୨୦୨୪ର ପରିବର୍ତ୍ତନ ପରେ ସାରା ଦେଶର ନଜର ୨୦୨୬ ବିଧାନସଭା ନିର୍ବାଚନ ଉପରେ ଥିଲା। ବିଶେଷକରି ପଶ୍ଚିମବଙ୍ଗ, ଆସାମ ଓ ଦକ୍ଷିଣ ଭାରତରେ ବିଜେପି ପ୍ରଭାବକୁ ନେଇ ବେଶ ଚର୍ଚ୍ଚା ଚାଲିଥିଲା। ଆଜି ମେ' ୪ ତାରିଖ ହୋଇଥିବା ବେଳେ ବିଜେପି ପାଇଁ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ଖୁସି ଖବର ଆଣିଛି। ତେଣୁ ୪ ତାରିଖ ବିଜେପି ପାଇଁ ଶୁଭଙ୍କର ବୋଲି ଚର୍ଚ୍ଚା ହେଉଛି।

## ଗୈରିକମୟ ହୋଇଛି ଭାରତ

# ଏନଡିଏ ଦଖଲରେ ୨୨ ରାଜ୍ୟ



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ଦେଶରେ ଗୋଟିଏ ପରେ ଗୋଟିଏ ରାଜ୍ୟ ବିଜେପି ଓ ଏନଡିଏ ଦଖଲକୁ ଯାଉଛି। ୨୦୧୪ରେ ବିଜେପି ଦଖଲରେ ୧୬ଟି ରାଜ୍ୟ ଥିଲା। ଆଉ ଆଜି ୫ ରାଜ୍ୟର ଫଳାଫଳ ଆସିବା ପରେ ଦେଶର ୨୨ଟି ରାଜ୍ୟ ବିଜେପି ଓ ଏହାର ସହଯୋଗୀ ଦଳମାନଙ୍କ ଦଖଲକୁ ଆସିଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ପୂରା ଦେଶ ଏବେ ଗୈରିକମୟ ହେବା ଦିଗରେ ଅଗ୍ରସର ହେଉଛି। ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ଆସାମ, ରାଜସ୍ଥାନ, ଛତିଶଗଡ଼, ହରିଆନା, ଉତ୍ତରାଖଣ୍ଡ, ଗୋଆ, ଅରୁଣାଚଳ ପ୍ରଦେଶ, ମଣିପୁର, ଦିଲ୍ଲୀ, ତ୍ରିପୁରା, ଓଡ଼ିଶା ଓ ପଶ୍ଚିମବଙ୍ଗରେ ବିଜେପି ଏକାକୀ ସରକାର ଗଠନ କରିଥିବା ବେଳେ ବିହାରରେ ଏନଡିଏ-ଜେଡିୟୁ ମେଣ୍ଟ, ଆନ୍ଧ୍ରପ୍ରଦେଶରେ ଏନଡିଏ-ଟିଡିପି ମେଣ୍ଟ, ନାଗାଲାଣ୍ଡରେ ଏନଡିପିପି ସହ ଏନଡିଏ ମେଣ୍ଟ, ମେଘାଳୟରେ ଏନପିପି ସହ ଏନଡିଏ ମେଣ୍ଟ, ସିକିମରେ ଏନଡିଓ ଓ ଏସକେଏମ ମଧ୍ୟରେ ମେଣ୍ଟ ଏବଂ ପୁଡୁଚେରୀରେ ଏଆଇଏନଆରସି ସହ ମେଣ୍ଟ କରି ଏନଡିଏ ସରକାର ଗଠନ କରିଛି। ଦକ୍ଷିଣରେ ତାମିଲନାଡୁ, କେରଳ, କର୍ଣ୍ଣାଟକ ଏବଂ ଉତ୍ତରରେ ପଞ୍ଜାବ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ମିଜୋରାମକୁ ବାଦ ଦେଲେ ଦେଶର ଅନ୍ୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବେ ବିଜେପି ଦଖଲରେ ରହିଛି। ତାମିଲନାଡୁରେ ଟିଭିକେ ସରକାର ଗଠନ କରିବାକୁ ଯାଉଥିବା ବେଳେ କେରଳରେ ୟୁଡିଏଫ ସରକାର କରିବ। କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶ ଏବେ କଂଗ୍ରେସ ଦଖଲରେ ଥିବା ବେଳେ ପଞ୍ଜାବରେ ଆପ୍‌ର ଶାସନ ଚାଲିଛି। ଜାମ୍ମୁ-କାଶ୍ମୀର ଇଣ୍ଡି ମେଣ୍ଟ ଦଖଲରେ ଥିବା ବେଳେ ମିଜୋରାମରେ ମିଜୋରାମ ପିପୁଲ୍ସ ମୁଭମେଣ୍ଟ ପାର୍ଟି କ୍ଷମତାରେ ରହିଛି।

## ବାଣପୁର ଉପକାରାଗାରରେ ବିଚାରଧୀନ କଏଦୀଙ୍କ ମୃତ୍ୟୁ



ବାଲୁଗାଁ,୪।୫(ସଂଚାର ବ୍ୟୁରୋ)ଃ ବାଣପୁର ଉପକାରାଗାରରେ ଜନୈକ ବିଚାରଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ବାଣପୁର ଥାନା ବାହାଡ଼ାଖୋଲା ଶାନ୍ତିନଗରର ଶଠ ରାଉତରାୟ ଓ ତାଙ୍କ ବୟସ ୮୫ ବର୍ଷ ବୋଲି ଜଣାପଡ଼ିଛି। କଏଦୀ ଜଣଙ୍କ ବ୍ରହ୍ମପୁର ଏମକେସିଜି ମେଡିକାଲ ଚିକିତ୍ସିତ ହୋଇ ୫ ଦିନ ପରେ ଗତକାଲି ସନ୍ଧ୍ୟାରେ ଜେଲକୁ ଫେରିଥିଲେ। ତେବେ ଆଜି ସକାଳେ ଶୌଚ କରିବାକୁ ବାଥରୁମ ଯାଇଥିବା ସମୟରେ ସେଠାରେ ପୁଣିଥରେ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ବାଣପୁର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଣପୁର ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଶଠ ଗତ ୨୦୨୪ରୁ ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିଲେ।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଗୁଜରାଟ ଗସ୍ତ



➢ ଅହମ୍ମଦାବାଦ, ମୁନ୍ଦ୍ରା ଓ ଭଦଦୋରାରେ ଇନଭେଷ୍ଟର୍ସ ମିଟ୍
➢ ଉଦ୍ୟୋଗପତିଙ୍କ ସହ ରାଉଣ୍ଡ ଟେବୁଲ୍ ବୈଠକ

ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ନିବେଶ ପାଇଁ ହାଇଦ୍ରାବାଦ ଓ କୋଲକତାରେ ସଫଳ ରୋଡ୍ ଶୋ' ପରେ ଓଡ଼ିଶା ବର୍ତ୍ତମାନ ତା'ର ନିବେଶ ଆକର୍ଷଣ ଅଭିଯାନକୁ ଗୁଜରାଟକୁ ବିସ୍ତାର କରିବାକୁ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ୭ ତାରିଖ ପର୍ଯ୍ୟନ୍ତ ଗୁଜରାଟର ୪ଟି ସହରରେ ହେବାକୁ ଥିବା ତିନିଦିନିଆ ଗସ୍ତରେ ଉଦ୍ୟୋଗପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିବେ।

ଆସନ୍ତାକାଲି ଅହମ୍ମଦାବାଦରେ ଏକ ବଡ଼ ନିବେଶକ ରୋଡ୍ ଶୋ' ଅନୁଷ୍ଠିତ ହେବ। ଏଥିସହ ଅଗ୍ରଣୀ ଉଦ୍ୟୋଗପତିମାନଙ୍କ ସହ ରାଉଣ୍ଡ ମେଡିକାଲ ଉପକରଣ ପରି ଉଚ୍ଚ-ସମ୍ଭାବ୍ୟ କ୍ଷେତ୍ରଗୁଡ଼ି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ପଶ୍ଚିମ ଭାରତରୁ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ସହ ଓଡ଼ିଶାର ଦ୍ରୁତ ବିକାଶଶୀଳ ଶିଳ୍ପ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ।

ଓଡ଼ିଶାର ପୋର୍ଟ-ଲେଡ୍ ବିକାଶକୁ ଆଗେଇ ନେବା ପାଇଁ ପ୍ରତିନିଧି ଦଳ ଆସନ୍ତା ୬ ତାରିଖରେ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବେ, ଯାହା ଲଜିଷ୍ଟିକ୍ସ ଓ ବନ୍ଦର ଆଧାରିତ ଶିଳ୍ପରେ ସମ୍ଭାବନାର ସୁଯୋଗକୁ ବ୍ୟାପକ କରିବ। ସେହିପରି ୭ ତାରିଖରେ ଭଦୋଦରାରେ ନିବେଶକମାନଙ୍କ ସହ ବୈଠକ ଆୟୋଜିତ ହେବ ଓ ସରକାରୀ କାର୍ଯ୍ୟକ୍ରମର ଅଂଶ ଭାବରେ ପ୍ରତିନିଧି ଦଳ କେଭାଡିଆ ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଶିଳ୍ପ ସମ୍ପର୍କକୁ ଆହୁରି ମଜବୁତ କରିବ। ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ଦୃଢ଼ ଭିତ୍ତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ସହ ଓଡ଼ିଶା ନିବେଶକମାନଙ୍କ ପାଇଁ ଶ୍ରେଷ୍ଠ ପସନ୍ଦଯୋଗ୍ୟ ନିବେଶ ସ୍ଥାନ ଭାବେ ଆକର୍ଷଣର କେନ୍ଦ୍ର ହୋଇଛି। ଗୁଜରାଟ ଗସ୍ତ ଆମ ରାଜ୍ୟର ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅହଙ୍କାର ଭାଙ୍ଗିଦେଲେ ମହାପ୍ରଭୁ

# ମମତାଙ୍କୁ ମହଙ୍ଗା ପଡ଼ିଲା ଦୀଘା ଜଗନ୍ନାଥ ମନ୍ଦିର



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗରେ ମମତାଙ୍କ ଗାଦିଚ୍ୟୁତ ପରେ ସବୁଠି ଧର୍ମ ଓ ବିଶ୍ୱାସକୁ ନେଇ ଚର୍ଚ୍ଚା। ଭାରତବର୍ଷରେ ୪ ଧାମ ଥିବା ସତ୍ତ୍ୱେ ଦୀଘାକୁ ଧାମ କହିବା ପରେ ସହିଲେନି କି ମହାପ୍ରଭୁ। ତାକୁ ନେଇ ଏବେ ସବୁଠି ଚର୍ଚ୍ଚା ଆରମ୍ଭ ହୋଇଛି। 'ଧାମ'ର ଆଖ୍ୟା ଦେବା ଓ ପଥରରେ ମହାପ୍ରଭୁଙ୍କ ବିଗ୍ରହକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ଅସନ୍ତୋଷ ବଢ଼ିବା ଦିଦିଙ୍କ ପରାଜୟର କାରଣ ବୋଲି କୁହାଯାଉଛି। ଓଡ଼ିଶାରେ ବିଜେଡି ସରକାରର ପରାଜୟ ପଛରେ ଯେମିତି ରତ୍ନଭଣ୍ଡାର ଓ ଜଗନ୍ନାଥଙ୍କ ଭାବାବେଗ ଜଡ଼ିତ ଥିଲା, ଠିକ୍ ସେହିପରି ବେଙ୍ଗଲରେ ମଧ୍ୟ ସମାନ ଦଶା ଭୋଗିଲେ ବୋଲି କହୁଛନ୍ତି ଦଇତାପତି ସେବକ ଭବାନୀ ପ୍ରସାଦ ଦାସ ମହାପାତ୍ର। ସେପଟେ ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ଜଗନ୍ନାଥଙ୍କ ସହ ଛଳନା ମମତାଙ୍କୁ ଭାରୀ ପଡ଼ିଲା। ଦୀଘାକୁ ଧାମ କରିବାର ଅପଚେଷ୍ଟା, ପଥରରେ ବିଗ୍ରହ ନିର୍ମାଣ ଓ ଦାରୁ ଚୋରି ଭଳି ଅଭିଯୋଗ ଉଠିଥିଲା। ପଶ୍ଚିମବଙ୍ଗ ଶାସକ ଦଳର ଅହଙ୍କାର ବଢ଼ିବାରୁ ଜଗନ୍ନାଥ ଭକ୍ତ ନିର୍ବାଚନରେ ଉଚିତ ଜବାବ ଦେଲେ ବୋଲି କହିଛନ୍ତି ଦଇତାପତି ଭବାନୀ ପ୍ରସାଦ ଦାସ ମହାପାତ୍ର। ମହାପ୍ରଭୁ ଜଗନ୍ନାଥଙ୍କ ସହ ଯିଏ ଖେଳିଛି, ତା'ର ଅବସ୍ଥା ସାଂଘାତିକ ହୋଇଛି। ଦିଦିଙ୍କ କ୍ଷେତ୍ରରେ ଏହା ହିଁ ହୋଇଛି। ଦୀଘାରେ ଜଗନ୍ନାଥ ମନ୍ଦିର ତିଆରି କରିବା ଆଳରେ ଯେମିତି ଜଗନ୍ନାଥଙ୍କୁ ବ୍ୟବହାର କରାଇଛନ୍ତି, ତା'ର ପରିଣାମ ସେ ଭୋଗୁଛନ୍ତି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେପଟେ ପଶ୍ଚିମବଙ୍ଗରେ ଟିଏମସିର ପରାଜୟ ପରେ କୋଲକାତା ଜଗନ୍ନାଥ ଭକ୍ତ କହିଛନ୍ତି ଯେ ଯିଏ ଜଗନ୍ନାଥଙ୍କୁ ନେଇ ରାଜନୀତି କରିଛି, ସିଏ ମାଟିରେ ମିଶିଛି। ଶ୍ରୀଜଗନ୍ନାଥ କେବଳ ଓଡ଼ିଆଙ୍କ ଆରାଧ୍ୟ ଦେବତା ନୁହନ୍ତି, ସେ ସାରା ବିଶ୍ୱର ଦେବତା। କୁହାଯାଏ ତାଙ୍କ ଆସ୍ଥା ଓ ବିଶ୍ୱାସ ସହ ଖେଳିଲେ, ତାଙ୍କୁ ନେଇ ଗର୍ବ ଅହଂକାର ବଢ଼ିଲେ ସହିପାରନ୍ତିନି ମହାପ୍ରଭୁ, ଯାହା ବଙ୍ଗ ଫଳାଫଳରୁ ସ୍ପଷ୍ଟ ହୋଇଛି।

## ଉଷା ପାଢ଼ୀଙ୍କ ନେତୃତ୍ୱରେ ଇଡ୍‌କୋ ଗତିଶୀଳ



ଶିଳ୍ପପତିଙ୍କ ମଧ୍ୟରେ ବୃଦ୍ଧି ପାଉଛି ବିଶ୍ୱାସ

ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ଇଡ୍‌କୋ ଏହାର ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଗତିଶୀଳ ଏବଂ ଫଳମୁଖୀ ନେତୃତ୍ୱରେ ଏକ ନୂତନ ଗତି ହାସଲ କରିଛି। ସଂଗଠନର କାର୍ଯ୍ୟପଦ୍ଧତିରେ ସ୍ପଷ୍ଟ ପରିବର୍ତ୍ତନ ସହ ଶିଳ୍ପ ଅଭିବୃଦ୍ଧିକୁ ଏହା ଏକ ନିର୍ଣ୍ଣାୟକ ମୋଡ଼ ଦେଇଛି। ସ୍ୱଚ୍ଛତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକାରିତାକୁ ଆଧାର କରି ଇଡ୍‌କୋ ବର୍ତ୍ତମାନ ଜମି ଆବଣ୍ଟନ ପ୍ରକ୍ରିୟାକୁ ସହଜ ଓ ତ୍ୱରାନ୍ୱିତ କରିବା ସହ ଶିଳ୍ପ ପ୍ରସାରରେ ବାଧା ସୃଷ୍ଟି କରୁଥିବା ଭିତ୍ତିଭୂମି ସମସ୍ୟାଗୁଡ଼ିକର ସମାଧାନରେ ଗୁରୁତ୍ୱ ଦେଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱରେ ଥିବା ଶ୍ରୀମତୀ ପାଢ଼ୀ ଇଡକୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ ପରେ କ୍ଷେତ୍ରକୈନ୍ଦ୍ରିକ ଓ ପରିଣାମମୁଖୀ ଆଭିମୁଖ୍ୟକୁ ବେଶ୍ ଆଗକୁ ନେଇଛନ୍ତି। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଶିଳ୍ପ କ୍ଲଷ୍ଟର୍‌ର କ୍ଷେତ୍ର ପରିଦର୍ଶନ କରାଯାଇ ସମସ୍ୟାର ତୁରନ୍ତ ସମାଧାନ ଓ ଦ୍ରୁତ ନିଷ୍ପତ୍ତି ନିଆଯାଉଛି। ନିକଟରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପ ହବ୍ ପରିଦର୍ଶନ ସମୟରେ ଶ୍ରୀମତୀ ପାଢ଼ୀ ଅଳିଜଙ୍ଗା ଓ ସୁକୁଟିଙ୍ଗରା ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ସମୀକ୍ଷା କରିଥିଲେ। ଏଥିସହ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡର ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରି ସେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଗଢ଼ିବା ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଜମି ଆବଣ୍ଟନ କମିଟି ମାଧ୍ୟମରେ ଏମଏସଏମଇ, ପୋଷାକ, ବସ୍ତ୍ର କ୍ଷେତ୍ରର ଅପେକ୍ଷାକୃତ ୩୧ଟି ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି।

## ଆନ୍ଧ୍ର ହାଟରେ ଅଘଟଣ

# ଗଛ ପଡ଼ି ଦୁଇ ଓଡ଼ିଆ ମହିଳା ମୃତ, ୨ ଗୁରୁତର



ନନ୍ଦପୁର,୪।୫(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସୀମାକୁ ଲାଗି ରହିଥିବା ଆନ୍ଧ୍ର ପେଦାବାଇଲି ସୋମବାର ହାଟରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ନରେ ହାଟରେ ଗହଳି ଲାଗିଥିବା ବେଳେ ହଠାତ୍ କାଳବୈଶାଖୀ ପବନ ବର୍ଷାରେ ହାଟ ମଝିରେ ଥିବା ଏକ ବିରାଟ ଗଛ ଉପୁଡ଼ି ପଡ଼ିଯାଇଥିଲା। ଏଥିରେ ଗଛ ତଳେ ଚାପି ହୋଇ ଓଡ଼ିଶା ଅଞ୍ଚଳର ଦୁଇ ମହିଳା ସିତାମା ଖଡ଼ା (୨୭) ତିଳତମା ଖରା (୩୦)ଙ୍କ ମୃତ୍ୟୁ ଘଟିଛି। ୨ ଜଣ ମନି ପାଙ୍ଗୀ ଓ ରାମଚନ୍ଦ୍ର ପାଙ୍ଗୀ ଗୁରୁତର ହୋଇଥିଲେ। ସେମାନଙ୍କୁ ନିକଟସ୍ଥ ଆନ୍ଧ୍ର ମୁଚିମପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆହତଙ୍କ ଚିକିତ୍ସା ଚାଲିଛି। ୨ ମୃତକ ହେଲେ ନନ୍ଦପୁର ବ୍ଲକ ପାଡ଼ଲୁଙ୍ଗ ପଞ୍ଚାୟତ ଜରାଇ ଗ୍ରାମର ଓ ୨ ଆହତ ପାଡ଼ଲୁଙ୍ଗ ଗ୍ରାମର ବୋଲି ସୂଚନା ମିଳିଛି। ଆନ୍ଧ୍ର ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ଦୁଇ ମହିଳାଙ୍କ ମୃତଦେହ ଉଦ୍ଧାର କରି ମୁଚିମପୁଟ (ଆନ୍ଧ୍ର) ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି। ନିକଟସ୍ଥ ତୁମ୍ବାକୋଟା ଗାଁରେ ଏକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ତ୍ୱରିତ ଚିକିତ୍ସା ଲାଗି ଆନ୍ଧ୍ର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କୋରାପୁଟ ଜିଲା ପ୍ରଶାସନୁ ମୃତକଙ୍କ ପରିବାରକୁ ରେଡକ୍ରସ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ନନ୍ଦପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଦୁର୍ଗା ପ୍ରସାଦ ଦୋରା କୋରାପୁଟ ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ନିର୍ଦ୍ଦେଶ ମୁତାବକ ଆଗାମୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଥାଉ କି, ଆନ୍ଧ୍ର-ଓଡ଼ିଶା ସମ୍ପର୍କର ସେତୁ ସୋଭାପୁଟ ବ୍ରିଜ ଆରପଟ ଓଡ଼ିଶା ଆରଡି ବିଭାଗର ଥିବା ୪୦୦ ମିଟର ରାସ୍ତାଠାରୁ ମାତ୍ର ୧୦୦ ମିଟର ଦୂରରେ ପେଦାବାଇଲିଠାରେ ସୋମବାର ସାପ୍ତାହିକ ହାଟ ଅନୁଷ୍ଠିତ ହୁଏ। ହାଟରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତବାସୀ ନିଜ ନିଜର ଉତ୍ପାଦ ବିକ୍ରି କରିବା ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣା ବିକା କରନ୍ତି।

## କେନ୍ଦୁପତ୍ର ତୋଳିବା ହେଲା କାଳ

# ଦୌଡ଼ି ପଳାଇଲେ ସ୍ୱାମୀ, ସ୍ତ୍ରୀକୁ ଦଳିଦେଲା ଦନ୍ତା

ମାଧପୁର,୪।୫(ସଂଚାର ବ୍ୟୁରୋ)ଃ କେନ୍ଦୁପତ୍ର ତୋଳିବା କାଳ ହେଲା। ଜନୈକ ଦମ୍ପତି କେନ୍ଦୁପତ୍ର ତୋଳୁଥିବା ସମୟରେ ଅଚାନକ ସେମାନଙ୍କୁ ଏକ ଦନ୍ତା ଆକ୍ରମଣ କରିଥିଲା। ତେବେ ସ୍ୱାମୀ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିଲେ ହେଁ ସ୍ତ୍ରୀଙ୍କୁ ଦନ୍ତାଟି ଦଳି ମାରିଦେଇଛି। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ମିଳିଥିବା ସୂଚନାନୁଯାୟୀ, ଆଠମଲ୍ଲିକ ବ୍ଲକ ମାଧପୁର ଗାଁର ଜ୍ୟୋସ୍ନା ବିଶ୍ୱାଳ ଓ ସ୍ୱାମୀ ବିଜୟ ବିଶ୍ୱାଳଙ୍କ ସହ ୬ ଜଣ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ତେବେ ସେମାନେ କେନ୍ଦୁପତ୍ର ତୋଳିବା ସମୟରେ ସେମାନଙ୍କୁ ଏକ ୬ଟିକିଆ ହାତୀପଲ ଆକ୍ରମଣ କରିଥିଲେ। ଏଥିରେ ସମସ୍ତେ ଭୟଭୀତ ହୋଇ ଏଣେତେଣେ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। କିନ୍ତୁ ଜ୍ୟୋସ୍ନା ହାତୀ ହାବୁଡ଼ରେ ପଡିଯାଇଥିଲେ। ଦନ୍ତା ହାତୀଟି ତାଙ୍କୁ ପାଦରେ ଦଳି ଦେଇଥିଲା। ଗାଁଠାରୁ ୧୦ କିମି ଦୂରରେ ନୂଆଗାଁ ସଂରକ୍ଷିତ ଜଙ୍ଗଲ ଭିତରେ ଏହି ଘଟଣା ଘଟିଥିବା ବେଳେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା କୌଣସି ଲୋକଙ୍କ ପାଖରେ ମୋବାଇଲ୍ ନଥିଲା। ସମସ୍ତେ ୪ କିମି ଦୂର ବିଜପୁରକୁ ଚାଲି ଚାଲି ଆସି ଫୋନ କରିଥିଲେ। ବିଜପୁର ବିଟ୍‌ର ଫରେଷ୍ଟ ଗାର୍ଡ ରେଞ୍ଜ୍ ଅଫିସକୁ ଜଣାଇଥିଲେ। ମାଧପୁର ଅଫିସ ଷ୍ଟାଫ ସଦଳବଳ ଯାଇ ଜ୍ୟୋସ୍ନାଙ୍କୁ ଉଦ୍ଧାର କରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ଆଠମଲ୍ଲିକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ବାରମ୍ବାର ଏଭଳି ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା କିସ୍ତି

## ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟି



ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସ୍ଥାନୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତିରୁ ବାଦ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି।

ଏହା ସ୍ୱଚ୍ଛତା ଏବଂ ସଠିକ ସମୟରେ ସହାୟତା ପ୍ରଦାନକୁ ନିଶ୍ଚିତ କରିଛି। ନିଷ୍କ୍ରିୟ ଏନପିସିଆଇ ଲିଙ୍କେଜ, ଇ-କେଓ୍ୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନ ଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି। ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଓ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି, ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ। ବ୍ୟବସ୍ଥିତ ଯାଞ୍ଚ ଓ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି। 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲଙ୍କ ସମେତ ସବୁ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ପଳାଶୁଣୀ ଛକରେ ପୁଣି ଗଡ଼ିଲା ମୁଣ୍ଡ

# ବୁଲେଟ୍‌କୁ ପିଟିଲା ଟ୍ରକ୍, ସ୍ୱାମୀ ଆଗରେ ଆଖିବୁଜିଲା ସ୍ତ୍ରୀ



ଭୁବନେଶ୍ୱର,୪।୫ (ସଂଚାର ବ୍ୟୁରୋ)ଃ ପଳାଶୁଣୀ ଛକରେ ପୁଣି ଗଡ଼ିଲା ମୁଣ୍ଡ। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆଖି ବୁଜିଲେ ମହିଳା। ସ୍ଥାନୀୟ ପଳାଶୁଣୀ ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଦୁର୍ଘଟଣା ଘଟିଛି। ବୁଲେଟ୍ ପଛରେ ଧକ୍କା ଦେଇଥିଲା ଟ୍ରକ୍। ଚକା ତଳେ ପଡ଼ି ମହିଳା ମୃତ୍ୟୁବରଣ କରିଛନ୍ତି। ବୁଲେଟ୍‌ରେ ସ୍ୱାମୀ-ସ୍ତ୍ରୀ ଯାଉଥିବା ସମୟରେ ଘଟିଛି ଏହି ଦୁର୍ଘଟଣା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଟ୍ରକ୍ ଓ ବୁଲେଟ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳେ ସ୍ୱାମୀ-ସ୍ତ୍ରୀ ବୁଲେଟ୍‌ରେ ଯାଉଥିବା ସମୟରେ ଅଚାନକ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସ୍ତ୍ରୀ ଜଣଙ୍କ ଟ୍ରକ୍ ଚକା ତଳେ ପଡ଼ିଯାଇଥିଲେ। ଟ୍ରକ୍ ଚଢ଼ିଯିବା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ମୃତକ ଜଣଙ୍କ ନମିତା ରାଉଳ। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ମଞ୍ଚେଶ୍ୱର ଥାନାଧିକାରୀ ପହଞ୍ଚିବା ଫଳରେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଟ୍ରାଫିକ ପୁଲିସ ଓ ଥାନାଧିକାରୀ ଟ୍ରାଫିକ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିଥିଲେ। ଟ୍ରକ୍ ଚାଳକଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

## ଯୁବକଙ୍କୁ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ ଘଟଣା

# ୪ ଗିରଫ, ପୁଲିସ୍ ଲୋଡ଼ିଲା ଜନସାଧାରଣଙ୍କ ସହଯୋଗ

ସତ୍ୟବାଦୀ,୪।୫(ସଂଚାର ବ୍ୟୁରୋ)ଃ ନିକଟରେ ପୁରୀ ଜିଲ୍ଲା କଣାସରେ ଜନଗହଳିପୂର୍ଣ୍ଣ ମାଛ ବଜାରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କୁ ଗାଡ଼ି ଚଢ଼ାଇ ଜୀବନରେ ମାରିଦେବା ସକାଶେ ହୋଇଥିବା ଉଦ୍ୟମ ମାମଲାରେ ଆଜି ସ୍ଥାନୀୟ ପୁଲିସ୍ ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଏହି ଘଟଣା ସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ୍ ପକ୍ଷରୁ ଚଢ଼ାଉ ମଧ୍ୟ ଜାରି ରହିଛି। ଉକ୍ତ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ଉକ୍ତ ଯୁବକଙ୍କୁ ପନିକିରେ ହାଣିବା ସହ ପରେ ତାଙ୍କ ଉପରେ ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। କଣାସ ଥାନା ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲଙ୍କୁ ଗତ ଶନିବାର ଗୋଲାବଜାର ମାଛ ମାର୍କେଟ ନିକଟରେ କେତେକ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ୩ରୁ ୬ ଜଣ ଦୁର୍ବୃତ୍ତ ଏକ ଧାରୁଆ ପନିକିରେ ମୃତ୍ୟୁଞ୍ଜୟଙ୍କୁ ନିର୍ମମ ଭାବେ ହାଣିବା ସହ ପରେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡ଼ି ରହିଥିବା ବେଳେ ଉକ୍ତ ଅଭିଯୁକ୍ତମାନେ ବଜାରରେ ଆତଙ୍କ ଖେଳାଇଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ମୃତ୍ୟୁଞ୍ଜୟଙ୍କ ବଡ଼ ଭାଇ ସୌମ୍ୟରଞ୍ଜନ ପୁଲିସ୍‌ରେ ମାମଲା ରୁଜୁ କରିଥିଲେ। ଏହାକୁ ଭିତ୍ତି କରି କଣାସ ପୁଲିସ ଓ ସ୍ପେଶାଲ ସ୍କ୍ୱାଡ଼ ତୁରନ୍ତ ତଦନ୍ତ ଆରମ୍ଭ କରି ଏହି ବର୍ବରୋଚିତ କାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଆଜି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧର୍ମରଞ୍ଜନ ବଡ଼ଜେନା (୨୧), ଚନ୍ଦ୍ରଶେଖର ଜେନା ଓରଫ୍ ବାପି (୩୯), ଚିନ୍ମୟ ଗଜେନ୍ଦ୍ର ଓରଫ୍ ପିଣ୍ଟୁ (୨୦) ଓ ଅଜୟ ବଳିୟାରସିଂହ। ଏମାନେ କଣାସ ଥାନାଞ୍ଚଳର ବାସିନ୍ଦା ହୋଇଥିବା ବେଳେ ପୁଲିସ୍ ଟିମ୍‌ର ନେତୃତ୍ୱ ସବ୍‌ଇନ୍ସପେକ୍ଟର ସୁଶୀଳ କୁଜୁର ନେଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ମୃତ୍ୟୁଞ୍ଜୟଙ୍କ ଚିକିତ୍ସା ଭୁବନେଶ୍ୱର ଏମ୍ସରେ ଚାଲିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଏପରି ଏକ ବର୍ବର କାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।



## ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ ଅଭିପ୍ସା

# 'ମଇଳା ଚାଦର'କୁ 'ଅନରେବଲ୍ ଜୁରି ମେନ୍ସନ୍' ସମ୍ମାନ



ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବି ପ୍ରଶଂସିତ

ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ)ଃ ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ ଅଭିପ୍ସା ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମଇଳା ଚାଦର' ୧୬ତମ ଦାଦାସାହେବ ଫାଲକେ ଚଳଚ୍ଚିତ୍ର ମହୋତ୍ସବ-୨୦୨୬ରେ 'ଅନରେବଲ୍ ଜୁରି ମେନ୍ସନ୍' ସମ୍ମାନ ପାଇଛି। ଓଡ଼ିଆ ସିନେମା ପାଇଁ ଏକ ନିରବ ବିଜୟର ମୁହୂର୍ତ୍ତରେ 'ମଇଳା ଚାଦର', ଗତ ୩୦ ଏପ୍ରିଲରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଦାଦାସାହେବ ଫାଲ୍କେ ଚଳଚ୍ଚିତ ମହୋତ୍ସବରେ ଏହି ପୁରସ୍କାର ପାଇଛି। ଏହି ସମ୍ମାନ ଚଳଚ୍ଚିତ୍ରଟିକୁ ଚଳିତ ବର୍ଷର ସବୁଠାରୁ ଚର୍ଚ୍ଚିତ ସ୍ୱାଧୀନ ନିର୍ମାଣ ମଧ୍ୟରେ ସ୍ଥାନିତ କରିବା ସହ ଜାତୀୟସ୍ତରରେ ଆଞ୍ଚଳିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ୧୯୮୦ ଦଶକର ଗ୍ରାମୀଣ ଓଡ଼ିଶା ପୃଷ୍ଠଭୂମିରେ ଆଧାରିତ ଏହି ଫିଲ୍ମଟି ଏକାଧିକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ସ୍ୱୀକୃତି ଲାଭ କରିଛି। ଅଭୀପ୍ସା ସାହୁଙ୍କୁ ସଂସ୍କାର ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୬ରେ 'ଶ୍ରେଷ୍ଠ ମହିଳା ନିର୍ଦ୍ଦେଶିକା' ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି କୋଡାଇକାନାଲ ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୫ରେ ଏହି ଚଳଚ୍ଚିତ୍ରଟି 'ଶ୍ରେଷ୍ଠ ପ୍ରଥମ ଫିଚର ଫିଲ୍ମ' ଓ 'ଶ୍ରେଷ୍ଠ ସିନେମାଟୋଗ୍ରାଫି' ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାର ଜିତିଥିଲା। ଅନ୍ତର୍ଜାତୀୟ ସ୍ତରରେ 'ମଇଳା ଚାଦର' କ୍ୟୋଟୋ ଇଣ୍ଡିପେଣ୍ଡେଣ୍ଟ ଫିଲ୍ମ ଫେଷ୍ଟିଭାଲ୍-୨୦୨୫ରେ 'ଶ୍ରେଷ୍ଠ ମହିଳା ଚଳଚ୍ଚିତ୍ର' ଜିତିଥିଲା ଓ ସ୍ୱେଡିଶ୍ ଅନ୍ତର୍ଜାତୀୟ ଚଳଚ୍ଚିତ ମହୋତ୍ସବ-୨୦୨୫ରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିଲା। ୧୯୮୦ ଦଶକର ଗ୍ରାମୀଣ ଓଡ଼ିଶାର ପୃଷ୍ଠଭୂମିରେ ଆଧାରିତ ଏହି ଚଳଚ୍ଚିତ୍ରଟି ଜଣେ ଯୁବ ସ୍କୁଲ ଶିକ୍ଷୟିତ୍ରୀ ଏବଂ ଜଣେ ବୃଦ୍ଧା (ସେବିକା)ଙ୍କ କାହାଣୀ। ଜୀବନର ଦୁଇଟି ଭିନ୍ନ ପର୍ଯ୍ୟାୟରେ ଥିବା ଏହି ଦୁଇ ମହିଳାଙ୍କ ପଥ ହଠାତ ଏକ ହୁଏ ଓ ସେମାନଙ୍କ ମଧ୍ୟରେ ଅପ୍ରତ୍ୟାଶିତ ବନ୍ଧୁତା ଗଢ଼ିଉଠେ। ଜଣେ ନିଜ ମୃତ ମା'ଙ୍କୁ ଚିଠି ଲେଖନ୍ତି, ଯାହା କେବେ ପଠାଯିବା ପାଇଁ ଉଦ୍ଦିଷ୍ଟ ନୁହେଁ। ଅନ୍ୟ ଜଣେ କାଗଜ ଖଣ୍ଡରେ କବିତା ଲେଖନ୍ତି ଓ ଏକ ପୁରୁଣା ଶାଲ ପିନ୍ଧନ୍ତି, ଯାହା ବର୍ଷ ବର୍ଷ ଧରି ସ୍ମୃତି ଓ ବ୍ୟବହାରରେ ସିଲେଇ ହୋଇ ରହିଛି। ସେମାନେ ପରସ୍ପର ମଧ୍ୟରେ ସେହି ସାହାରା ଖୋଜି ପାଆନ୍ତି ଯାହା ନିଃସଙ୍ଗତା ଦେଇପାରେନାହିଁ। ଚଳଚ୍ଚିତ୍ରଟି ନିର୍ଦ୍ଦେଶିକାଙ୍କ ନିଜ ମା' ସସ୍ମିତା ସାହୁଙ୍କ ଦ୍ୱାରା ପ୍ରାୟ ୨୦ ବର୍ଷ ବୟସରେ ଲେଖାଯାଇଥିବା ଏକ କ୍ଷୁଦ୍ର ଗଳ୍ପର ରୂପାନ୍ତର। ଚଳଚ୍ଚିତ୍ର ବିଷୟରେ ଅଭୀପ୍ସା କହିଛନ୍ତି ଯେ ଦୁଇ ପିଢ଼ିର ଏହି ସହଯୋଗ ହିଁ ସମଗ୍ର ପ୍ରକ୍ରିୟାର ହୃଦୟ ଥିଲା। ଦଶନ୍ଧି ପୂର୍ବରୁ ସେ କଳ୍ପନା କରିଥିବା କାହାଣୀ ନିଜ ସମୟଠାରୁ ବହୁତ ଆଗରେ ଥିଲା। ଅଭୀପ୍ସା ତାଙ୍କ ବୃତ୍ତିଗତ କାମ ସହ 'ମଇଳା ଚାଦର' ପ୍ରସ୍ତୁତ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar / ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash / ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ନୂଆ ସରକାରୀ ନିୟମର ପ୍ରଭାବ

# ୨୫,୦୦୦ କୋଟି କ୍ଷତି ସହିପାରେ ଅଟୋମୋବାଇଲ ଶିଳ୍ପ



ନୂଆଦିଲ୍ଲୀ, ୪।୫: ଭାରତର ଅଟୋମୋବାଇଲ ଶିଳ୍ପ ଏକ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି। ନୂଆ ପରିବେଶଗତ ନିୟମ କମ୍ପାନୀଗୁଡ଼ିକର ଲାଭକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ। ଆକଳନ କରାଯାଉଛି ଯେ ଅଟୋମୋବାଇଲ୍ ସେକ୍ଟର ୨୦୨୫-୨୬ ଆର୍ଥିକ ବର୍ଷରେ ୨୫,୦୦୦ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଜାନୁଆରୀ ୨୦୨୫ରେ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏଣ୍ଡ ଅଫ୍ ଲାଇଫ୍ ଭେଇକଲ (ଇଏଲଭି) ରୁଲ୍ସ, ୨୦୨୫ ଲାଗୁ କରିଥିଲା। ଏବେ, ଏହି ନିୟମଗୁଡ଼ିକ ଅଟୋମୋବାଇଲ ଶିଳ୍ପର ଲାଭ ଉପରେ ଏକ ବଡ଼ ପ୍ରଭାବ ପକାଇପାରେ। ଏହା କେମିତି ପଢ଼ନ୍ତୁ ପୂରା ରିପୋର୍ଟ।

ଏଣ୍ଡ ଅଫ୍ ଲାଇଫ୍ ଭେଇକଲସ ନିୟମ ପୁରୁଣା ଏବଂ ଖରାପ ଯାନଗୁଡ଼ିକର ଠିକଣା ଲଗାଇବାକୁ ଅଣାଯାଇଛି। କିନ୍ତୁ ଏହି ନିୟମର ଏକ ନିର୍ଦ୍ଦିଷ୍ଟ ପ୍ରାବଧାନ ନିୟମ ୪(୬) ପାଇଁ ଅଟୋ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ି ଯାଇଛି। ଏହି ନିୟମ ଅନୁଯାୟୀ, ଯଦିଓ କୌଣସି ଯାନ ନିର୍ମାତା ପ୍ରଡକ୍ସନ ବନ୍ଦ କରନ୍ତି, ତଥାପି ତାକୁ ପୂର୍ବରୁ ବିକ୍ରି ହୋଇସାରିଥିବା କମ୍ପାନୀ ଯାନ ପାଇଁ ଏକ୍ସଟେଣ୍ଡେଡ ପ୍ରଡ୍ୟୁସର ରେସ୍‌ପନ୍ସିବିଲିଟି (ଇପିଆର୍) ଆବଶ୍ୟକତା ପୂରଣ କରିବାକୁ ପଡିବ। ଏହାର ଅର୍ଥ ହେଉଛି କମ୍ପାନୀଗୁଡ଼ିକୁ ପୁରୁଣା ଯାନଗୁଡ଼ିକର ନିଷ୍କାସନ ଏବଂ ସମ୍ବନ୍ଧିତ ଖର୍ଚ୍ଚର ଦାୟିତ୍ୱକୁ ପ୍ରାଥମିକତା ଦେବାକୁ ପଡିବ। ଏହି ନିୟମ କାରଣରୁ କମ୍ପାନୀଗୁଡ଼ିକ ଉପରେ ଆଇଏନଡି ଏଏସ ୩୭ ଲାଗୁ ହୋଇଯିବ। ଏହି ନିୟମ ଅନୁଯାୟୀ, କମ୍ପାନୀଗୁଡ଼ିକୁ ଗତ କିଛି ବର୍ଷ ମଧ୍ୟରେ ବିକ୍ରି ହୋଇଥିବା ଯାନବାହନ ପାଇଁ ସମ୍ଭାବ୍ୟ ଖର୍ଚ୍ଚ ହିସାବ କରି ଏବେ ପାଣ୍ଠି ସଂରକ୍ଷଣ କରିବାକୁ ପଡିବ। ଏହା ଘରୋଇ ଯାନବାହନ ପାଇଁ ୨୦ ବର୍ଷ ଏବଂ ବାଣିଜ୍ୟିକ ଯାନବାହନ ପାଇଁ ୧୫ ବର୍ଷ ପର୍ଯ୍ୟନ୍ତ ରହିବ। ଏଥିପାଇଁ କମ୍ପାନୀଗୁଡ଼ିକୁ ଏକ ବଡ଼ ପରିମାଣର ପାଣ୍ଠି ବ୍ଲକ୍ କରି ରଖିବାକୁ ପଡିବ, ତେଣୁ କମ୍ପାନୀମାନଙ୍କର ବର୍ତ୍ତମାନର ଲାଭକୁ ହ୍ରାସ କରିବ।

ଅଟୋମୋବାଇଲ ଶିଳ୍ପର ଆକଳନ ଅନୁଯାୟୀ, ମୋଟ ସମ୍ଭାବ୍ୟ ପ୍ରଭାବ ପ୍ରାୟ ୨୫,୦୦୦ କୋଟି ହୋଇପାରେ, ଯେଉଁଥିରେ ଚାରି ଚକିଆ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୧୪,୬୨୩ କୋଟି ଏବଂ ଦୁଇ ଏବଂ ତିନି ଚକିଆ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୯,୬୫୦ କୋଟି ପ୍ରଭାବ ପଡ଼ିପାରେ। ଅଟୋ ଶିଳ୍ପ ସଂଗଠନ ଏସଆଇଏମଏମ ସରକାରଙ୍କୁ ଏହି ନିୟମ ସଂଶୋଧନ କରିବାକୁ ଅନୁରୋଧ କରିଥିଲା। ସେମାନେ ପରାମର୍ଶ ଦେଇଥିଲେ ଯେ ନିୟମ ୪(୬) ସ୍ପଷ୍ଟ କରାଯିବା ଉଚିତ ଯାହା ଦ୍ୱାରା କମ୍ପାନୀଗୁଡ଼ିକୁ ଏକାଥରେ ଏତେ ବଡ଼ ବ୍ୟବସ୍ଥା କରିବାକୁ ପଡ଼ିବ ନାହିଁ। ତଥାପି ମାର୍ଚ୍ଚ ୨୦୨୬ରେ ଜାରି ହୋଇଥିବା ସଂଶୋଧନରେ ଏହି ନିୟମକୁ ପରିବର୍ତ୍ତନ କରାଯାଇ ନାହିଁ।

# ମେ' ୭ରେ ଏୟାର ଇଣ୍ଡିଆର ବୋର୍ଡ ବୈଠକ

ନୂଆଦିଲ୍ଲୀ, ୪।୫: କ୍ଷତିରେ ଚାଲିଥିବା ଏୟାର ଇଣ୍ଡିଆର ଅସୁବିଧା ବଢ଼ି ଚାଲିଛି। ବିମାନ ଇନ୍ଧନ ଦରବୃଦ୍ଧି କମ୍ପାନିକୁ ଅଧିକ ଅଡୁଆରେ ପକାଇଛି। ଆସନ୍ତା ୭ ତାରିଖରେ ମୁମ୍ବାଇରେ ହେବାକୁ ଥିବା ବୋର୍ଡ ବୈଠକରେ ଖର୍ଚ୍ଚକାଟ ସମେତ ନୂଆ ସିଇଓ ଚୟନ ଆଦି ସଂପର୍କରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି ବୋଲି ଏକ ସୂତ୍ରରୁ ଜଣାଯାଇଛି।

ପ୍ରତିକୂଳ ପରିସ୍ଥିତି ପାଇଁ ୨୦୨୫-୨୬ରେ ଏୟାର ଇଣ୍ଡିଆର କ୍ଷତି ୨୨ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ବିମାନ ଇନ୍ଧନ ଦରବୃଦ୍ଧି ଆଗାମୀ ଦିନରେ କ୍ଷତି ପରିମାଣ ଆହୁରି ବଢ଼ାଇବ। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନ ଇସ୍ତଫା ଘୋଷଣା କରି ସାରିଛନ୍ତି। ନୂଆ ସିଇଓ ଚୟନ ପାଇଁ କମ୍ପାନି ଏକ କମିଟି ପୂର୍ବରୁ ଗଠନ କରିଛି। ତେଣୁ କମ୍ପାନିର ବୋର୍ଡ ବୈଠକରେ ନୂଆ ସିଇଓ ଚୟନ ନେଇ ମଧ୍ୟ ଆଲୋଚନା ହେବ। ସିଇଓ କ୍ୟାମ୍ପବେଲ ଯଦିଓ ଇସ୍ତଫା ଦେଇଛନ୍ତି ତଥାପି ନୂଆ ସିଇଓ ନିଯୁକ୍ତ ହେବା ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ। ଖର୍ଚ୍ଚ କାଟ ଯୋଜନା ମଧ୍ୟରେ ବିଜନେସ ଶ୍ରେଣୀର ଯାତ୍ରୀଙ୍କ ଟିକଟରୁ ମିଲ୍ ଏବଂ ଲାଉଞ୍ଜ ସୁବିଧାକୁ ଅଲଗା କରାଯାଇ ପାରେ। ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ବୋର୍ଡ ବୈଠକରେ ନିଆଯିବ ବୋଲି କୁହାଯାଉଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏୟାର ଇଣ୍ଡିଆକୁ ଅନେକ ଅନ୍ତର୍ଜାତୀୟ ଉଡ଼ାଣ ବିକଳ୍ପ ଆକାଶ ମାର୍ଗ ଦେଇ କରିବାକୁ ପଡୁଛି। ଏଥିପାଇଁ ଯାତ୍ରା ସମୟ ଅଧିକ ରହିବା ସହିତ ବିମାନ ଇନ୍ଧନ ଖର୍ଚ୍ଚ ମଧ୍ୟ ଅଧିକ ରହୁଛି। ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ, ଏୟାର ଇଣ୍ଡିଆର ସିଇଓ ୱିଲସନ, ସିଙ୍ଗାପୁର ଏୟାରଲାଇନ୍ସର ସିଇଓ ଜି ଚୁନ୍ ଫଙ୍ଗ୍‌ଙ୍କ ସମେତ ବୋର୍ଡର ଅନ୍ୟ ୪ ସଦସ୍ୟ ଯଥା ସଞ୍ଜୀବ ମେହେଟା, ଏ ବୈଦ୍ୟନ, ପିଆର୍ ରମେଶ ଏବଂ ବିପି ବାଲାଜୀ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।




### ଓପେକ୍ ପ୍ଲସର ସଦସ୍ୟ କରିବେ ବୈଠକ

# ତେଲ ଉତ୍ପାଦନ ନେଇ ହେବ ଆଲୋଚନା

ଲଣ୍ଡନ, ୪।୫: ଓପେକ୍ ପ୍ଲସର ସଦସ୍ୟ ରାଷ୍ଟ୍ରଗୁଡ଼ିକର ଆସନ୍ତାକାଲି ବୈଠକ ହେବ। ଏହି ବୈଠକରେ ଉତ୍ପାଦନ ବଢ଼ାଇବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଏକ ସୂତ୍ରରୁ ଜଣାଯାଇଛି। ତେବେ ଆମେରିକା ଓ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିଥିବା ପର୍ଯ୍ୟନ୍ତ ଏହି ଉତ୍ପାଦନ ବୃଦ୍ଧି କେବଳ ମଞ୍ଜୁରିରେ ସୀମିତ ରହିବ।ସୂଚନା ଅନୁଯାୟୀ ଓପେକ୍ ପ୍ଲସର ୭ଟି ଦେଶ ବସ୍ତୁତଃ ଜୁନ ମାସରେ ଦୈନିକ ତୈଳ ଉତ୍ପାଦନ ଲକ୍ଷ୍ୟରେ ୧,୮୮,୦୦୦ ବ୍ୟାରେଲ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି।

କ୍ରମାଗତ ଭାବେ ତୃତୀୟ ମାସ ପାଇଁ ଓପେକ୍ ପ୍ଲସ ଦେଶଗୁଡ଼ିକ ଉତ୍ପାଦନ ବଢ଼ାଇବା ନିଷ୍ପତ୍ତି ନେଇଛନ୍ତି। ଯୁଦ୍ଧ ଶେଷ ହେଲେ ଓପେକ୍ ପ୍ଲସ ଦେଶଗୁଡ଼ିକ ତେଲ ଉତ୍ପାଦନ ପାଇଁ ପ୍ରସ୍ତୁତ ଥିବାର ବାର୍ତ୍ତା ଏହାଦ୍ୱାରା ଦିଆଯାଇଛି। ନିକଟରେ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ) ଏହି ଗୋଷ୍ଠୀରୁ ଓହରି ଯାଇଥିଲେ ମଧ୍ୟ ଆଜିର ବୈଠକରେ ସେହି ଦେଶ ସାମିଲ ହେବ। ବୈଠକରେ ଯୋଗ ଦେବାକୁ ଥିବା ଅନ୍ୟ ଦେଶଗୁଡ଼ିକ ହେଲେ ସାଉଦି ଆରବ, ଇରାକ, କୁଏତ, ଆଲଜେରିଆ, କାଜାଖସ୍ତାନ, ରୁଷ୍ ଓ ଓମାନ।

ୟୁଏଇ ଛାଡ଼ିବା ପରେ ଓପେକ୍ ପ୍ଲସରେ ଏବେ ୨୧ଟି ଦେଶ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଇରାନ ବି ରହିଛି। କିନ୍ତୁ ଗତ କିଛିବର୍ଷ



ହେଲା ୟୁଏଇ ସମେତ ଉପରୋକ୍ତ ଅନ୍ୟ ୭ଟି ଦେଶ ତୈଳ ଉତ୍ପାଦନ ପରିବର୍ତ୍ତନ ସଂକ୍ରାନ୍ତ ବୈଠକରେ ଯୋଗ ଦେଉଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ହର୍ମୁଜ ପ୍ରଣାଳୀ ବନ୍ଦ କାରଣରୁ ଓପେକ ପ୍ଲସର ସଦସ୍ୟ ଦେଶ ଯଥା ସାଉଦି ଆରବ, ଇରାକ ଓ କୁଏତର ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏପରିକି ୟୁଏଇର ମଧ୍ୟ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ବନ୍ଦ ପରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୨୫ ଡଲାର ଅତିକ୍ରମ କରିଛି। ସୂଚନା ଅନୁଯାୟୀ, ଓପେକ ପ୍ଲସ ସଦସ୍ୟ ଦେଶଗୁଡ଼ିକର ମୋଟ ହାରାହାରି ତୈଳ ଉତ୍ପାଦନ ମାର୍ଚ୍ଚରେ ୩୫.୦୬ ନିୟୁତ ବ୍ୟାରେଲ ରହିଥିଲା, ଯାହାକି ଫେବୃଆରି ତୁଳନାରେ ଦୈନିକ ୭.୭୦ ନିୟୁତ ବ୍ୟାରେଲ କମ୍। ରପ୍ତାନି ହୋଇ ନପାରିବା କାରଣରୁ ଇରାକ ଓ ସାଉଦି ଆରବ ସେମାନଙ୍କ ଉତ୍ପାଦନରେ ବଡ଼ଧରଣର ଉତ୍ପାଦନ ହ୍ରାସ କରିଛନ୍ତି।

## ଯୁଦ୍ଧ ପାଇଁ ବିଶ୍ୱ ତୈଳ ଯୋଗାଣ ପ୍ରଭାବିତ

# ବଢ଼ିବ ପେଟ୍ରୋଲ, ଡିଜେଲ ଦର

ନୂଆଦିଲ୍ଲୀ,୪।୫: ମଧ୍ୟପ୍ରାଚ୍ୟରେ ଅଶାନ୍ତି ଥମିବାର ନାଁ ଧରୁନାହିଁ। ହୋର୍ମୁଜ ଜଳମାର୍ଗରେ ଜାହାଜ ଚଳାଚଳ ଠପ୍। ଏଭଳି ସ୍ଥିତିରେ ବିଶ୍ୱ ତୈଳ ଯୋଗାଣ ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ପରିଣାମସ୍ୱରୂପ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୧୦ ଡଲାର ଉପରେ ରହିଛି। ଗୁରୁବାର ଏହା ୧୨୬ ଡଲାର ପର୍ଯ୍ୟନ୍ତ ପହଞ୍ଚିଯାଇଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧିକୁ ଏଡ଼ାଯାଇପାରିବ ନାହିଁ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ରେକର୍ଡ ଉଚ୍ଚ ସ୍ତରରେ ଥିବା ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ଗତ ୪ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ତେଣୁ ତୈଳ କମ୍ପାନିଗୁଡ଼ିକ ପ୍ରଚୁର କ୍ଷତି ସହୁଛନ୍ତି। ଏଭଳି ସ୍ଥିତିରେ ଆଗକୁ ଇନ୍ଧନ ଦରରେ ଏକ ବୃଦ୍ଧି ସମ୍ଭାବନା ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୪ରୁ୫ ଟଙ୍କା ବଢ଼ିପାରେ। ଅନ୍ୟପକ୍ଷରେ, ଘରୋଇ ଏଲ୍ପିଜି ସିଲିଣ୍ଡର ୪୦ରୁ୫୦ ଟଙ୍କା ମହଙ୍ଗା ହୋଇପାରେ। ଯଦି ଏହା ହୁଏ ତେବେ ୪ ବର୍ଷ ମଧ୍ୟରେ ଏହା ପେଟ୍ରୋଲ ଏବଂ ଡିଜେଲ ଦରରେ ହେବ ପ୍ରଥମ ବୃଦ୍ଧି। ୨୦୨୨ରୁ ଉଭୟ ଇନ୍ଧନ ଦର ସ୍ଥିର ରହିଛି।

ସୂଚନାଯୋଗ୍ୟ, ନିକଟରେ ୫ଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ଇନ୍ଧନ ଦର ବଢ଼ିବ ବୋଲି ଏକ ରିପୋର୍ଟକୁ କେନ୍ଦ୍ର ସରକାର ଖଣ୍ଡନ କରିଥିଲେ। କିନ୍ତୁ ବର୍ତ୍ତମାନ ଭିନ୍ନ ରିପୋର୍ଟରେ ଦରବୃଦ୍ଧି ସମ୍ଭାବନା ରହିଥିବା ଉଲ୍ଲେଖ କରାଯାଇଛି। ମଧ୍ୟପ୍ରାଚ୍ୟରେ ଅଶାନ୍ତି ଜାରି ରହିଥିବାବେଳେ ଯୋଗାଣ ସ୍ଥିତି ଆହୁରି ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପରିବହନଜନିତ ସମସ୍ୟା ଏବଂ ଲମ୍ବା ସମୟ ଧରି ଲାଗି ରହିଥିବା ଅସ୍ଥିରତା ଯୋଗୁ ଅଶୋଧିତ ତୈଳ ଦର ଗତ କିଛି ସପ୍ତାହ ହେବ ବଢ଼ିଚାଲିଛି। ଫଳରେ ତୈଳ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ଘରୋଇ ବଜାରରେ ଦର ସ୍ଥିର ରହିଥିବାବେଳେ ଇନ୍ଧନ ବିକ୍ରିରେ ପ୍ରଚୁର କ୍ଷତି ସହୁଛନ୍ତି ତୈଳ କମ୍ପାନି। ବର୍ଦ୍ଧିତ ଅଶୋଧିତ ତୈଳ ଦର ସରକାରଙ୍କ ଆର୍ଥିକ ଚାପ ବଢ଼ାଇଛି। ତେଣୁ ସରକାର ସବ୍ସିଡି କିମ୍ବା ଟିକସ ହ୍ରାସ କରି ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ ମଧ୍ୟ ଅସମର୍ଥ ହେଉଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ମଧ୍ୟପ୍ରାଚ୍ୟ ଅସ୍ଥିରତା ଏବଂ ବିଶ୍ୱ ଶକ୍ତି ବଜାର ଉପରେ ଏହାର ପ୍ରଭାବ ଉପରେ କେନ୍ଦ୍ର ସରକାର ନଜର ରଖିଛନ୍ତି। ଯଦିଓ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ କିନ୍ତୁ ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧି ସମ୍ଭାବନା ରହିଥିବା ଜଣାପଡ଼ିଛି। ଇନ୍ଧନ ଏବଂ ଏଲ୍ପିଜି ଦରରେ କୌଣସି ପ୍ରକାର ବୃଦ୍ଧି ପାରିବାରିକ ବଜେଟ୍‌କୁ ବିଗାଡ଼ିବ ଏବଂ ପରିବହନ ଖର୍ଚ୍ଚ ବଢ଼ାଇବ।




**ସପ୍ତାହେ ମଧ୍ୟରେ ବଡ ନିଷ୍ପତ୍ତି ନେବେ ସରକାର**

## ଇଣ୍ଡିଗୋରୁ ଚାକିରି ଛାଡିଲେ ଗ୍ଲୋବାଲ ସେଲସ୍ ହେଡ ବିନୟ ମଲହୋତ୍ରା

ମୁମ୍ବାଇ, ୪।୫:ଘରୋଇ ବିମାନ ସେବା କମ୍ପାନୀ ଇଣ୍ଡିଗୋର ଗ୍ଲୋବାଲ ସେଲସ୍ ହେଡ୍ ବିନୟ ମଲହୋତ୍ରା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଏୟାରଲାଇନ୍ସ ସୋମବାର ସେୟାର ବଜାର ଫାଇଲିଂରେ ଜଣାଇଛନ୍ତି। ଏଥିରେ ମଲହୋତ୍ରା ୩ ଜୁଲାଇ ଅପରାହ୍ନରେ ତାଙ୍କ ଦାୟିତ୍ୱରୁ ମୁକ୍ତ ହୋଇଯିବେ ବୋଲି କୁହାଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆଙ୍କୁ ଲେଖିଥିବା ଇସ୍ତଫା ପତ୍ରରେ ମଲହୋତ୍ରା ଏଭିଏସନ ଇଣ୍ଡଷ୍ଟ୍ରି ବାହାରେ ପରାମର୍ଶଦାତା ଭୂମିକାର ସନ୍ଧାନରେ ଥିବା ଉଲ୍ଲେଖ କରିଛନ୍ତି। ମଲହୋତ୍ରା ଗତ ୪ ବର୍ଷ ହେଲା ଇଣ୍ଡିଗୋରେ କ୍ୟାରିୟର କରୁଥିବା ବେଳେ ଇଣ୍ଡିଗୋ ପରିବାରରେ କାମ କରିବାକୁ ସୁଯୋଗ ମିଳିଥିବାରୁ ଇସ୍ତଫା ପତ୍ରରେ ଭାଟିଆଙ୍କୁ କୃତଜ୍ଞତା ଜଣାଇଛନ୍ତି ଓ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ନୋଟିସ୍ ପିରିୟଡରେ କାମ କରିବେ ବୋଲି ଉଲ୍ଲେଖ କରିଛନ୍ତି। ଗତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଇଣ୍ଡିଗୋ ପରିଚାଳନାରେ ବଡ଼ଧରଣର ବ୍ୟବଧାନ ପରେ କମ୍ପାନୀର ଶୀର୍ଷ ପରିଚାଳନାରେ ଏହା ଦ୍ୱିତୀୟ ବଡ଼ ଇସ୍ତଫା। ଏହା ପୂର୍ବରୁ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ପିଟର ଏଲବର୍ସ ଗତ ମାର୍ଚ୍ଚ ମାସରେ ବ୍ୟକ୍ତିଗତ କାରଣରୁ ତାଙ୍କ ପଦବୀରୁ ତତ୍କାଳ ପ୍ରଭାବ ଇସ୍ତଫା ଦେଇଥିଲେ। ଏଲବର୍ସ ସେପ୍ଟେମ୍ବର ୨୦୨୨ରୁ କମ୍ପାନୀରେ ସିଇଓ ଥିଲେ। ୨୦୨୫ ଡିସେମ୍ବର ପ୍ରଥମ ସପ୍ତାହରେ ହଜାର ହଜାର ସଂଖ୍ୟାରେ କମ୍ପାନୀର ଉଡାଣ ରଦ୍ଦ ହୋଇଥିଲା। ଏଣୁ ସାରା ଦେଶରେ ଲକ୍ଷଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିଲେ। ଦେଶର ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଚେକ୍-ଇନ କରିବା ପରେ ଯାତ୍ରା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। ଘରୋଇ ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଇଣ୍ଡିଗୋର ବଜାର ଅଂଶିଦାରୀ ୬୦%ରୁ ଅଧିକ ଓ ବର୍ତ୍ତମାନ ସମୟରେ ଦେଶର ସର୍ବ ବୃହତ୍ତ ବିମାନ ସେବା କମ୍ପାନୀରେ ପରିଣତ ହୋଇଛି।



## ଆଜିର ସୁନା ଦର



ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ପ୍ରାଥମିକ ଚିକିତ୍ସା ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୪।୫ (ସଂଚାର ବ୍ୟୁରୋ)ଃ ପ୍ରାଥମିକ ଚିକିତ୍ସା ଏବଂ ସଡକ ସୁରକ୍ଷାକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ଓ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଏକ ୩-ଦିନିଆ ସଚେତନତା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ପ୍ରାଥମିକ ଚିକିତ୍ସା ଜ୍ଞାନକୁ ଜୀବନର ଏକ ଅତ୍ୟାବଶ୍ୟକ କୌଶଳ ଭାବେ ବର୍ଣ୍ଣନା କରି ଛାତ୍ରଛାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଦାୟିତ୍ୱବାନ ନାଗରିକ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏନଏସଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ଶ୍ରୀମତୀ ସରିତା ପଟେଲ ଯୋଗ ଦେଇ ଏନଏସଏସ ସ୍ୱେଚ୍ଛାସେବୀ ମାନଙ୍କର ସମାଜସେବା ଓ ଦୁର୍ଘଟଣା ପରିଚାଳନାରେ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଥମିକ ଚିକିତ୍ସା ଓ ସଡକ ସୁରକ୍ଷା ସମ୍ବନ୍ଧୀୟ ପ୍ରଶାସନିକ ଓ ଚିକିତ୍ସା ଦୃଷ୍ଟିକୋଣକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଛାତ୍ରମାନଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ନିଜ ମତାମତ ପ୍ରକାଶ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର ଏନଏସଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାଥମିକ ଚିକିତ୍ସା ସଚେତନତାର ଆବଶ୍ୟକତାକୁ ଉଲ୍ଲେଖ କରି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ସକ୍ରିୟ ଭାଗ ନେବାକୁ ପ୍ରେରିତ କରିଥିଲେ। ଚାରିଜଣ ଜାତୀୟ ସ୍ତରର ପ୍ରଶିକ୍ଷକ - ଡାକ୍ତର ଲୋକନାଥ ସାହୁ, ଶ୍ରୀ ଗଣେଶ ସ୍ୱାଇଁ, ଶ୍ରୀ ଗୁଲଶନ କୁମାର ଦାସ ଏବଂ ଶ୍ରୀ କୁବେର ଚନ୍ଦ୍ର ପାତ୍ର ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଚିକିତ୍ସା ବିଶେଷଜ୍ଞମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ଶେଷରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଓ ସଡକ ସୁରକ୍ଷା ବିଷୟରେ ସଚେତନତା ପ୍ରସାର କରିବାକୁ ଏବଂ ଜରୁରୀକାଳୀନ ସମୟରେ ସକ୍ରିୟ ସହଯୋଗ ପ୍ରଦାନ କରିବାକୁ ଆହ୍ୱାନ କରାଯାଇଥିଲା।

## ହେମଗିର କ୍ରିକେଟ୍ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ବିଧାୟିକା ବର୍ଷା ସିଂ ବରିହା



ସୁନ୍ଦରଗଡ଼,୪।୫ (ସଂଚାର ବ୍ୟୁରୋ)ଃ ହେମଗିର ମିନି ଷ୍ଟାଡିୟମ ଠାରେ ମେ ୪ ତାରିଖ ସ୍ପୋର୍ଟିଙ୍ଗ କ୍ଲବ ଦ୍ୱାରା ଆୟୋଜିତ ହେମଗିର ପ୍ରିମିୟର୍ ଲିଗ୍ ସିଜନ୍ ଥ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ କାଶୀନାଥ ରାଉତ ମଞ୍ଚାସୀନ ଥିଲେ। ଏପ୍ରିଲ ୨୭ ତାରିଖରୁ ଆରମ୍ଭ ହୋଇ ମେ ୧ ତାରିଖ ପର୍ଯ୍ୟନ୍ତ ଲିଗ୍ ମ୍ୟାଚ ଓ ମେ ୨ ତାରିଖରେ ସେମି ଫାଇନାଲ ଏବଂ ମେ ୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଯୋଗଦାନ କରିଥିବା ୬ ଟି ଦଳ ହେଲେ ହୋଣ୍ଡା ଏକ୍ସଆଇ, ସି ଏଚ ସି ଇଲେଭେନ୍, ଦି ବୁଲ୍, ପସ୍ମୁ ଇଲେଭେନ , ଜୟ ବଜରଙ୍ଗବଳି ଓ କନିକା ଷ୍ଟାର ଷ୍ଟ୍ରାଇକର୍ । ସେମାନଙ୍କ ମଧ୍ୟରେ ପ୍ରତି ଦିନ ଦଶ ଓଭରର ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚରେ ଦି ବୁଲ୍ ଟିମ୍ ବିଜୟ ହୋଇ ଏକଲକ୍ଷ ନଗଦ ସହ ଟ୍ରଫି ଗ୍ରହଣ କରିଥିବା ବେଳେ ହୋଣ୍ଡା ଏକ୍ସଆଇ ଦଳ ରନର୍ସ ଅପ୍ ହୋଇ ୬୦ ହଜାର ଟଙ୍କା ସହ ଟ୍ରଫି ଗ୍ରହଣ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ସୁକାନ୍ତ ପତି, ଜିଲ୍ଲା ପରିଷଦ ସଦସ୍ୟା ମହିମା ସେଠ, ସରପଞ୍ଚ ଗୀତା କୁଅଁର, ସମିତି ସଭ୍ୟା ମାନସୀ ଦର୍ଜୀ , ଆହ୍ୱାନ ସଙ୍ଗଠନ ସଭାପତି ସୁମିତା ପଟେଲ୍ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

## ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ଭିତ୍ତିପ୍ରସ୍ତର ଓ ନୂତନ ଦାରୁ ବିଗ୍ରହ ନିର୍ମାଣ



ଯାଜପୁର,୪।୫ (ସଂଚାର ବ୍ୟୁରୋ)ଃ ଆଜି ସୁକିନ୍ଦାର ସଂରାସ ମୌଜା ସ୍ଥିତ ପୁରାତନ ଶୈବ ପୀଠ ଶ୍ରୀଶ୍ରୀ କପିଳେଶ୍ୱର ମନ୍ଦିର ବେଢା ମଧ୍ୟରେ ପୂର୍ବ ନିର୍ଦ୍ଧାରୀତ ବିଧି ବ୍ୟବସ୍ଥା ଅନୁସାରେ ଜଗତର ନାଥ ଜଗନ୍ନାଥଙ୍କର ନୂତନ ଭବ୍ୟ ମନ୍ଦିରର ଶୁଭ ଭିତ୍ତି ପ୍ରସ୍ତର ଓ ନୂତନ ଦାରୁ ବିଗ୍ରହ ନିର୍ମାଣ ନିମନ୍ତେ ଦାରୁ ଛେଦନ ପର୍ବକୁ ଡୁବୁରି, ବାରଗାଡିଆ, ନଡିଆଭଙ୍ଗା, ରଙ୍ଗାହୁଡି, ମଣ୍ଡପଡା, ଗୋବରଘାଟୀ, ଝୁମ୍ପାଣ, ସଂସାଇଲୋ ଓ ଆଖପାଖ ଅନେକ ଗ୍ରାମର ଶହଶହ ଆବାଳ ବୃଦ୍ଧ ବନିତା ଓ ବଧୂମାନେ ମହାଆନନ୍ଦର ସହିତ ସମାପନ କରିଛନ୍ତି । ପୁରୀ ଶ୍ରୀମନ୍ଦିରର ଛତିଶା ନିଯୋଗ ମୁକ୍ତି ମଣ୍ଡପର ବିଧାନ କମିଟି ସଭାପତି ବିଚିତ୍ରାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ପୁରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଆଜି ନିଜେ ସକାଳର ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି, ଭିତ୍ତିପ୍ରସ୍ତର ସ୍ଥାପନ, ଦାରୁ ପୂଜନ ଓ ଛେଦନ ପ୍ରକ୍ରୀୟାର ସଂଚାଳନ କରିଥିଲେ । ଯାଜପୁରର ଅଧୀଷ୍ଠାତ୍ରୀଦେବୀ ମା' ବିରଜାଙ୍କ ନିକଟରୁ ଆଜ୍ଞାମାଳ ଘେନି ଆସିଥିବା ବିରଜା ମଣ୍ଡଳୀର ସୁବାଷ ଚନ୍ଦ୍ର ପାଣି ଓ ଜଗବନ୍ଧୁ ପଣ୍ଡା ମଧ୍ୟ ପୀଠ ନିକଟରେ ଉପସ୍ଥିତ ରହିଥିଲେ । ପୂଜକ ରଘୁନାଥ ପଣ୍ଡା . ଓ ସାଧୁ ମାନେ ସମସ୍ତ ପୂଜା ଓ ଯଜ୍ଞର ର କାର୍ଯ୍ୟ କରିଥିଲେ । ପୀଠାଧୀଶ୍ୱର କପିଳେଶ୍ୱରଙ୍କ ପାଖରେ କମିଟି ତରଫରୁ ରୁଦ୍ରାଭିଷେକ କରାଯାଇଥିଲା।

## ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି ଓ ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପିତ



ଯାଜପୁର ରୋଡ଼,୪।୫ (ସଂଚାର ବ୍ୟୁରୋ)ଃ କୋରେଇ ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀନଗର ପଂଚାୟତର ଭିକିପୁର ଗ୍ରାମରେ ହରିଗୋସେଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୬ଦିନ ଧରି ମା'ମଙ୍ଗଳାଙ୍କ ୧୪ତମ ବାର୍ଷିକ ଯଜ୍ଞଉତ୍ସବର ପୂର୍ଣ୍ଣାହୁତି ଦିବସ ଓ ମା' ଭୈରବୀ ଦେବିଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇ ସମାପନ ହୋଇଯାଇଅଛି। ଜ୍ଞାନିପଣ୍ଡିତ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ଦେବାଦେବୀଙ୍କର ପୂଜାର୍ଚ୍ଚନା ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୋରେଇର ଲୋକପ୍ରିୟ ବିଧାୟକ ଆକାଶ ଦାସନାୟକ ଓ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଲକ୍ଷ୍ମୀନଗର ସରପଂଚ ଇଂ ସର୍ବେଶ୍ୱର ସାହୁ ପ୍ରମୁଖ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କ ସମେତ ଦଧୀବାବନ ଜୀଉ ଭଜନ ସନ୍ଧ୍ୟା ଗ୍ରୁପ, ନୈବେଦ୍ୟ ଡ୍ୟାନ୍ସ ଏକାଡେମୀ, ମା'ମଙ୍ଗଳା ଡ୍ୟାନ୍ସ ଗ୍ରୁପ ତରଫରୁ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ଅତିଥି ମାନଙ୍କ ଠାରୁ ଆରମ୍ଭ କରି ଅଂଚଳର ଜନସାଧାରଣମାନେ ସାମିଲ ହୋଇ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ସରସ୍ୱତୀ ନୃତ୍ୟ ସଙ୍ଗୀତ ବିଦ୍ୟାଳୟରେ ୨ୟ ବାର୍ଷିକ ପରୀକ୍ଷା ଅନୁଷ୍ଠିତ



ବାଲିଆପାଳ,୪।୫ (ସଂଚାର ବ୍ୟୁରୋ)ଃ ବାଲିଆପାଳ ସ୍ଥାନୀୟ ହନୁମାନ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର, ବାଲିଆପାଳରେ ଗ୍ରାମାଂଚଳର ମେଧାବୀ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହୀତ ଗୁଣର ବିକାଶ ନିମନ୍ତେ ଚଣ୍ଡୀଗଡ ବିଶ୍ୱବିଦ୍ୟାଳୟର ଅଧିନରେ ନୃତ୍ୟ ସଙ୍ଗୀତ ଏବଂ ତବଲାବିଷୟରେ ୨ୟଥର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ପରୀକ୍ଷାକୁ ନିରୀକ୍ଷକ ଭାବେସୁବୋଧ କୃଷ୍ଣ କଳାବିକାଶ କେନ୍ଦ୍ରର ଅଧ୍ୟାପକ ଶ୍ରୀଯୁକ୍ତଗଣେଶ ଚନ୍ଦ୍ର ଦାସ (ସଙ୍ଗୀତ ଭାସ୍କର ସଙ୍ଗୀତ ବିଶାରଦ) ସରତିହା ଜଳେଶ୍ୱର ବାଲେଶ୍ୱର ଏବଂ ଅଜିତାନନ୍ଦ ଦେବ ଗୋସ୍ୱାମୀ ସଙ୍ଗୀତ ଭାସ୍କରତାଲ ଦରବାର ଅଧ୍ୟାପକ ବାଲେଶ୍ୱର, ଗୁରୁ ସଦାନନ୍ଦ ଦାସ ଗୁରୁ ସରୋଜ କୁମାର ଦାସ , ଗୁରୁ ପ୍ରଫୁଲ୍ଲ କୁମାର ବାରିକଏବଂ ଗୁରୁମା ଅର୍ଚ୍ଚନା ଉପାଧ୍ୟାୟ ଉକ୍ତ ପରୀକ୍ଷାରେ ନିରୀକ୍ଷକ ଭାବେ ଥିଲେ । ସରସ୍ୱତୀ ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ସଭାପତି ପଞ୍ଚାନନ ପଣ୍ଡା ମହୋଦୟ ସମ୍ପାଦକ ଡାକ୍ତର ଦେବବ୍ରତ ଦଣ୍ଡପାଟମହୋଦୟ, ପ୍ରଧାନାଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନାସହ ପ୍ରଧାନାଚାର୍ଯ୍ୟ ପୁଲିନ କୁମାର ନନ୍ଦୀ ବରିଷ୍ଠଗୁରୁଜୀ ରିଆଜ ଖାଁ, ଶୁଭ୍ରାଂଶୁ ଶେଖର ଦେ, ଗୁରୁମାଅର୍ଚ୍ଚନା ବିଶ୍ୱାଳ , ସଞ୍ଜୁବାଳା ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ନିରୀକ୍ଷଣ ଓ ପରିଚାଳନା କରିଥିଲେ ।

## ଗୋଛାପଡା ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କଲେ ବିଧାୟକ



ଫୁଲବାଣୀ,୪।୫ (ସଂଚାର ବ୍ୟୁରୋ)ଃ ଫିରିଙ୍ଗିଆ ବ୍ଲକ ଗୋଛା ପଡା ଠାରେ ଥିବା ଓ ଅବ୍ୟବସ୍ଥା ଦେଇ ଗତି କରୁଥିବା ଆୟୁର୍ବେଦିକ ସିଜିକିତ୍ସାଳୟ ପରିଦର୍ଶନ କରିଛନ୍ତି ଫୁଲବାଣୀ ବିଧାୟକ ଉମାଚରଣ ମଲିକ। ଦୀର୍ଘ ବର୍ଷ ଧରି ଏହି ଗୋଛା ପଡା ଆୟୁର୍ବେଦିକ ଚିକିତ୍ସାଳୟ ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଥିବା ବେଳେ ଫିରିଙ୍ଗିଆ ବ୍ଲକରେ ଏକ ମାତ୍ର ଆୟୁର୍ବେଦିକ ଚିକିତ୍ସାଳୟ ହୋଇଥିବା ବେଳେ ବହୁ ପୁରୁଣା ଘର ଯାହାକି ଭାଙ୍ଗି ରୁଜି ରହିଥିବା ବେଳେ ବର୍ଷା ହେଲେ ବିପଦ ସଂକୁଳ ଭାବରେ ରୋଗୀ ଚିକିତ୍ସା କରାଯାଉଥିବା କାନ୍ଥରେ ବିଦ୍ୟୁତ ସକ ହେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଡାକ୍ତର ଅଛନ୍ତି କିନ୍ତୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଯୋଗୁଁ ରୋଗୀ ମଧ୍ୟ ଚିକିତ୍ସା ପାଇଁ ଯିବାକୁ ଭୟ କରୁଥିଲେ।

ଅନ୍ୟପଟେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମେଡିକାଲ ଗୃହ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିବା ବେଳେ ତାହା ମଧ୍ୟ ଦୀର୍ଘ ଦିନ ହେବ ଅର୍ଥ ଅନୁଦାନ ପଡ଼ି ରହିଛି। ଅନୁଦାନ ଥିବା ସତ୍ତ୍ୱେ କାମ ହୋଇ ପାରୁନାହିଁ ଯାହାକୁ ନେଇଁ ରୋଗୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଘଟଣା ପରେ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ପରେ ଡାକ୍ତର ସୁପ୍ରଭା ନାୟକ ସହ ଆଲୋଚନା କରିଥିଲେ। ଆୟୁର୍ବେଦିକ ଚିକିତ୍ସାଳୟ ନୂତନ ଗୃହ ଶୀଘ୍ର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ବିଧାୟକଙ୍କ ପରିଦର୍ଶନ ପରେ ନୂତନ ଚିକିତ୍ସାଳୟ ଗୃହ ନିର୍ମାଣ ହେବା ନେଇଁ ଆଶା ରଖିଛନ୍ତି ଅଞ୍ଚଳ ବାସୀ ଅନ୍ୟପଟେ ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ବିଧାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କ ସମସ୍ୟା ଉପରେ ଆଲୋଚନା କରୁଛନ୍ତି।

## ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

### ୧୯୬ଟି ଅଭିଯୋଗ ପଞ୍ଜୀକୃତ, ୫୦ଟି ଅଭିଯୋଗର ତତ୍କାଳ ସମାଧାନ



ଯାଜପୁର,୪।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଆଜି ମୋଟ ୧୯୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୪୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଉପଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଂଝାରପୁର ବ୍ଲକର ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

## ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ

### ମୋଟ ୧୬୯ଟି ଅଭିଯୋଗର ହେଲା ଶୁଣାଣି



ବାରିପଦା,୪।୫ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୧୪୭ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୨୨ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ୍ ଜନ ଅଭିଯୋଗ ଶିବିରରେ କରାଯାଇଛି । ସେହିପରି ଶୁଣାଣି ଶିବିରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ବିଡିଓ



ନୀଳଗିରି,୪।୫ (ସଂଚାର ବ୍ୟୁରୋ)ଃ ନୀଳଗିରି ଏନେସି ଅନ୍ତର୍ଗତ କଦମ୍ବ ସାହି ରେ ହିମାଂଶୁ ଭୂଷଣ ଚକ୍ରବର୍ତ୍ତି ରହୁଥିବା ବେଳେ ତାଙ୍କ ଘର ଖଇରା ବ୍ଲକ ତୋଟାପଡା ଗ୍ରାମର।ତାଙ୍କ ପୁତ୍ର ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଭାବେ ସୂର୍ଯ୍ୟ ପ୍ରକାଶ ଚକ୍ରବର୍ତ୍ତି ଅଧ୍ୟୟନ କରୁଥିଲେ।ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୭୬ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ବାପା ନୀଳଗିରି ବ୍ଲକପିଇଓ ଭାବେ ହିମାଂଶୁ ଭୂଷଣ ଚକ୍ରବର୍ତ୍ତି କାର୍ଯ୍ୟ ରତ ଥିବା ବେଳେ ମା' ସରିତା ଜଣେ ଗୃହିଣୀ। ପୁଅ ସୂର୍ଯ୍ୟ ପ୍ରକାଶ ମାଟ୍ରିକ୍ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ପରିବାର ପାଇଁ ଗର୍ବ ଆଣିଛି, ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ସଫଳତା ପାଇଁ ଗୁରୁଜୀ, ଗୁରୁମା,ବାପା, ମାଆ, ଜେଜେ ବାପା, ଜେଜେମା ଙ୍କୁ ଶ୍ରେୟ ଦେବା ସହିତ ଦିନକୁ ସେ ୮ରୁ ୯ଘଣ୍ଟା ପରିଶ୍ରମ କରୁଥିବା କହିଛନ୍ତି।ଏହି ଖବର ଜାଣିଲା ପରେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡା ଜାଣିଲା ପରେ ଆଜି କାର୍ଯ୍ୟାଳୟକୁ ଛାତ୍ର ସୂର୍ଯ୍ୟପ୍ରକାଶ ଙ୍କୁ ଫୁଲ ତୋଡା ଓ ଉପଢକନଦେଇ ସମ୍ବର୍ଦ୍ଧିତ କରିଛନ୍ତି।ଏହି ସମୟ ରେ ବାପା ହିମାଂଶୁ ଚକ୍ରବର୍ତ୍ତି, ସନାତନ ଦାସ,ହୃଷିକେଶ ଜେନା ହେମନ୍ତବେହେରା, ପ୍ରୀତି ବେଦାସୀ, ସ୍ୱାସ୍ୱତୀ ମହାନ୍ତି, ଲିତାଞ୍ଜଳି ସିଂ ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ଶବ ସଂସ୍କାର କଲେ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼,୪।୫ (ସଂଚାର ବ୍ୟୁରୋ)ଃ ରବିବାର ସଦର ଥାନା ଅନ୍ତର୍ଗତ ଜଗତଗଡଠାରେ ଏକ କାର ଦୁର୍ଘଟଣାରେ ରତନପୁର ଗ୍ରାମର ୬୫ ବର୍ଷୀୟ ମକରଧ୍ୱଜ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ସୋମବାର ଅପରାହ୍ଣରେ ସୁନ୍ଦରଗଡ ମୁଖ୍ଯ ଚିକିତ୍ସାଳୟ ଠାରେ ଶବ ବ୍ୟବଚ୍ଛେଦ ପରେ ଶବସଂସ୍କାର ସକାସେ ସମସ୍ୟା ଉପୁଜିଥିଲା। କରମଡିହି ଠାରେ ରହୁଥିବା ମକରଧ୍ୱଜଙ୍କ ଝିଅ ଅସହାୟ ହୋଇ ଶବସଂସ୍କାର ପାଇଁ ଚିନ୍ତାରେ ପଡିଯାଇ ଥିଲେ । କରମଡିହିର ସୁଦୀପ୍ତ ପଟେଲ ନାମକ ଜଣେ ଯୁବକ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କ ସହଯୋଗ ଲୋଡିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଟିମ ସଦସ୍ୟମାନେ ସୁନ୍ଦରଗଡ ମୁଖ୍ଯ ଚିକିତ୍ସାଳୟକୁ ଯାଇ ମକରଧ୍ୱଜଙ୍କ ଶବକୁ ସ୍ୱର୍ଗଦ୍ୱାରରେ ସମ୍ମାନର ସହିତ ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା।



## ବିଜେପି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ବିଜୟ ଉତ୍ସବ ପାଳନ



ସୁନ୍ଦରଗଡ଼,୪।୫ (ସଂଚାର ବ୍ୟୁରୋ)ଃ ଚଳିତ ସାଧାରଣ ବିଧାନସଭା ନିର୍ବାଚନରେ ପଶ୍ଚିମ ବଙ୍ଗ,ଆସାମ ଓ ପୁଣ୍ଡୁଚେରୀରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ପରିପ୍ରେକ୍ଷୀରେ, ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଅଟଳ ଛକଠାରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ "ବିଜୟ ଉତ୍ସବ" ପାଳନ କରାଯାଇଥିଲା।

ଏହି ଅବସରରେ ବାଣ ଫୋଟକା ସହ ଉତ୍ସାହମୟ ପରିବେଶ ମଧ୍ୟରେ ଦଳୀୟ କର୍ମୀମାନେ ବିଜୟର ଆନନ୍ଦ ପାଳନ କରିଥିଲେ। ସେହିପରି ମିଷ୍ଟାନ୍ନ ସହିତ ଝାଲମୁଢ଼ି ବଣ୍ଟନ କରି ସାଧାରଣ ଲୋକଙ୍କ ସହିତ ଖୁସି ମନେଇ ଥିଲେ। ଏହି କାର୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ସୁରେନ୍ଦ୍ର ଭିତ୍ରିଆ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ରୁପେଶ ପଟେଲ,ସୁରେନ୍ଦ୍ର ଦେହୁରୀ,ଭେଷଜ ରଥ, ଧ୍ରୁବ କାଲୋ, ନୀଳମାଧବ ସାହାଣୀ, ବିରବର ସାହୁ, ବିକାଶ ନାଏକ,ଶକୁନ୍ତଳା କାଲୋ, ସଂଯୁକ୍ତା ନାଏକ,ମିନତୀ ପୁରୋହିତ,ଭାରତୀ ରାଉତ,ଶାନ୍ତି ସରାଫ,ହିମାନୀ ପାଢ଼ୀ,ମୀନା ନାଏକ,ଦୀପାଞ୍ଜଳି ନନ୍ଦ, ଅନୁପମା ଟପ୍ପୋ, ଲତିକା ପଟ୍ଟନାୟକ, ଶ୍ରୀକାନ୍ତ ଭଞ୍ଜ, ଯଶନ୍ତି ଏକ୍କା, ହରିପ୍ରିୟା ପଟେଲ, କର୍ଣ୍ଣ ସିଂ, ରାଜା କାକ, ସୁରେଶ ପଟେଲ, ଆଶୀଷ ପଟେଲ, ପରକ୍ଷିତ ସାହୁ, ଘନଶ୍ୟାମ ରଣା, ପ୍ରଭାତ ନନ୍ଦ, ଦିନେଶ ନାଏକ, ରୀନା ପ୍ରଧାନ, ପିଙ୍କୁ ପୃସେଠ, ଲକି ଯଂଜ୍ଞସୀ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।ଜିଲ୍ଲା ସଭାପତି ଶ୍ରୀ ସାହୁ ଏବଂ ପୌରାଧ୍ୟକ୍ଷା ଶ୍ରୀମତୀ ମିଶ୍ର କହିଥିଲେ "ଏହି ବିଜୟ ଦେଶର ଜନତାଙ୍କର ଆଶା ଓ ଆସ୍ଥାର ପ୍ରତିଫଳନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଉନ୍ନତି, ସୁଶାସନ ଓ ଗରିବ କଲ୍ୟାଣର ନୀତିକୁ ଲୋକେ ସ୍ୱୀକାର କରିଛନ୍ତି।

"ଏହି ବିଜୟ ଦଳର କାର୍ଯ୍ୟକର୍ତ୍ତା ମାନଙ୍କର ଅଦମ୍ୟ ପରିଶ୍ରମ ଓ ସମର୍ପଣର ଫଳ। ଲୋକମାନେ ଭାଜପାର ନୀତି ଓ ନେତୃତ୍ୱ ଉପରେ ଆସ୍ଥା ରଖିଛନ୍ତି। ଆମେ ସବୁ ସମୟରେ ଲୋକସେବାରେ ନିୟୋଜିତ ରହି ଆସନ୍ତା ଦିନରେ ସମଗ୍ର ଭାରତ ବର୍ଷରେ ସୁଶାସନ ଦେଇ ରାମରାଜ୍ୟ ଗଢ଼ିବୁ ବୋଲି ନିଜ ମତ ପୋଷଣ ରଖିଥିଲେ।

## ପଶ୍ଚିମବଙ୍ଗ ବିଜୟକୁ ନେଇ ନୀଳଗିରି ବିଜେପି ପକ୍ଷରୁ ବିଜୟ ଉତ୍ସବ

ନୀଳଗିରି,୪।୫ (ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗ ନିର୍ବାଚନ ରେ ଫଳା ଫଳଆଜି ପ୍ରକାଶ ପାଇଛି। ଏଥିରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବେଳେ ପଶ୍ଚିମବଙ୍ଗ ରେ ବିଜେପି ସରକାର କରିବାକୁ ନେଇ ଏକ ପ୍ରକାର ସୁନିଶ୍ଚିନ୍ତ ହୋଇ ଯାଇଛି। ଦଳର ଏଭଳି ବିଜୟ କୁ ନେଇ ନୀଳଗିରି ବିଜେପି ପକ୍ଷରୁ ଆଜି ବିଜୟ ଉତ୍ସବ ପାଳନ କରାଯାଇଛି ।



ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ କଚେରୀ ବଜାର ରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କ ନେତୃତ୍ୱ ରେ ଦଳୀୟ ନେତା ଓ କର୍ମୀ ମାନେ ମିଷ୍ଟାନ ବଣ୍ଟନ କରିଥିବା ବେଳେ ଅତସ ବାଜି ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୧୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ରଞ୍ଜିତା ସିଂ, ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଶିଶିର ରାଉତ, ଦେବାଶିଷ ଆଚାର୍ଯ୍ୟ, କରୁଣାକର ପଣ୍ଡା, ଶୃତି ରଞ୍ଜନ ମହାପାତ୍ର, ଝରଣା ସିଂ, ପ୍ରଫୁଲ୍ଲ ଦଲେଇ, ବାପୁଲି ନନ୍ଦ, ଟୁନା ପୃଷ୍ଟି ପ୍ରମୁଖ ଶତାଧିକ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବନବିହାରୀ ଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସଭା



ଆଳି,୪।୫(ସଂଚାର ବ୍ୟୁରୋ)ଃ ଧର୍ମ ପରାୟଣ ବନବିହାରୀ ଶର୍ମାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଆଳି ଚଣ୍ଡୀଆଗଡି ପଂଚାୟତ ବୈଦସାହିରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶର୍ମା ଥିଲେ ପରୋପକାରୀ, ମେଳାପୀ, ସଂଗଠକ, ସର୍ବଗୁଣ ସମ୍ପର୍ଣ୍ଣଅଭୁଲା ମଣିଷ ଓ ଅଭୁଲା ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଆବର୍ତମାନର ଏକାଦଶାହରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ଅନନ୍ତ ଚରଣ ଦାସଙ୍କ ସଭାପତିତ୍ୱ ଓ ଗଗନ ବିହାରୀ ଶର୍ମା ଙ୍କ ସଂଯୋଜନା ରେ ସ୍ମୃତି ସଭା ରେ ସ୍ୱର୍ଗତ ଶର୍ମାଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱର୍ଗତ ଶର୍ମାଙ୍କୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ସହିତ ବନ୍ଧୁ ବାନ୍ଧବ ପ୍ରିୟ ପରିଜନ ଆତ୍ମୀୟସ୍ୱଜନ ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସଂଚାର SANCHAR ମଙ୍ଗଳବାର ୫ ମେ ୨୦୨୬

# ସ୍ୱାସ୍ଥ୍ୟ




# ଶରୀରକୁ ସୁସ୍ଥ ରଖେ ଫଳ



ଆଜିକାଲି ଦୁନିଆରେ ସମସ୍ତେ ବ୍ୟସ୍ତ। ଆଉ ଏହି ବ୍ୟସ୍ତ ବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ସବୁଠାରୁ ବଡ଼ ଚାଲେଞ୍ଜ। କାରଣ ଏବେ ଘରେ ଘରେ ରୋଗ, ଘରେ ଘରେ ରୋଗୀ। ଏମିତି ଗୋଟେ ବି ପରିବାର ନାହିଁ ଯାହା ଘରେ ରୋଗୀ ନଥିବେ। ତେଣୁ ଏସବୁ ପରିସ୍ଥିତିର ମୁକାବିଲା ପାଇଁ, ନିଜକୁ ସୁସ୍ଥ ରଖିବା ପାଇଁ କଣ ଖାଇବା ଦରକାର.. କେମିତି ନିଜ ଦେହର ଯତ୍ନ ନେବା ଦରକାର ବୋଲି ପ୍ରଶ୍ନ ଆସେ। ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ। ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ ,ଛିଙ୍କ ଭଳି ସମସ୍ୟା ଲାଗିରହିଥିବ। ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ। ଯଦି ଆପଣଙ୍କ ମଧ୍ୟରେ ମଧ୍ୟ ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ।

ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ। ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ। ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ। ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ। ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ। ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ। କମଳା, ଲେମ୍ବୁ , କିଓ୍ୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ। ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ।

## ସକାଳୁ ହଳଦୀ ପାଣି ପିଇଲେ ମିଳେ ଅନେକ ଲାଭ

ରୋଷେଇ ଘରେ ମିଳୁଥିବା ମସଲାମାନଙ୍କ ମଧ୍ୟରେ ହଳଦୀ ଅନ୍ୟତମ।ଏହା କେବଳ ଖାଦ୍ୟର ରଙ୍ଗକୁ ବଢ଼ିନଥାଏ ବରଂ ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ ହୋଇଥାଏ। ହଳଦୀରେ ମିଳୁଥିବା ସମସ୍ତ ଉପାଦାନ ଆପଣଙ୍କ ସ୍ୱାସ୍ଥ୍ୟକୁ ବହୁତ ପରିମାଣରେ ଲାଭ ଦେଇଥାଏ। ଯଦି ଆପଣ ଫିଟ୍ ରହିବାକୁ ଚାହୁଛନ୍ତି, ତେବେ ଆପଣ ନିଶ୍ଚିନ୍ତ ଖାଦ୍ୟରେ ହଳଦୀକୁ ସାମିଲ କରନ୍ତୁ। ପୂର୍ବ କାଳରୁ ହିଁ କୁହାଯାଏ ଯେ ହଳଦୀ ଔଷଧୀୟ ଗୁଣରେ ଭରପୂର। ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ତେବେ ହଳଦି ପାଣି ପିଇବାର ଫାଇଦା ବିଷୟରେ ଆସନ୍ତୁ ଜାଣିବା। ହଳଦୀ ପାଣିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଭାଇରାଲ୍ ଗୁଣ ମିଳିଥାଏ। ଯାହା ଆପଣଙ୍କ ଇମ୍ୟୁନ୍ ସିଷ୍ଟମକୁ ବହୁ ପରିମାଣରେ ମଜବୁତ୍ କରିପାରିବ। ଯଦି ରୋଗରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ ନିୟମିତ ଭାବରେ ହଳଦୀ ପାଣି ପିଇବା ଆରମ୍ଭ କରନ୍ତୁ। ଏହା ବ୍ୟତୀତ, ହଳଦୀ ପାଣି ପିଇଲେ ଗ୍ୟାସ୍, କୋଷ୍ଠକାଠିନ୍ୟ ଭଳି ଅନେକ ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇପାରିବେ।

ଯଦି ଆପଣ ନିଜର ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ଖାଲି ପେଟରେ ହଳଦୀ ପାଣି ପିଇବା ଆରମ୍ଭ କରନ୍ତୁ। ଏହା ସହ, ହଳଦୀ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରରେ ମେଟୋବୋଲିଜମ୍ ବୃଦ୍ଧି ପାଇଥାଏ। ଆପଣଙ୍କ ଏହି ହଳଦୀ ପାଣିକୁ ନିଜର ଡାଏଟରେ ସାମିଲ କରି ମଧ୍ଧ କୋଲେଷ୍ଟ୍ରଲ ଲେବୁଲ୍‌କୁ ମଜବୁତ୍ କରିପାରିବେ। ତେବେ ଡାଇବେଟିସ୍ ରୋଗୀଙ୍କୁ ହଳଦୀ ପାଣି ପିଇବାକୁ ମଧ ପରାମର୍ଶ ଦିଆଯାଇଛି।

ଆପଣ ଭାବୁଛନ୍ତି କି? ହଳଦୀ ପାଣି ପିଇଲେ ଖାଲି ସ୍ୱାସ୍ଥ୍ୟ ଭଲ ରୁହେ ତେବେ ଆପଣ ଏହା ଭୁଲ ଭାବୁଛନ୍ତି। ହଳଦୀ ପାଣି ପିଇବା ଦ୍ୱାରା ଆମ ସ୍କିନ୍ ମଧ ଭଲ ରହିଥାଏ। ଏହି ନେଚୁରାଲ୍ ଡ୍ରିଙ୍କକୁ ସଠିକ୍ ଉପାୟରେ ଏବଂ ସଠିକ୍ ପରିମାଣରେ ପିଇବା ଦ୍ୱାରା ଆପଣ ସୁସ୍ଥ ଅନୁଭବ କରିବେ। ସେଥିପାଇଁ ଯଦି ଆପଣ ଫିଟ୍ ରହିବାକୁ ଚାହୁଛନ୍ତି, ତେବେ ନିଜ ଡାଏଟରେ ହଳଦୀ ପାଣି ସାମିଲ୍ କରନ୍ତୁ। ଦେଖିବେ ଏପରି ଭାବେ ଆପଣଙ୍କୁ ଅନେକ ପ୍ରକାରର ସ୍‌ବାସ୍ଥ୍ୟ ଉପକାରିତା ମିଳିବ। ହଳଦୀ ପାଣିରେ ଆଣ୍ଟି-ଅକ୍ସିଡେଣ୍ଟ ବା ଆଣ୍ଟିଥେସିସ୍ ରହିଥାଏ। ଯାହା ଏହି ରୋଗରୁ ମୁକ୍ତି ଦେବାରେ ସହାୟକ କରିଥାଏ। ଏହି ରୋଗ ପାଇଁ ହଳଦୀ ପାଣି ବେଷ୍ଟ ବୋଲି ବିବେଚନା କରାଯାଉଛି।

ସକାଳୁ ଖାଲି ପେଟରେ ହଳଦୀ ପାଣି ସେବନ କରିବା ଦ୍ୱାରା ଆମର ପାଚନ ଶକ୍ତି ମଜବୁତ ହୋଇଥାଏ। ଏହା ସେବନ କରିବା ଦ୍ୱାରା ପେଟ ସଫା ରହିଥାଏ ଏବଂ ଭୋକ ମଧ ଲାଗିଥାଏ। ଏହା ବ୍ୟତୀତ ହଳଦୀ ଅତ୍ୟଧିକ ମୋଟାପଣ ଏବଂ କୋଲେଷ୍ଟ୍ରଲର ମାତ୍ରାକୁ କମ୍ କରିଥାଏ। ଗଣ୍ଠି ଜନିତ ସମସ୍ୟା ଥିବା ଲୋକମାନଙ୍କ ପାଇଁ ହଳଦୀ ପାଣି ବହୁତ ଫଳପ୍ରଦ ହୋଇଥାଏ। ହଳଦୀ ଗଣ୍ଠି ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ହଳଦୀ ସେବନ କରିବା ଦ୍ୱାରା ମଧୁମେହ ରୋଗକୁ ନିୟନ୍ତ୍ରଣ କରିଥାଏ। ଏହା ବ୍ୟତୀତ ହଳଦୀ ପାଣି କିଡନି ପାଇଁ ଲାଭକାରୀ ହୋଇଥାଏ।



## ଖରାଦିନେ ପୁଦିନା ପତ୍ର ପେଷ୍ଟ ତ୍ୱଚାକୁ ଗ୍ଲୋ କରିଥାଏ



ପୁଦିନାକୁ ଆୟୁର୍ବେଦରେ ବହୁତ ପ୍ରଭାବଶାଳୀ ବୋଲି ଗଣାଯାଏ। ଏଥିରେ ସ୍ୱାଦ, ସୌନ୍ଦର୍ଯ୍ୟ ଓ ସୁଗନ୍ଧର ବହୁତ ଭଲ ସଙ୍ଗମ ରହିଛି। ପୁଦିନା ବିଷୟରେ କୁହାଯାଏ କି, ଏହା ୧୨ ମାସ ମଧ୍ୟରେ ଯେତେବେଳେ ବି ବ୍ୟବହାର କରାଯାଇପାରିବ। ଏହା ସବୁବେଳେ ସୁଗନ୍ଧ ଭରା ରହିଥାଏ। ପୁଦିନା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଆମ ତ୍ୱଚା ପାଇଁ ମଧ୍ୟ ବହୁତ ଲଭଦାୟୀ ହୋଇଥାଏ। ତେବେ ଆସନ୍ତୁ ତ୍ୱଚାରେ ପୁଦିନା ପତ୍ର ଲଗାଇବାର ଫାଇଦା ବିଷୟରେ ଜାଣିବା। ଯଦି ଆପଣ ଖରାଦିନେ ତେଲିଆ ମୁହଁରୁ ଆରାମ ପାଇବାକୁ ଚାହାଁନ୍ତି, ତେବେ ଆପଣ ପୁଦିନା ପତ୍ର ବ୍ୟବହାର କରିପାରିବେ। ଚର୍ମକୁ ଥଣ୍ଡା କରିବାରେ ଏହା ବହୁତ ସାହାଯ୍ୟ କରିଥାଏ। ଚର୍ମକୁ ଭିତରୁ ଥଣ୍ଡା ରଖିବାରେ ପୁଦିନା ପତ୍ର ଖୁବ ସାହାଯ୍ୟକାରୀ। ଏହାକୁ ବ୍ୟବହାର କରି ଆପଣ କୋମଳ ଏବଂ ନରମ ତ୍ୱଚା ପାଇପାରିବେ। ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ। ଏହି ଋତୁରେ ଚର୍ମ ଶୁଷ୍କ ଏବଂ ଖରାପ ହୋଇଯାଏ। ଖରାଦିନ ସମୟରେ ନିଜ ଚର୍ମକୁ ସୁସ୍ଥ ରଖିବାରେ ପୁଦିନା ପତ୍ରର ବ୍ୟବହାର ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ। ଏହା ସ୍କିନରେ ଗ୍ଲୋ ଆଣିଥାଏ ଏବଂ ଦାଗହୀନ ମଧ୍ୟ କରିଥାଏ। ତେବେ ଆପଣ ଏହି ପୁଦିନା ପତ୍ରକୁ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବେ। ପୁଦିନା ପତ୍ରକୁ ପ୍ରଥମେ ପାଣିରେ ଫୁଟାନ୍ତୁ, ଥଣ୍ଡା ହେବା ପରେ ଏହାକୁ ଛାଣନ୍ତୁ ଏବଂ ତୁଳା ସାହାଯ୍ୟରେ ଏହି ପାଣିକୁ ମୁହଁରେ ଲଗାନ୍ତୁ। ଚିନି ସହିତ ପୁଦିନା ପତ୍ରକୁ ଗ୍ରାଇଣ୍ଡ୍ କରି ଆପଣ ଏକ ସ୍କ୍ରବ୍ ମଧ୍ୟ ପ୍ରସ୍ତୁତ କରିପାରିବେ। ପୁଦିନା ପତ୍ରକୁ ପେଶି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାପରେ ଉକ୍ତ ପେଷ୍ଟକୁ ପାଣିରେ ପକାଇ ଚେହେରାରେ ବାମ୍ଫ ନିଅନ୍ତୁ। ଏହାଦ୍ୱାରା ଚର୍ମ କୁଞ୍ଚନ ଦୂର ହୋଇଯିବ ଏବଂ ତ୍ୱଚା ସତେଜ ରହିବ।ଦହି କିମ୍ବା ମହୁ ସହିତ ପୁଦିନା ପତ୍ରକୁ ଗ୍ରାଇଣ୍ଡ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ, ଏହି ପେଷ୍ଟକୁ ମୁହଁ ଏବଂ ବେକରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ, ତା'ପରେ ଏହାକୁ ଧୋଇ ଦିଅନ୍ତୁ। ସେନ୍ସେଟିଭ ସ୍କିନ ଥିବା ବ୍ୟକ୍ତିମାନେ ଏହୁ ପୁଦିନା ପତ୍ରର ଫେସ ପ୍ୟାକ୍ ବ୍ୟବହାର କରିବା ପୂର୍ବରୁ ପରୀକ୍ଷା କରିବା ଉଚିତ, କାରଣ କିଛି ଲୋକ ଏଥିରେ ଆଲର୍ଜି ହୋଇପାରନ୍ତି।

## କଞ୍ଚାଲଙ୍କା ଖାଇଲେ କ୍ୟାନସର୍‌ରୁ ମୁକ୍ତି ମିଳେ

କଞ୍ଚାଲଙ୍କା ବିନା ଖାଇବା ଅଧୁରା ରହିଥାଏ। ଘରେ ଯେତେ ପ୍ରକାର ବ୍ୟନ ରୋଷେଇ ହୋଇଥିଲେ ମଧ୍ୟ କଞ୍ଚାଲଙ୍କା ବିନା ଖାଇବାର ସ୍ୱାଦ ନଥାଏ। ଅଧିକାଂଶ ଘରେ ଶୁଖିଲା ଲଙ୍କା ପେଟ ପରିବର୍ତ୍ତେ କଞ୍ଚାଲଙ୍କାକୁ ବାଟି ତରକାରୀ କରିବାକୁ ପସନ୍ଦ କରିଥାନ୍ତି। ଏହାର କାରଣ ଶୁଖିଲା ଲଙ୍କା ପେଟ ପାଇଁ ଖରାପ। କିନ୍ତୁ କଞ୍ଚା ଲଙ୍କାରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏଥିରେ ଭିଟାମିନ୍ ଏ, ବି, ୬, ଆଇରନ୍, ପୋଟାସିୟମ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ହୃଦଘାତ ଓ ପେଟଜନିତ ସମସ୍ୟାକୁ ଦୂର କରିଥାଏ। ତେବେ ଏଥିପାଇଁ ଏହାକୁ ସେମିତି କଞ୍ଚା ଖାଇଲେ ଭଲ। ତା'ହେଲେ ଆସନ୍ତୁ ଜାଣିବା କଞ୍ଚାଲଙ୍କା ଖାଇଲେ କେଉଁସବୁ ସ୍ୱାସ୍ଥ୍ୟ ଲାଭ ମିଳିଥାଏ।

- କଞ୍ଚାଲଙ୍କାରେ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି। ତେଣୁ ପ୍ରତିଦିନ କଞ୍ଚାଲଙ୍କା ଖାଇଲେ ପ୍ରୋଷ୍ଟେଟ ବା ମୂତ୍ରାଶୟ ଜନିତ ସମସ୍ୟା ହୋଇନଥାଏ।
- ଏଥିରେ ଥିବା ଭିଟାମିନ ସି ଓ ବିଟା- କେରାଟିନ୍ ତତ୍ତ୍ୱ ଆଖି, ତ୍ୱଚା ଓ ଇମ୍ୟୁନୋ ସିଷ୍ଟମକୁ ଠିକ୍ ରଖିଥାଏ।
- କଞ୍ଚାଲଙ୍କା ରକ୍ତରେ ସୁଗାରର ସ୍ତରକୁ ନିୟନ୍ତ୍ରଣ କରିଥାଏ। ସେଥିପାଇଁ ଡାଇବେଟିସ ରୋଗୀ ପ୍ରତ୍ୟେକ ଦିନ କଞ୍ଚାଲଙ୍କା ଖାଇଲେ ଭଲ।
- ଆହୁରି ମଧ୍ୟ କଞ୍ଚାଲଙ୍କାରେ ଫାଇବରର ମାତ୍ରା ଅଧିକ ରହିଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।
- ଯଦି ଆପଣ ସବୁଦିନ କଞ୍ଚାଲଙ୍କା ଖାଉଛନ୍ତି, ତେବେ ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ଓ ଆଣ୍ଟି-ଅକ୍ସିଡାଣ୍ଟ ମୁହଁ, ଗଳା, ଫୁସଫୁସ ଓ କୋଲୋନ୍ କ୍ୟାନସରରୁ ରକ୍ଷା କରିଥାଏ।
- ରାତିରେ ଶୋଇବା ପୂର୍ବରୁ ୩ରୁ୪ ଟି କଞ୍ଚାଲଙ୍କାକୁ ଧୋଇ ମଝିରୁ କାଟି ଦିଅନ୍ତୁ। ଗୋଟିଏ ଗ୍ଲାସ ପାଣିରେ ଏହି କଟା କଞ୍ଚାଲଙ୍କା ଗୁଡିକୁ ପକାଇ ରଖନ୍ତୁ। ସକାଳେ ଉଠି ଖାଲି ପେଟରେ କେବଳ ଉକ୍ତ ପାଣି ପିଅନ୍ତୁ। ଏପରି କରିବା ଦ୍ୱାରା ପେଟଜନିତ ସମସ୍ୟା ଦୂର ହେବ।



## ଶ୍ୱାସ ରୋଗକୁ ଦୂର କରେ ଆତ

ଆତ ଖାଇବାକୁ ଭାରି ସ୍ୱାଦିଷ୍ଟ ଲାଗିଥାଏ। ଏଥିରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ସହିତ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ମଧ୍ୟ ରହିଛି। ଏହାକୁ ଖାଇଲେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଏପରିକି ଆୟୁର୍ବେଦରେ ଆତ ପତ୍ରକୁ ମଧ୍ୟ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ତା'ହେଲେ ଆସନ୍ତୁ ଜାଣିବା, ଆତ ଖାଇଲେ କେଉଁ ସବୁ ରୋଗୀଙ୍କ ପାଇଁ ଭଲ।



- ଆତରେ ଭିଟାମିନ 'ବି୬' ରହିଛି। ଏହାକୁ ଖାଇଲେ ଶ୍ୱାସ ରୋଗ ଭଲ ହୋଇଥାଏ।
- ଏଥିରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍ ହୃଦଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିଥାଏ। ଏଥିପାଇଁ ହୃଦରୋଗୀଙ୍କୁ ନିୟମିତ ଆତ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି।
- ଆତରେ ଭିଟାମିନ ଏ, ଭିଟାମିନ ସି ଓ ରିବୋଫ୍ଲାବିନ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।
- ଏଥିରେ ଥିବା କପର୍ ଓ ଆଇରନ୍ ଗର୍ଭବତୀଙ୍କ ପାଇଁ ବେଶ ଭଲ। ଗର୍ଭାବସ୍ଥାରେ ଆତ ଖାଇଲେ ଗର୍ଭଜନିତ କଷ୍ଟ ଅନେକାଂଶରେ ଦୂର ହୋଇଥାଏ।
- ଆତରେ ଥିବା ଫାଇବର କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ ଏବଂ ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ।
- ଏଥିରେ ଆଇରନ ଓ କପର ଥିବା ଯୋଗୁଁ ଏହା ରକ୍ତହୀନତା ସମସ୍ୟାକୁ ଦୂର କରିଥାଏ।
- ଆତ ଖାଇଲେ ବ୍ଲଡ ପ୍ରେସର କମ୍ ହୋଇଥାଏ।

## ରୋଷେଇ ପାଇଁ ଭଲ ସୋରିଷ ତେଲ

ରୋଷେଇ ଘରେ ଖାଇବା ତେଲ ବା କୁକିଙ୍ଗ୍ ଅଏଲ୍ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଡାଲି ହେଉ କିମ୍ବା ତାରକାରୀ ସବୁଥି ପାଇଁ ତେଲ ଜରୁରୀ। ନହେଲେ ଖାଦ୍ୟ ପ୍ରସ୍ତୁତି ହୋଇପାରିବ ନାହିଁ। ତେବେ କେଉଁ ତେଲ ଶରୀର ପାଇଁ ଭଲ ?ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରୋଷେଇ ପାଇଁ ଅଲିଭ ଓ ଆବାକଡୁ ତେଲ ସବୁଠୁ ଭଲ। କିନ୍ତୁ ଅଧିକାଂଶ ଲୋକେ ରିଫାଇଣ୍ଡ ଅଏଲ୍ ବ୍ୟବହାର କରିଥାନ୍ତି। ରିଫାଇଣ୍ଡ ଅଏଲ୍ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ତେଲକୁ ଉଚ୍ଚ ତାପମାତ୍ରାରେ ତିଆରି କରାଯାଏ। ତେଣୁ ଏଥିରେ ନ୍ୟୁଟ୍ରିସନ୍ସ କମ୍ ରହିଥାଏ। ତେଣୁ ରିଫାଇଣ୍ଡ ତେଲରେ ଟ୍ରାନ୍ସ ଫ୍ୟାଟ ଅଧିକ ରହିଛି, ଯାହା ଶରୀରକୁ କ୍ଷତି ପହଞ୍ଚାଇଥାଏ। ଯଦି ପାରୁଛନ୍ତି ରୋଷେଇରେ ସୋରିଷ ତେଲ ବ୍ୟବହାର କରନ୍ତୁ। ଏଥିରେ ଆଣ୍ଟି- ବ୍ୟାକ୍ଟେରିଆ ଗୁଣ ରହିଛି, ଯାହା ରୋଗ ପ୍ରତିରେରାଧକ ଶକ୍ତି ବଢ଼ାଇଥାଏ। ସୋରିଷ ତେଲକୁ ଆପଣ ତରକାରୀ, ଡାଲି ଓ ଭଜା କରିବା ପାଇଁ ବ୍ୟବହାର କରିପାରିବେ। ସେହିପରି ପାରମ୍ପାରିକ ଶୈଳୀରେ ପ୍ରସ୍ତୁତ ହେଉଥିବା ବା ପେଡ଼ା ହେଉଥିବା ଯେକୌଣସି ଖାଇବା ତେଲ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ। ତେବେ ଯେକୌଣସି ଖାଇବା ତେଲକୁ କମ୍ ବ୍ୟବହାର କଲେ ଭଲ। ମାତ୍ରାଧିକ ମସଲା ଭଳି ମାତ୍ରାଧିକ ତେଲ ବି ଶରୀର ପାଇଁ ଭଲ ନୁହେଁ।



# ପଶୁ ଚିକିତ୍ସାଳୟରେ ପଡ଼ିଛି ତାଲା



କନ୍ଧମାଳ,୪।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ସୁଗଡ଼ବାଡ଼ି ରେ ଥିବା ପଶୁ ଚିକିତ୍ସାଳୟ ଦୀର୍ଘ ବର୍ଷ ହେବ ତାଲା ପଡ଼ି ରହୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଗାଈ ଗରୁ, ଛେଳି ମେଣ୍ଢା ଆଦି ଚିକିତ୍ସା କରିବା ପାଇଁ ନାହିଁନ ଥିବା ହଇରାଣ ହେଉଥିବା ଅଭିଯୋଗ ଆଣିଛନ୍ତି। କର୍ମଚାରୀ ସୁନନ୍ଦା ପାଢ଼ୀ ଜଣଙ୍କ ରାଇକିଆ ର ନିଜ ଘରେ ରହି ଅଫିସ ଯାଉନ ଥିବା ଏବଂ କିଏ କାହାର ଗରୁ ଚିକିତ୍ସା ପାଇଁ ଡାକିଲେ ମୁ ଜଣେ ଲେଡି କର୍ମଚାରୀ ମୁ ଯାଇ ପାରିବି ନାହିଁ.. ଯଦି ଯିବି ମତେ ଟଙ୍କା ଦେଲେ ହିଁ ଯିବି..ଏମିତି କହିବା ସହିତ ସରକାର ଙ୍କର ଆସୁଥିବା ସମସ୍ତ ସୁବିଧା ବା ମେଡିସିନ୍ ଗୋରୁ ଗାଈ ମାଲିକ ମାନଙ୍କୁ ପ୍ରଦାନ ନ କରି ନିଜେ ଆତ୍ମସାଥ କରୁଥିବା ସାଙ୍ଘାତିକ ଅଭିଯୋଗ ଆସିଛି। ଯାହାକି ଆପଣ ମାନେ ଦେଖି ପାରୁଥିବେ ଏହି କାର୍ଯ୍ୟାଳୟ ସମ୍ମୁଖରେ ପଡ଼ି ରହିଛି ମଦ ବୋତଲ। ଏଠି ପ୍ରଶ୍ନ ଉଠୁଛି ଯଦି ମହିଳା କର୍ମଚାରୀ ଅଫିସ୍ ଯିବେନି.. ଲୋକଙ୍କ ସମସ୍ୟା ବୁଝିବେନି.. ମହିଳା ବୋଲି ବାହାଦୁରି ମାରିବେ.. ତାହେଲେ ମହିଳା ମାନେ ସରକାରୀ ଚାକିରୀ କରୁଛନ୍ତି କାହିଁକି ?.। କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ମାନଙ୍କୁ କୌଣସି ସରକାରୀ ନିଯୁକ୍ତି ନଦେବା ଆହୁରି ଭଲ ହୁଅନ୍ତା ଯାହା ଏଭଳି ମହିଳା କର୍ମଚାରୀ ମାନଙ୍କ ଠାରୁ ଜଣା ପଡୁଛି। ଦେଖାଯାଉ ଏହି ଖବର ପ୍ରଶାରଣ ହେବା ପରେ କର୍ମଚାରୀ ଜଣଙ୍କ ତତ୍ପରତା ହେଉଛନ୍ତି ନା ନାଇଁ ନା ବିଭାଗୀୟ ଅଧିକାରୀ ମାନେ ତାଙ୍କୁ ଘଣ୍ଟ ଘୋଡ଼ଉ ଛନ୍ତି ତାହା ଦେଖିବା ଅପେକ୍ଷାରେ ଅଞ୍ଚଳ ବାସି ।

# ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି ନଳକୂପ



କନ୍ଧମାଳ,୪।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତୀମେଣ୍ଡି ପଞ୍ଚାୟତ ୯ ନମ୍ବର ୱାର୍ଡ଼ ବନ୍ଧସାହି ନଳକୂପ ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଦେଖିବାକୁ ମିଳିଛି। ଏହି ସାହିରେ ୨୫ ପରିବାର ବସବାସ କରନ୍ତି। ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି ସାହିର ବାସିନ୍ଦାମାନେ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ସରକାର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବ୍ଲକ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଆଜି ପର୍ଯ୍ୟନ୍ତ ମରାମତି ହୋଇ ପାରୁନାହିଁ। ହେଲେ ସରକାର ପରେ ସରକାର ବଦଳଉଛି ହେଲେ ସଠିକ୍ ଭାବରେ ସରକାର ଯୋଜନା ପହଞ୍ଚିବାର ଅସୁବିଧା ରହୁଛି କୋଉଠି ନା ଜାଣି ଶୁଣି ପ୍ରଶାସନ ନିରବ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯାହା ଫଳରେ ଜନସାଧାରଣ ପାଣି ପାଇଁ ବହୁତ ଅସୁବିଧା ହେଉଛନ୍ତି। ଅନ୍ୟ ପଟେ ରାତ୍ରି ସମୟରେ ଲାଇଟ୍ ମଧ୍ୟ ଦିର୍ଘ ଦିନ ହେବ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏ ନେଇ ଗ୍ରାମ ବାସୀ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କିଛି ସୁଫଳ ମିଳୁନି।ବାକି ରହିଲା ଖବର ପ୍ରକାଶ ପରେ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଅପେକ୍ଷାରେ ଗ୍ରାମବାସୀ।

# ଗାୟତ୍ରୀ ପାଇଲେ ଏ୧ ଗ୍ରେଡ଼



କଳାହାଣ୍ଡି,୪।୫(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ବେହେରାର ଛାତ୍ରୀ ଗାୟତ୍ରୀ ନାଗ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ଼ ସହ ୯୧.୫ ଶତକଡ଼ା ୫୪୯ ମାର୍କ ରଖି ବିଦ୍ୟାଳୟ ସହ ସମଗ୍ର ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି।ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ପକ୍ଷରୁ ଫୁଲ ତୋଡ଼ା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ତାଙ୍କର ଉଜ୍ଜ୍ୱଳ ଆଗାମୀ ଭବିଷ୍ୟତ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଣୁଆଙ୍କ ସହ ସଚ୍ଚିଦାନନ୍ଦ ଗୌଡ଼, ଚକ୍ରଧର ବାରିକ, ନରେନ୍ଦ୍ର ନାଏକ, ଜିତେନ୍ଦ୍ର ନାଏକ, କୃପା ସିନ୍ଧୁ ବେହେରା, ଚନ୍ଦନ କୁମାର ରାଉତ, ପ୍ରେମଲାଲ କାନ୍ଦ, ରାଜେନ୍ଦ୍ର ଭୋଇ, ଛବିଲାଲ ନାଏକ.ଦୁଷ୍ମନ୍ତ ନାଏକ ଓ ଟଙ୍କଧର ନାଏକ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡି ପୁଲିସକୁ ମିଳିଛି ବଡ ସଫଳତା

# ପର୍ତ୍ତ ମାହା ଜଙ୍ଗଲରୁ ୩ ଦେଶୀ ବନ୍ଧୁକ ଉଦ୍ଧାର



ଦାରିଙ୍ଗବାଡ଼ି,୪।୫(ସଂଚାର ବ୍ୟୁର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ପୁଲିସକୁ ମିଳିଛି ଏକ ବଡ ସଫଳତା, ପର୍ତ୍ତମାହା ଜଙ୍ଗଲରୁ ବେଆଇନ ଭାବେ ବ୍ୟବହୃତ ୩ ଗୋଟି ଦେଶୀ ବନ୍ଧୁକ ଜବତ କରିବାରେ ସକ୍ଷମ ହୋଇଛି ଦାରିଙ୍ଗବାଡ଼ି ପୁଲିସ।ନିର୍ଭରଯୋଗ୍ୟ ସୂଚନା ଉପରେ କାର୍ଯ୍ୟକରି ଥାନା ଆଇ ଆଇ ସି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ୍ ସଦଳ ବଳେ ପର୍ତ୍ତମାହା ଜଙ୍ଗଲରେ ଚଢ଼ାଉ କରିଥିଲେ, ଯେଉଁଥିରେ ତିନି ଗୋଟି ଦେଶୀ ବନ୍ଧୁକ ଜବତ କରିବାକୁ ସକ୍ଷମ ହୋଇଛନ୍ତି। ଏହି ବନ୍ଧୁକ ଗୁଡ଼ିକ ବଣୁଆ ଜନ୍ତୁର ବେଆଇନ ଶିକାର ତଥା ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ଏହି ଅସ୍ତ୍ର ଲୁଚାଇ ରଖା ଯାଇଥିଲା। ତେବେ ଏହି ଘଟଣାରେ କୌଣସି ଅଭିଯୁକ୍ତ ଧରା ପଡ଼ି ନ ଥିବା ବେଳେ ଥାନା କେଶ୍ ନଂ ୦୩/୨୦୨୬ ରେ ମାମଲା ରୁଜୁ କରି ବାହୁବଳୀ ଆଇନ ଧାରା ୨୫ (୧-ବି) (କ) ଅନୁଯାଇ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥିବା ନେଇ ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୁଚନା ଦେଇଛନ୍ତି।

# ପୋଖରୀ ପାଲଟୁଛି ଗୁଡ଼ାରି ସହର



ଗୁଡାରି,୪।୫(ସଂଚାର ବ୍ୟୁର): ରାୟଗଡା ଜିଲା ଗୁଡାରି ସହରର ମୁଖ୍ୟ ପ୍ରବେଶ ପଥ ତଥା ବଂଶଧାରା ନଦୀ ପୋଲଠାରୁ ସହରକୁ ସଂଯୋଗ କରୁଥିବା ପ୍ରାୟ ୧ କିମି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଛୋଟ ବଡ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଲୋକେ ଏଠାରେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ସାମାନ୍ୟ ବର୍ଷା ହେଲେ ଖାଲଖମାରେ ପାଣି ଭର୍ତ୍ତି ହୋଇ ରହୁଥିବାରୁ ପୋଖରୀ ଭ୍ରମ ସୃଷ୍ଟି କରିଥାଏ। କାଦୁଅ ରାସ୍ତାରେ ପାଣି ଜମିବା ଫଳରେ ଯାତାୟାତରେ ବାଧା ହୋଇଥାଏ। ରାସ୍ତାରେ ପ୍ରତିଦିନ ଶହ ଶହ ଗାଡିମୋଟର ଯାତାୟାତ କରୁଥିବାବେଳେ ଆମ୍ବୁଲାନ୍ସ, ଛାତ୍ରୀଛାତ୍ର ସାଇକେଲ ଓ ଚାଲି ଚାଲି ସ୍କୁଲ, କଲେଜକୁ ଯାଆସ କରିବାକୁ ବହୁ ହଇରାଣ ହେଉଛନ୍ତି। କିଛି ଦିନ ପୂର୍ବେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଗୁଡାରି ଗସ୍ତ ସମୟରେ ଏହି ରାସ୍ତାର ମରାମତି ଓ ଉନ୍ନତିକରଣ ନିମନ୍ତେ ସ୍ଥାନୀୟ 'ୟୁଥ ଫର ଚେଞ୍ଜ' ଯୁବଗୋଷ୍ଠୀ ଜିଲାପାଳଙ୍କୁ ଭେଟି ଦରଖାସ୍ତ ଦେଇଥିଲେ। ରାସ୍ତାର ମରାମତି ନିମନ୍ତେ ଜିଲାପାଳ ବିଭାଗୀୟ ଅଧିକାରୀ ଓ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କ ସହ ଆଲୋଚନା କରିଥିଲେ ଏବଂ ରାସ୍ତାର ଉନ୍ନତିକରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆସନ୍ତା ବର୍ଷାଋତୁ ଆରମ୍ଭ ପୂର୍ବରୁ ଏହି ରାସ୍ତା ମରାମତି ନ କଲେ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିବ। ତେଣୁ ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

# ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୫୦ଟି ଦରଖାସ୍ତ ଗ୍ରହଣ, ୬ର ତୁରନ୍ତ ସମାଧାନ

ସୁବର୍ଣ୍ଣପୁର,୪।୫(ସଂଚାର ବ୍ୟୁର): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମାଲିକମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ. କେ. ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୦ (ପଚାଶ) ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୪୪ (ଚଉଳିଶ)ଟି ବ୍ୟକ୍ତିଗତ ଓ ୦୬ (ଛଅ)ଟି ସାମୁହିକ ଦରଖାସ୍ତ ଥିଲା। ଶୁଣାଣି ସମୟରେ ୦୬ (ଛଅ)ଟି ଅଭିଯୋଗର ତୁରନ୍ତ ସମାଧାନ



କରାଯାଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର କାଳିଆ ମଲ୍ଲିକ, ଉପ ଜିଲ୍ଲାପାଳ ସୁଶ୍ରୀ ସୌମ୍ୟରୂପା ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ଡେପୁଟି କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏନଇପି ଶିକ୍ଷକ ତାଲିମ କର୍ମଶାଳା

ଝାରସୁଗୁଡା,୪।୫(ସଂଚାର ବ୍ୟୁର): ବେଲପାହାଡ଼ ସ୍ଥିତ ବି.ଆର. ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଠାକୁର ଅଧ୍ୟକ୍ଷତା କରିଥିଲେ। ସହକାରୀ ପ୍ରଧାନ ଶିକ୍ଷକ ରଘୁନାଥ ନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍କୁଲ ସଭାପତି କୁମାର ହେରମ୍ବ ନାରାୟଣ ନାଏକ ମଞ୍ଚାସୀନ ଥିଲେ। ଜିଏଲ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ମାଷ୍ଟରଟ୍ରେନର ରଶ୍ମିତା ନାଏକ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ପ୍ରଶିକ୍ଷଣ ଦେଇଥିଲେ। ନୂତନ ଶିକ୍ଷାନୀତିର ଗଠନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଏହାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁଟିଏ ବର୍ତ୍ତମାନର ଶିକ୍ଷା ପ୍ରଣାଳୀରେ ଶିକ୍ଷା ଗ୍ରହଣ କରିବାର ଉଦ୍ଦେଶ୍ୟ ଭାରତକୁ ବିଶ୍ୱଗୁରୁର ମାନ୍ୟତା ଦେବା ବୋଲି ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ ପରୀକ୍ଷାରେ ୯ଙ୍କୁ 'ଏ-ୱାନ' ଗ୍ରେଡ୍



ବାଲିକୁଦା,୪।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରୁ ଚଳିତ ମାଟ୍ରିକ ପରୀକ୍ଷାରେ ୯ଜଣ ବିଦ୍ୟାର୍ଥୀ ଇ-୧ ଗ୍ରେଡ଼ ରେ ଉତୀର୍ଣ୍ଣ ହୋଇଛନ୍ତି। ବାଲିକୁଦା ବ୍ଲକ ଅଧୀନରେ ଥିବା ଅଳାବୋଳ ନୋଡାଲ ଉଚ୍ଚ ବିଦ୍ୟାଳୟ ର ଅଙ୍କିତା ରଥ ୫୫୮ ନମ୍ବର, ଧନିଷ ପଞ୍ଚ ପାଣ୍ଡବ ଶୈଳବାଳା ହାଇସ୍କୁଲ ର ଛାତ୍ରୀ ଦେବୀଦତ୍ତା ଦାସ ୫୫୩ ନମ୍ବର ରଖି ଏ ୱାନ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ଥିବା ବେଳେ, ମଲ୍ଲୀକାପୁର ନିତ୍ୟାନନ୍ଦ କାନୁନଗୋ ସ୍ମାରକୀ ବିଦ୍ୟାପୀଠ ର ଛାତ୍ର ଜନ୍ମଜୟ ଲେଙ୍କା ୫୫୨, ଛାତ୍ରୀ ସ୍ମୃତିସୁଧା ସାମଲ ୫୫୧, ରଶ୍ମିରେଖା ସାହୁ ୫୪୦, ଛାତ୍ର ସଙ୍କେତ ସ୍ୱରୂପ ଜେନା ୫୪୦ ନମ୍ବର ରଖି ଥିବାବେଳେ ଅନୁରୂପ ଭାବେ ଖାଲଗାଁ ମହାବୀର ବିଦ୍ୟା ନିକେତନ ର ଛାତ୍ର ଦିବ୍ୟ ସାଇଶକ୍ତି ବେହେରା ୫୫୧, ଧନୁବେଲାରୀ ମହାମହିମ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସ୍ୱାତି ପ୍ରଗତି ନାୟକ ୫୪୧ ଏବଂ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ତଣ୍ଡିକୁଳ ର ଛାତ୍ରୀ ଭାଗ୍ୟଶ୍ରୀ ପରିଡ଼ା ୫୪୦ ନମ୍ବର ରଖି ଏ ୱାନ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। କଠିନ ପରିଶ୍ରମ ଓ ଛାତ୍ରଛାତ୍ରୀମାନଙ୍କର ଅଧ୍ୟବସାୟ ଯୋଗୁଁ ଆଜି ସେମାନେ ଏହି ସଫଳତା ହାସଲ କରିଛନ୍ତି। ବିଶେଷ କରି ମଲ୍ଲୀକାପୁର ନିତ୍ୟାନନ୍ଦ କାନୁନଗୋ ସ୍ମାରକୀ ବିଦ୍ୟାପୀଠରୁ ସର୍ବାଧିକ ୪ ଜଣ ଛାତ୍ରଛାତ୍ରୀ ଏ-ୱାନ ଗ୍ରେଡ୍ ପାଇ ବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ସ୍ଥାନୀୟ ଶିକ୍ଷାବିତ୍, ଅଭିଭାବକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନେ ସାଧୁବାଦ ଜଣାଇଛନ୍ତି।

# ଦୁଇ ବାଇକ ମୁହାଁମୁହିଁ, ଚାଳକ ଫେରାର ଜଣେ ଆହତ



ଲାଞ୍ଜିଗଡ଼,୪।୫(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଠାରୁ ବିଜେପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବନ୍ଧପାରି ଭୈରବୀ ମନ୍ଦିର ନିକଟରେ ଦୁଇ ବାଇକ ଚାଳକ ସୋମବାର ସନ୍ଧ୍ୟା ଚାରି ଘଣ୍ଟା ସମୟ ମଧ୍ୟରେ ଦୁର୍ଘଟଣାର ଶିକାର ହୋଇଥିବା ସୁଚନା ମିଳିଛି।ସୁଚନାଅନୁସାରେ ଓଡି୦୮ ଡବ୍ଲୁ୬୩୩୯ ନମ୍ବର ଏକ ପଲସର ବାଇକ ବିଶ୍ୱନାଥପୁର ଠାରୁ ମୁଷାନାଲ ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରେ ଓଡି୦୮ ଏଚ୯୭୫୯ ଏକ ଏଚଏଫଡିଲକ୍ସ ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁହିଁଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା।ଏଚ ଡିଲକ୍ସର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ପଲସର ଚାଳକକୁ ମୁଷାନାଲ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି।ଏନେଇ ଆମେ ଅଧିକ ସୂଚନା ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନ'ଥିବା ଯୋଗୁଁ ଅଧିକ ସୂଚନା ମିଳିପାରିନାହିଁ।

# ମଧୁମେହ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୪।୫(ସଂଚାର ବ୍ୟୁରୋ): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ମଧୁମେହ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଆଳସ୍ୟ, ଅଧିକ ଧାତୁକ୍ଷୟ, ମଧୁର, ଦହି ଜାତୀୟ ଖାଦ୍ୟ, ଦିବା ନିଦ୍ରା ଏହି ରୋଗର କାରଣ। ମଧୁମେହରୁ ମୁକ୍ତ ପାଇଁ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଉଷ୍ଣଜଳରେ ଲେମ୍ବୁ ଲୁଣ ସର୍ବତ ପାନ, ପ୍ରାତଃ ଭ୍ରମଣ, ଯୋଗ, ଆସନ, ପ୍ରାଣାୟାମ କରିବେ।

ଖାଦ୍ୟରେ ଗଜାମୁଗ, ସୋଲା ଚଣା, ବିଟ, ଗାଜର, ମୂଳା, ପିଆଜ, କାକୁଡି ସାଲାଡ଼ ପଚିଶ ପ୍ରତିଶତ ଖାଇବେ, ତେଲ, ଆମିଷ, କ୍ଷୀର ଜାତୀୟ ସମସ୍ତ ଖାଦ୍ୟ ଓ ଚିନ୍ତା ମୁକ୍ତ ଜୀବନ ବିତାଇଲେ ଶୀଘ୍ର ମଧୁମେହ, ରକ୍ତଚାପ, କୋଲେଷ୍ଟେରଲ୍ ଭଲ ହେଉଥିବା ସୂଚନା ଦେଇଥିଲେ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର।

# ଶିଶୁ ମନ୍ଦିରର ଶତ ପ୍ରତିଶତ ସଫଳତା



ବୈଶିଙ୍ଗା,୪।୫(ସଂଚାର ବ୍ୟୁରୋ): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା - ୨୦୨୬ ରେ ସାରା ଓଡିଶାରେ ପାଖାପାଖି ୯୫.୩୩ ପ୍ରତିଶତ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇ ହୋଇଥିବା ବେଳେ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ସମସ୍ତ ୨୩ ଜଣ ଛାତ୍ରଛାତ୍ରୀ ବେତନଟୀ ବ୍ଲକ ଅଧୀନ ବାଳକା ସରକାରୀ ଉଚ୍ଚ ବିଦ୍ୟାଳୟ ସହ ଅନୁବନ୍ଧିତ ହୋଇ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୩ ଜଣ ଏ-୧, ୨ ଜଣ ଏ-୨, ୮ ଜଣ ବି-୧, ୭ ଜଣ ବି-୨ ଏବଂ ୨ଜଣ ସି ଏବଂ ଜଣେ ଡି ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟା ମନ୍ଦିରର ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ସର୍ବୋଚ୍ଚ ୫୬୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ରେ ଆଦ୍ୟାଶା ସାହୁ ୫୫୮, କ୍ରୀଷ୍ଟା ପାଣିଗ୍ରାହୀ ୫୪୪ ନମ୍ବର ରଖି ଏ-୧ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜ୍ୟୋତିପର୍ଣ୍ଣା ଓଝା ୫୨୮ ଏବଂ କ୍ରୀଷ୍ଟା କୌଶିକ ପ୍ରଧାନ ୫୧୫ ନମ୍ବର ରଖି ଏ-୨ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରା ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, ଉପସଭାପତି ଜ୍ଞାନରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ସରୋଜ କୁମାର ପତି, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା, ସହ ସମ୍ପାଦକ ଅଜିତ କୁମାର ସେନାପତି ଏବଂ ସଦସ୍ୟା ଜୟନ୍ତୀ ପୁଥାଳ, ସହପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀଧର ମହାନ୍ତ, ଶ୍ରେଣୀ ପ୍ରମୁଖ ମାନସ କୁମାର ସିଂହ ମଞ୍ଚାସୀନ କୃତୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ତଦନୁରୂପ ଏହି ପରୀକ୍ଷାର୍ଥୀଙ୍କ ସୁନ୍ଦର ଭବିଷ୍ୟତ ନିର୍ମାଣର ବିଶ୍ୱକର୍ମା ସଦୃଶ ବିଦ୍ୟାଳୟର ସମସ୍ତ ଗୁରୁଜୀ

# ଜିଲ୍ଲା ଗଭର୍ଣ୍ଣରଙ୍କ ବେତନଟୀ ଗସ୍ତ



ବେତନଟୀ,୪।୫(ସଂଚାର ବ୍ୟୁରୋ): ବେତନଟୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀଙ୍କ ବେତନଟୀ ଆଗମନକୁ ସ୍ଥାନୀୟ ରୋଟାରିଆନ ଗଣ ସ୍ୱାଗତ କରିଥିଲେ। ସର୍ବପ୍ରଥମେ ତାଙ୍କ ସହ କ୍ଲବ ସଦସ୍ୟଗଣ ସ୍ଥାନୀୟ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଏକ ସଭାକାର୍ଯ୍ୟ ଚଣ୍ଡୀଛକସ୍ଥ ବନ୍ଧନ ମଣ୍ଡପ ଠାରେ ସଭାପତି ଗିରିଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂପାଦକ ରବୀନ୍ଦ୍ରନାଥ ମିଶ୍ର ରୋଟାରୀ କ୍ଲବ୍ ର ବିଗତ ବର୍ଷର କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ନୂତନ ଓ ଅଧିକ ସଭ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ ଏବଂ ରୋଟାରୀ ଇଣ୍ଟରନେସନାଲ କାର୍ଯ୍ୟଶୈଳୀ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ନୂତନ ଭାବେ ଆଡଭୋକେଟ୍ ସଂଜ୍ଞୟ କୁମାର ଭୂୟାଁ ସଭ୍ୟପଦ ଗ୍ରହଣ କରିଥିଲେ। ୨୦୨୬ କେନ୍ଦ୍ରୀୟ ସେକେଣ୍ଡାରୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ବେତନଟୀ ନବୋଦୟ ବିଦ୍ୟାଳୟର ୧ମ ସ୍ଥାନ ହାସଲକାରୀ ଛାତ୍ରୀ ଶ୍ରାବଣୀ ମୁର୍ମୁଙ୍କ ସମେତ ସେହି ପରୀକ୍ଷାରେ ବେତନଟୀ ବ୍ଲକରେ ୨ୟ ସ୍ଥାନର ଛାତ୍ରୀ ଇସିକା ସାହୁ ଓ ଜାଭିଆର ଇନଷ୍ଟିଚ୍ୟୁଟ୍ ର ଛାତ୍ର ବିନିତ୍ ପାଲଙ୍କୁ ରୋଟାରୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ରୋଟାରୀ ଚାଟାର୍ଡ ଶୈଳେନ୍ଦ୍ର ଖଣ୍ଡେଲୱାଲଙ୍କ ସମେତ ରୋଟାରିଆନ ଆଡଭୋକେଟ ଭଗୀରଥ ପଣ୍ଡିତ, ସଂଯୁକ୍ତା ଜୀ, ସୁନୀଲ କୁମାର ଖଣ୍ଡେଲୱାଲ, ଶିରୀଶ ଚନ୍ଦ୍ର ବାରିକ, ରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିର ବିଜୟ ଉତ୍ସବ ପାଳନ



ସୋନପୁର,୪।୫(ସଂଚାର ବ୍ୟୁରୋ): ଭାରତ ବର୍ଷ ର ତିନୋଟି ରାଜ୍ୟ ରେ ଆସାମ, ପୁଡୁଚେରୀ, ପଶ୍ଚିମ ବଙ୍ଗ, ବିଧାନସଭା ନିର୍ବାଚନ ବିଜୟ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ଠାରେ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ସାଂସଦ ପ୍ରତିନିଧି ସାନନ୍ଦ ମେହେର ଙ୍କ ନେତୃତ୍ୱ ରେ ଶତାଧିକ ଦଳୀୟ କର୍ମୀ ଓ ନେତା ଯୋଗ ଦେଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହ ଙ୍କ ନାରାବାଜି ଦେଇ ବାଣ ଫଟକା ଫୁଟାଇ ସହର ପ୍ରକମ୍ପିତ କରିଥିଲେ। କର୍ମୀ ଓ ଜନସାଧାରଣ ଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ।

# ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମିଳିତ କ୍ରିୟାନୁଷ୍ଠାନ ବୈଠକ



କନ୍ଧମାଳ,୪।୫(ସଂଚାର ବ୍ୟୁରୋ): ଘୁ.ଉଦୟଗିରି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି। ସୂଚନା ଅନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଅଛନ୍ତି ଏବଂ ସେମାନଙ୍କର ଉପସ୍ଥାପନ ମଧ୍ୟ ପଡୁଛି। କିନ୍ତୁ ପ୍ରକୃତରେ ସେମାନେ କାର୍ଯ୍ୟ କରୁନଥିବା ନଜରକୁ ଆସିଛି। ଏହାଫଳରେ ଅଞ୍ଚଳର ଜନସାଧାରଣ ଉଚିତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ଯୋଗୁଁ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଦୟନୀୟ ହୋଇପଡ଼ିଥିବା ବୈଠକରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଶିଶୁ ଓ ପ୍ରସୂତି ବିଭାଗ ଡାକ୍ତର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇଛନ୍ତି କିନ୍ତୁ ସପ୍ତାହରେ ମାତ୍ର ଦୁଇ ଦିନ ଆସୁଛନ୍ତି ଏବଂ ଔଷଧ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁନଥିବା ନଜରକୁ ଆସିଛି। ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟି ରଖି ଆଜି ଅଞ୍ଚଳର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଏହି ଆଲୋଚନା କରାଯାଇଛି। ଆସନ୍ତା ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ନିଷ୍ପତି କରାଯାଇଛି। ଏଥିସହିତ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ମଧ୍ୟ ଦାବି ପତ୍ର ଦେଇ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ସ୍ଥିର କରାଯାଇଛି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଘୁ.ଉଦୟଗିରି ବ୍ଲକର ୮ ଟି ପଞ୍ଚାୟତର ଅଞ୍ଚଳବାସୀ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଈଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ତରଫରୁ ଅସହାୟଙ୍କୁ ସାହାଯ୍ୟତା ପ୍ରଦାନ



ବୈଶିଙ୍ଗା,୪।୫(ସଂଚାର ବ୍ୟୁରୋ): ବଡସାହି ବିଧାୟକ ଙ୍କ ନିଜ ଗ୍ରାମ କଳମା ଗ୍ରାମରେ ଜଣେ ୮୫ ବର୍ଷର ବୃଦ୍ଧ ପ୍ରଭାସ ଯେନା ଦୁର୍ଘଟଣା ପରେ ପଙ୍ଗୁ ପାଲଟି ଯିବା ଏବଂ ପୁତ୍ରବଧୁ କର୍କଟ ରୋଗରେ ରେ ପିଡିତା ହେବା ପରେ କୌଣସି ସରକାରୀ ସାହାଯ୍ୟ ନ ପାଇବା ଅତ୍ୟନ୍ତ ପରିତାପର ବିଷୟ ପାଲଟିଛି। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବାଲେଶ୍ୱରର ଇଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସହଯୋଗ ରାଶି ପ୍ରଦାନ କରାଯାଇଥିଲା । ଟ୍ରଷ୍ଟର ମୁଖ୍ୟ ଲୋକନାଥ ପିରି , ସଭାପତି ସରୋଜ କୁମାର ସାହୁ, ସମ୍ପାଦିକା ଅମିତା ପିରି , ସଦସ୍ୟ ଭାବେ ସାମ୍ବାଦିକ ଦୀପକ ମାଝୀ, ହରିଶ ମହାନ୍ତି,ଶକ୍ତି ଦାସ, ମଞ୍ଜୁଲତା ଦାସ, ଜୟଶ୍ରୀ ପାଲ ଓ ସତ୍ୟ ପ୍ରକାଶ ବେରାଙ୍କ ସମେତ ବୈଶିଙ୍ଗା ମିଡିଆ ସେଣ୍ଟର ର ମୁଖ୍ୟ ବିମଳେନ୍ଦୁ ମହାପାତ୍ର ପ୍ରମୁଖ ପିଡିତ ଙ୍କ ଘରେ ପହଞ୍ଚି ହାନି ଲାଭ ବୁଝିବା ସହିତ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ସରକାରୀ ସାହାଯ୍ୟ କେମିତି ପାଇ ପାରିବେ ସେଥିପାଇଁ ଚେଷ୍ଟା କରିବେ କହିଥିଲେ । ସଦସ୍ୟ ଅସହାୟ ପରିବାରର ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ର ଗୋଟିଏ ଦିନରେ ରାଜସ୍ୱ ବିଭାଗରୁ ଆଣି ତାଙ୍କ ନିକଟରେ ପହଞ୍ଚାଇ ଥିବାରୁ ପରିବାର ବର୍ଗ କୃତଜ୍ଞତା ଜଣାଇଥିଲେ । ଏଭଳି ଏକ ଦୃଶ୍ୟ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ କଳମା ପଂଚାୟତର କଳମା ଗାଁରେ ଦେଖା ଯାଇଛି। ଗାଁର ପ୍ରଭାସ ଯେନା (୮୫)ଙ୍କ ପରିବାର କହିଲେ ସ୍ତ୍ରୀ ଭାରତୀ ଏବଂ ତାଙ୍କର ଜଣେ ପୁଅ ରବିନ୍ଦ୍ର ଓରଫ ବାବୁ (୪୦) । ୪ ଝିଅଙ୍କ ବିବାହ ସରିଛି । ପ୍ରାୟ ୫ ବର୍ଷ ତଳେ ସେ ତାଙ୍କ ଘରକୁ ଯିବା ପାଇଁ ରାସ୍ତା ପାରି ହେଉଥିଲେ ।